ବର୍ଷ-୨୫, ସଂଖ୍ୟା-୪୭
ଭୁବନେଶ୍ୱର
୧୭, ଫେବୃଆରୀ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 47
Bhubaneswar
17 February, 2025, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଶ୍ରୀମନ୍ଦିରରେ ଆଇପିଏଲ୍ ଟ୍ରଫି

# ସତ୍ୟବାଦୀ ଥିଲା ଓଡ଼ିଆ ଓ ଜାତୀୟ ନବଜାଗରଣ କେନ୍ଦ୍ର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ସତ୍ୟବାଦୀ,୧୬।୨(ମହାଭାରତ): ଓଡ଼ିଆ ନବଜାଗରଣର ପୀଠ ହେଉଛି ସତ୍ୟବାଦୀ ଏବଂ ସତ୍ୟବାଦୀ ବନ ବିଦ୍ୟାଳୟ ଥିଲା ଓଡ଼ିଆ ଜାତୀୟ ଚେତନାର କେନ୍ଦ୍ର । ସତ୍ୟବାଦୀର ପ□ସଖା ଥିଲେ ସମାଜର ଆଇନା ସଦୃଶ। ସେମାନେ ଶିକ୍ଷା ଦ୍ୱାରା ମାନବ ଜୀବନର ନୀତି ଆଦର୍ଶକୁ ପ୍ରତିଫଳନ କରାଇବା ସହିତ ଓଡ଼ିଶାର ବୌଦ୍ଧିକ ସ୍ୱତନ୍ତ୍ରତାର ବାର୍ତ୍ତାବହକ ଥିଲେ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାକ୍ଷୀଗୋପାଳ ଠାରେ ସ୍ୱୟବାଦୀ ମହୋତ୍ସବ ୨୦୨୫ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି।

ସତ୍ୟବାଦୀର ଅସ୍ମିତା ଓ ଗୌରବକୁ ଆଧାର କରି ଏ ଅ□ଳର ଆବଶ୍ୟକୀୟ ଭିତ୍ତିଭୂମି ଏବଂ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମଗ୍ର ଓଡ଼ିଶାକୁ ଶିକ୍ଷାର ଜ୍ୟୋତିରେ ଆଲୋକିତ କରୁଥିବା ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ବନ ବିଦ୍ୟାଳୟର ପୁନରୁଦ୍ଧାର ପାଇଁ ଆମ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ବିଦ୍ୟାଳୟର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ବର୍ତ୍ତମାନର ପିଢ଼ିକୁ ଅବଗତ କରାଇବା ପାଇଁ ବକୁଳ ବନରେ



ଏହାର ମୌଳିକ ଢା□। ଅନୁରୂପ ଶିକ୍ଷା ପରିବେଶ ବିକଶିତ କରାଯିବ।ବକୁଳ ବନ ଓ ସ୍ୱୟବାଦୀ ବନ ବିଦ୍ୟାଳୟର ପୁନରୁଦ୍ଧାର ଓ ବିକାଶ କରାଯାଇ ଏହାକୁ ଏକ ଐତିହ୍ୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଯିବ ବୋଲି ସେ କହିଥିଲେ। ସେ ପୁଣି କହିଥିଲେ, ଏଥିସହିତ ସାକ୍ଷୀଗୋପାଳ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ଅ□ଳର ମଧ୍ୟ ବିକାଶ କରାଯିବ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ସତ୍ୟବାଦୀ ବନ ବିଦ୍ୟାଳୟ ଥିଲା ସେ ସମୟରେ ଓଡ଼ିଶାର ଏକ ମଣିଷ ତିଆରି କାରଖାନା। ପଣ୍ଡିତ ଗୋପବନ୍ଧୁଙ୍କ ତତ୍ତ୍ୱାବଧାନରେ ଗୁରୁମାନଙ୍କ ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଫଳରେ ଏହି ବନ ବିଦ୍ୟାଳୟ ସମଗ୍ର ରାଜ୍ୟରେ ଏକ ଆଦର୍ଶ ଶିକ୍ଷାକେନ୍ଦ୍ର ଭାବରେ ପରିଗଣିତ ହେଉଥିଲା। ଏହି ବିଦ୍ୟାଳୟ ଛାତ୍ରମାନଙ୍କୁ ଚରିତ୍ରବାନ୍, ସେବା ପରାୟଣ ଓ ସ୍ୱାର୍ଥତ୍ୟାଗୀ କରି ଗଢ଼ି ତୋଳୁଥିଲା। ଫଳରେ ସେମାନେ ମାନବ ସେବାକୁ ପ୍ରକୃତ ସେବା ଭାବେ ଗ୍ରହଣ କରୁଥିଲେ।

ସ୍ୱୟବାଦୀ ମହୋତ୍ସବରେ ଯୋଗ ଦେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଓଡ଼ିଆ ବିଶ୍ୱ ବିଦ୍ୟାଳୟ ପରିଦର୍ଶନ କରି ଏହାର ଭିତ୍ତିଭୂମି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ବିଶ୍ୱ ବିଦ୍ୟାଳୟର କୁଳପତି, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ମହୋତ୍ସବରେ ଓଡ଼ିଆ ବିଶ୍ୱ ବିଦ୍ୟାଳୟର ଉନ୍ନତି ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ସ୍ୱୟବାଦୀ ଠାରେ ପ୍ରତିଷ୍ଠିତ ଓଡ଼ିଆ। ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ଏହାକୁ ଓଡ଼ିଆ। ଭାଷା ସାହିତ୍ୟର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ ।

ଓଡ଼ିଆ। ଅସ୍ମିତାର ପ୍ରଚାର ପ୍ରସାର ପାଇଁ ଏହା ଏକ ପ୍ରମୁଖ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସତ୍ୟବାଦୀର ଇତିହାସକୁ ଅବତାରଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦେଶ ସ୍ୱାଧୀନତାର ଘଡ଼ିସନ୍ଧି ମୁହୂର୍ତ୍ତରେ ଏହି ପ□ସଖା ସ୍ୱୟବାଦୀ ବନ ବିଦ୍ୟାଳୟ ପରିଚାଳନା କରିବା ସହିତ ନିଜ ନିଜ ଲେଖନୀ ଚାଳନା ବଳରେ ସ୍ୱାଧୀନତା ସଂଗ୍ରାମକୁ ମଧ୍ୟ ଏଠାରୁ ଇନ୍ଧନ ଯୋଗାଉଥିଲେ। ପ୍ରାଚୀନ ଗୁରୁକୁଳ ଆଦର୍ଶରେ ଯୁଗୋପଯୋଗୀ ଶିକ୍ଷା ପ୍ରଦାନ ଆଭିମୁଖ୍ୟ ରଖିଥିବା ଏହି ବନ ବିଦ୍ୟାଳୟରେ ପଣ୍ଡିତ ଗୋପବନ୍ଧୁଙ୍କ ଅଟଳ ମନୋବୃତ୍ତି, ନୀଳକଣ୍ଠଙ୍କ ସାଙ୍ଗଠନିକ ଶକ୍ତି, ଗୋଦାବରୀଶଙ୍କ ଶିକ୍ଷାଦାନର ଆଦର୍ଶ, କୃପାସିନ୍ଧୁଙ୍କ ଐତିହ୍ୟ ଓ ପରମ୍ପରା ପ୍ରତି ଅଗାଧ ବିଶ୍ୱାସ ଏବଂ ଆଚାର୍ଯ୍ୟ ହରିହରଙ୍କ ଋଷିପ୍ରାଣତା ଓ ପିତୃସୁଲଭ ବାତ୍ସଲ୍ୟ ମନୋଭାବ ଶିଷ୍ୟମାନଙ୍କୁ ବାନ୍ଧି ରଖିଥିଲା ଓ ଅନୁପ୍ରାଣିତ କରୁଥିଲା । ଓଡ଼ିଆ ଭାଷା ସାହିତ୍ୟକୁ ମଧ୍ୟ ସତ୍ୟବାଦୀର ଅବଦାନ ଅତୁଳନୀୟ। ସତ୍ୟବାଦୀ ସାହିତ୍ୟ ଥିଲା ଓଡ଼ିଆ ଜାତି ଗଠନର ପ୍ରେରଣା ଓ ପ୍ରୋତ୍ସାହନ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ୮ ମାସ ମଧ୍ୟରେ ଆମ ସରକାର ରାଜ୍ୟବାସୀଙ୍କ ପାଇଁ ଅନେକ କଲ୍ୟାଣକାରୀ ପଦକ୍ଷେପ ନେଇଛନ୍ତି। ସୁଭଦ୍ରା ଯୋଜନାରେ ୯୮ ଲକ୍ଷ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପ୍ରବାସୀ ଭାରତୀୟ ଦିବସରେ ଯୋଗ ଦେଇଥିବା ୭୦ ରୁ ଉର୍ଦ୍ଧ୍ୱ ଦେଶରୁ ଆସିଥିବା ପ୍ରବାସୀ ଭାରତୀୟମାନଙ୍କୁ ପୁରୀର ସୌନ୍ଦର୍ଯ୍ୟ ବିମୋହିତ କରିଛି। ବିକଶିତ ଓ ସମୃଦ୍ଧ ଓଡ଼ିଶାର ଏକ ପ୍ରମୁଖ ଅଂଶ ପୁରୀ ଜିଲ୍ଲାର ବିକାଶରେ ସତ୍ୟବାଦୀର ପ୍ରମୁଖ ଭୂମିକା ରହିବ। ସତ୍ୟବାଦୀର ଅସ୍ମିତା ଓ ଗୌରବକୁ ଆଧାର କରି ଏ ଅ□ଳର ଆବଶ୍ୟକୀୟ ଭିତ୍ତିଭୂମି ଓ ମୌଳିକ ସୁବିଧା ସୁଯୋଗର ବିକାଶ କରାଯାଇ ସତ୍ୟବାଦୀକୁ ବିକଶିତ ଓଡ଼ିଶା ଗଠନର ମୁଖ୍ୟ ସ୍ରୋତରେ ସାମିଲ କରାଯିବ ।

କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର, ସ୍ୱୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ସତ୍ୟାବାଦୀର ବିକାଶ ସହିତ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ଦିଗରେ ସମସ୍ତେ ମିଳିମିଶି କାମ କରିବା ପାଇଁ ଆହ୍ୱାନ ଦେଇଥିଲେ।

## ୧୩ ଜିଲ୍ଲାରେ ବିଜେପିର ସଭାପତି ଘୋଷଣା

**ଭୁବନେଶ୍ୱର,୧୬।୨(ମହାଭାରତ):** ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି)ର ଓଡ଼ିଶା ଶାଖା ବିଭିନ୍ନ ଜିଲ୍ଲାରେ ସଭାପତିଙ୍କ ନାମ ଘୋଷଣା କରିଛି। ପୂର୍ବରୁ କିଛି ଜିଲ୍ଲାରେ ସଭାପତିଙ୍କ ନାମ ଘୋଷଣା କରିସାରିଥିବା ବେଳେ ଆଜି ୧୩ଟି ଜିଲ୍ଲାର ସଭାପତିଙ୍କ ନାଁ ରବିବାର ଘୋଷଣା କରିଛି। ଦଳ ଅନୁଗୁଳ ପାଇଁ ଯଯାତି କେଶରୀ ପଟ୍ଟନାୟକ, ଭଦ୍ରକ ପାଇଁ ଭଗବାନ ପଣ୍ଡା, ଭୁବନେଶ୍ୱର ପାଇଁ ନିରଞ୍ଜନ ମିଶ୍ର, ଗଜପତି ପାଇଁ ନବକିଶୋର ଶବର ଓ ଯାଜପୁର ପାଇଁ ଦେବଯାନୀ ପ୍ରଧାନଙ୍କୁ ସଭାପତି ଭାବେ ନାମ ଘୋଷଣା କରିଛି।

ସେହିପରି ଝାରସୁଗୁଡ଼ା ପାଇଁ ରଘୁନନ୍ଦନ ପଣ୍ଡା, କନ୍ଧମାଳ ପାଇଁ ପଣ୍ଡିତ କୁମାର ବିସ୍ୱମାଝୀ, ଖୋର୍ଦ୍ଧା ପାଇଁ ବିଶ୍ୱରଞ୍ଜନ ବଡ଼ଜେନା, କୋରାପୁଟ ପାଇଁ ଶିବ ମୁଦୁଲି ଓ ନୟାଗଡ଼ ପାଇଁ ତାପସ ରଞ୍ଜନ ମାର୍ଥାଙ୍କୁ ବିଜେପି ଜିଲ୍ଲା ସଭାପତି କରିଛି । ବିଜେପି ପୂର୍ବରୁ ଗଞ୍ଜାମରେ ସରୋଜ ସାବତ, ବାଲାଙ୍ଗୀରରେ ଶ୍ରୀବତ୍ସ ବେହେରା, ପୁରୀରେ ଦେବେନ୍ଦ୍ର ତରାଇ, ସୁନ୍ଦରଗଡ଼ରେ ଗିରିଶ ସାହୁ, ଢେଙ୍କାନାଳରେ ରାହାସ ବିହାରୀ ବେହେରା, କେନ୍ଦ୍ରାପଡ଼ାରେ ଶଶାଙ୍କ ଶେଖର ସେଠୀ, ବାଲେଶ୍ୱରରେ ଈଶ୍ୱର ଚନ୍ଦ୍ର ବେହେରା, କଟକ ନଗରରେ ସୁକାନ୍ତ ବିଶ୍ୱାଳ, କଳାହାଣ୍ଡିରେ ଯୁଗଳ ପୋଢ଼, ମୟୂରଭଂଗରେ ଜୁରିଲାଲ ମହନ୍ତ ଓ ଦେବଗଡ଼ରେ ଅରୁଣ କୁମାର ସାହୁଙ୍କୁ ଜିଲ୍ଲା ସଭାପତି କରିଥିଲା।

# କଂଗ୍ରେସର ପ୍ରୟାସ : ୧୮ରୁ ପଦଯାତ୍ରା

**ଭୁବନେଶ୍ୱର,୧୬।୨(ମହାଭାରତ):** ପିସିସି ସଭାପତି ହେବା ପରେ ଭକ୍ତ ଦାସଙ୍କ ନଜର ଏବେ ବିଜେଡି ନେତାଙ୍କ ଉପରେ ରହିଛି। ଯେଉଁ ନେତାମାନେ ନିର୍ବାଚନ ସମୟରେ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିଲେ ତେବେ ନିର୍ବାଚନରେ ଦଳ କ୍ଷମତାଚ୍ୟୁତ ହେବା ପରେ ଏହି ନେତାମାନେ ଏବେ ଏକପ୍ରକାର ଏକଘରକିଆ। ହୋଇପଡିଛନ୍ତି। ତେଣୁ ନୂଆ ପିସିସି ମୁଖିଆ ଭକ୍ତଙ୍କ ଡାକରା ସେମାନଙ୍କୁ ସଞ୍ଜିବନୀ ଦେଇଛି ଏବଂ ଭକ୍ତ ଦାସଙ୍କ ସର୍ବକ୍ଷମା ଯୋଜନା ପରେ ସେମାନେ ବିଜେଡି ଛାଡି କଂଗ୍ରେସକୁ ଫେରି ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ରାଜ୍ୟ କଂଗ୍ରେସର ଦାୟିତ୍ୱ ନେବା ପରେ ଆସନ୍ତା ମଙ୍ଗଳବାର ଓଡିଶା ଆସୁଛନ୍ତି ଭକ୍ତ ଦାସ। ସେହିଦିନ କଂଗ୍ରେସ ଆରମ୍ଭ କରିବ ସଂକଳ୍ପ ପଦଯାତ୍ରା ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ହେବ ପଦଯାତ୍ରା।

ନିର୍ବାଚନ ପୂର୍ବରୁ ପୂର୍ବତନ ବିଧାୟକ ଚିରଞ୍ଜୀବୀ ବିଶ୍ୱାଳ, ସୁରେନ୍ଦ୍ର ସିଂ ଭୋଇ, ପ୍ରଫୁଲ୍ଲ ମାଝୀ, ଅଂଶୁମାନ ମହାନ୍ତି, ଭୂପିନ୍ଦର



ସିଂଙ୍କ ଭଳି ପୁରୁଖା ନେତାଙ୍କ ନାଁ ଅଧିକ ଚର୍ଚ୍ଚାରେ। କାରଣ ସେମାନେ ବିଜେଡିରେ ମିଶିଥିଲେ। ଭକ୍ତ ଦାସଙ୍କ ସର୍ବକ୍ଷମା ଯୋଜନା ପରେ ସେମାନେ ବିଜେଡି ଛାଡି କଂଗ୍ରେସକୁ ଫେରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।ଏପରିକି କଂଗ୍ରେସର ବହୁ ବରିଷ୍ଠ ନେତା ପୂର୍ବରୁ ବିଜେଡିରେ ସାମିଲ ହୋଇଥିଲେ। ଏବେ ସେମାନଙ୍କୁ ଦଳକୁ ଫେରାଇ ନେବାକୁ ଆହ୍ୱାନ ଦେଇ ବିଜେଡିର ଟେନସନ୍ ବଢ଼ାଇଛନ୍ତି ଭକ୍ତ।

କେବଳ ସେତିକି ନୁହେଁ ପଶ୍ଚିମ ଓଡ଼ିଶାରେ କଂଗ୍ରେସର ଏବେ ବି ଭୋଟ ବ୍ୟାଙ୍କ ରହିଛି। ଭକ୍ତ ଦାସ ପଶ୍ଚିମ ଓଡିଶାର ନେତୃତ୍ୱ ନେଉଥିବାରୁ କଂଗ୍ରେସକୁ ଏହା ଅଧିକ ମାଇଲେଜ ଦେବ। ଏପରିକି ଏବେ ପଶ୍ଚିମ ଓଡିଶାରେ କଂଗ୍ରେସ ସହ ବିଜେପିର ଲଢେଇ ବୋଲି କୁହାଯାଉଛି। ଯେଉଁ ନେତା କଂଗ୍ରେସ ଛାଡି ବିଜେଡି ଯାଇଛନ୍ତି, ସେମାନେ ଯଦି ଫେରନ୍ତି କଂଗ୍ରେସକୁ ଅଧିକ ଫାଇଦା ହେବ ବୋଲି ରାଜନୈତିକ ସମୀକ୍ଷକ କହିଛନ୍ତି ।

ରାଜ୍ୟ କଂଗ୍ରେସ ଦାୟିତ୍ୱ ନେବା ପରେ ମଙ୍ଗଳବାର ଓଡ଼ିଶା ଆସୁଛନ୍ତି ଭକ୍ତ ଦାସ ସେହିଦିନ କଂଗ୍ରେସ ଆରମ୍ଭ କରିବ ସଂକଳ୍ପ ପଦଯାତ୍ରାଏହା ଭୁବନେଶ୍ୱର ବିମାନବନ୍ଦର ଠାରୁ ଲିଙ୍ଗିପୁର ପର୍ଯ୍ୟନ୍ତ ଯିବପୁନର୍ବାର ଲିଙ୍ଗିପୁରରୁ ପିପିଲି ପର୍ଯ୍ୟନ୍ତ ପଦଯାତ୍ରା ପରେ ପିପିଲିରେ ରାତ୍ରିଯାପନ କରିବେ। ପିସିସି ସଭାପତି, ଅନ୍ୟ କଂଗ୍ରେସ ନେତା ଓ କର୍ମୀପରେ ୧୯ ତାରିଖରେ ପୁନର୍ବାର ପଦଯାତ୍ରା ଆରମ୍ଭ ହୋଇ ତେଇଶିପୁରୁ ପର୍ଯ୍ୟନ୍ତ ଯିବ। ପରେ ଚନ୍ଦନପୁରରେ ପଦଯାତ୍ରା ପହଂଚି ରାତ୍ରିଯାପନ କରିବେ କଂଗ୍ରେସ ନେତା। ସେହିଭଳି ୨୦ ତାରିଖ ସକାଳେ ପଦଯାତ୍ରା ଚନ୍ଦନପୁରରୁ ବାହାରି ବାଟମଙ୍ଗଳାରେ ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ନବ ନିଯୁକ୍ତ ପିସିସି ସଭାପତି ଓ କଂଗ୍ରେସ କର୍ମୀ, ନେତା ସଫଳ ଓଡ଼ିଶାର ରୂପାୟନ ସହ ଉନ୍ନତି କାମନା ହିଁ ଏହି ପଦଯାତ୍ରାର ମୁଖ୍ୟ ଲକ୍ଷ୍ୟ।

# ଟ୍ରକ୍ ଧକ୍କାରେ ଚାଲିଗଲା ଡିଏସ୍‌ପିଙ୍କ ଜୀବନ

**ପାଣିକୋଇଲି/କୋରୋଇ,୧୬।୨(ମହାଭାରତ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ପୁଲିସ ଅଧିକାରୀଙ୍କ ସମେତ ଦୁଇ ଜଣ ମୃତ୍ୟୁ ବରଣ କରିଛନ୍ତି। ସୁଚନାନୁସାରେ ପାଣିକୋଇଲି ପଟୁ ଯାଜପୁର ରୋଡ଼ ଅଭିମୁଖେ ଏକ ଟ୍ରକ( ଓଡ଼ି୦୪ଏମ୯୩୭୨) ରଙ୍ଗ ରୁଟରେ ଯାଉଥିବା ବେଳେ ଯାଜପୁର ରୋଡ଼ ପଟୁ ଏକ କାର(ଓଡ଼ି୦୯ଶ୮୨୬)ରେ ଯାଜପୁର ଜିଲ୍ଲା ପୁଲିସରେ ଡ଼ିଏସପି ଭାବେ କାର୍ଯ୍ୟରତ ବଳରାମ ନାୟକ ଓ ତାଙ୍କର ସମ୍ପର୍କୀୟ ପୁର୍ଣଚନ୍ଦ୍ର ନାୟକ ପାଣିକୋଇଲି ଅଭିମୁଖେ ଆସୁଥିଲେ। ତେବେ ପାଣିକୋଇଲି ପହଂଚିବା ପୂର୍ବରୁ ଚାନ୍ଦପୁର ନିକଟରେ ଉକ୍ତ ଟ୍ରକ ସହିତ କାରର ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବଳରାମଙ୍କ ସମେତ ତାଙ୍କର ସମ୍ପର୍କୀୟ ଗୁରୁତର ଅବସ୍ଥାରେ କାର ଭିତରେ ଚାପି ହୋଇ ରହିଯାଇଥିଲେ।



ମୃତ ଡ଼ିଏସପି ବଳରାମ ଯାଜପୁର ଜିଲ୍ଲା ପୁଲିସରେ କାର୍ଯ୍ୟରତ ଥିବା ବେଳେ ଇତ୍ୟ ମଧ୍ୟରେ ତାଙ୍କର ଜଗତସିଂହପୁର ଜିଲ୍ଲାକୁ ବଦଳି ହୋଇଥିଲା। ଖବର ପାଇ ପାଣିକୋଇଲି ପୁଲିସ ,ଆମେ ଆପଣଙ୍କ ପଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟଙ୍କ ସମେତ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଂଚି ଗୁରୁତର ଦୁଇ ଜଣକୁ ଯାଜପୁର ମୂଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଡ଼ାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାଣିକୋଇଲି ପୁଲିସ ଉଭୟ ଟ୍ରକ ଓ କାରକୁ ଜବତ କରିଛି।

## ବାଇକ୍‌କୁ ପଛପଟୁ ପିଟିଲା ବଲେରୋ: ଦୁଇ ମୃତ

ବୌଦ୍ଧଙ୍କଳ୧୬।୦୨: ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଖଜୁରିପଡ଼ା ଛକ ନିକଟରେ ଏକ ବାଇକ୍‌କୁ ପଛପଟରୁ ଏକ ବଲେରୋ ଧକ୍କା ଦେବା ଫଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମର ବିଘ୍ନେଶ୍ୱର ମାହାର (୩୬ବର୍ଷ) ଓ ଓମ୍‌କାର ସେଠୀ (୮ବର୍ଷ) ।

ହରଭଙ୍ଗା ବ୍ଲକ୍ ଶ୍ୟାମସୁନ୍ଦରପୁର ଗ୍ରାମର ହିମାଂଶୁ ସେଠୀ(୬୫ବର୍ଷ) ତାଙ୍କ ନାତି ଓମ୍କାର ସେଠୀଙ୍କୁ ନେଇ ଗ୍ରାମର ବିଘ୍ନେଶ୍ୱର ମାହାରଙ୍କ ସହିତ ଏକ ବାଇକ୍ ଯୋଗେ ସନ୍ଧ୍ୟାରେ ଘରକୁ ଫେରୁଥିଲେ ଜାତୀୟ ରାଜପଥର ଖଜୁରିପଡ଼ା ଛକ ନିକଟରେ ତାଙ୍କ ବାଇକ୍‌କୁ ଏକ ବଲେରୋ ପଛପଟୁ ଧକ୍କା ଦେଇଥିଲା ।

# ଆଜି ରାଜ୍ୟ ବଜେଟ୍

**ଭୁବନେଶ୍ୱର,୧୬।୨(ମହାଭାରତ):** ଆସନ୍ତାକାଲି ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଆସିବ ରାଜ୍ୟ ବଜେଟ ବଜେଟ ଆଗତ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।ମୋହନ ସରକାରଙ୍କର ଏହା ଦ୍ୱିତୀୟ ବଜେଟ ହୋଇଥିବା ବେଳେ ଏଥିରେ କଣ ଫୋକସରେ ରହିବ ତାହା ଉପରେ ସାରା ରାଜ୍ୟ ନଜର ରଖିଛି।ବଡ଼କଥା ହେଉଛି ଚଳିତ ବର୍ଷ ବଜେଟର ଆକାର ୩ ଲକ୍ଷ କୋଟି ଛୁଇଁବା ସମ୍ଭାବନା ରହିଛି।ଗତ ଆର୍ଥିକ ବର୍ଷରେ ବଜେଟର ଆକାର ଥିଲା ୨.୬୫ ଲକ୍ଷ କୋଟି ଟଙ୍କା। ଚଳିତ ବଜେଟର ଆକାର ପ୍ରାୟ ୩୦ ହଜାର କୋଟି ଟଙ୍କା ବୃଦ୍ଧି ପାଇବା ସମ୍ଭାବନା ରହିଛି। ଫଳରେ ୩ ଲକ୍ଷ କୋଟି ବ୍ୟୟ ବରାଦ ଛୁଇଁ ପାରେ ।ଏଥରର ରାଜ୍ୟ ବଜେଟ ତେବେ କଣ ରହିବ ଫୋକସରେ ।

ନିଯୁକ୍ତି ଓ ଉତ୍ପାଦନ ଉପରେ ଦିଆଯାଇପାରେ ଗୁରୁତ୍ୱ। ଗାଁରେ ଆର୍ଥିକ ସ୍ରୋତ ସୃଷ୍ଟି କରିବାକୁ ସରକାର ଆଣିପାରନ୍ତି ନୂଆ ଯୋଜନା। ସଂକଳ୍ପ ପତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତି ରକ୍ଷା ଉପରେ ଦେଇପାରନ୍ତି ଗୁରୁତ୍ୱ। ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ହୋଇପାରେ ଯୋଜନା। ଆଇଟି, ଷ୍ଟିଲ, ଅକ୍ଷୟ ଶକ୍ତି, ଏଗ୍ରୋ ଇଣ୍ଡଷ୍ଟ୍ରିଜ, ପେଟ୍ରୋ କେମିକାଲ ଓ ଟେକ୍ସଟାଇଲ ଉପରେ ଦିଆଯାଇପାରେ ଗୁରୁତ୍ୱ।ଆବାସ, ସୁଭଦ୍ରା ଭଳି ଲୋକାଭିମୁଖୀ ଯୋଜନା ବାବଦରେ ସରକାର କିଛି ନୂଆ। ଘୋଷଣା କରିପାରନ୍ତି।

ରାଜ୍ୟ ବଜେଟକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟ ମତାମତ ଦେଇଛନ୍ତି ।ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ବଜେଟ ବିକାଶମୁଖୀ ହେବ ବଜେଟ। ସମ୍ପୂର୍ଣ୍ଣ



ରୂପେ ଓଡ଼ିଶାର ବିକାଶକୁ ଏକ ନୂଆ ଚିତ୍ର ଓ ନୂଆ। ମାନଚିତ୍ର ଦେବ ବୋଲି ସେ ଆଶା ପୋଷଣ କରିଛନ୍ତି।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ।ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ଏକ ସୁସ୍ଥ ଅର୍ଥନୈତିକ ବ୍ୟବସ୍ଥାକୁ ଛାଡିକି ଯାଇଛନ୍ତି। ଓଡିଶାର ଅର୍ଥନୀତି ଆଗେଇଛି ବୋଲି ନୀତି ଆୟୋଗ ସ୍ୱୀକାର ମଧ୍ୟ କରିଛି। ଓଡିଶା ଏକ ବଳକା ରାଜ୍ୟରେ ପରିଣତ ହୋଇଛି। ରାଜ୍ୟ ସରକାର ଏସବୁକୁ ଦୃଷ୍ଟିରେ ରଖି ବଜେଟରେ ଲୋକଙ୍କ ଆଶା ପୂରଣ କରିବେ ବେଲି ଆଶା କରିଛି ବିଜେଡି।

କଂଗ୍ରେସ କହିଛି ୮ ମାସ ସରକାର କୈଣସି ଆଖିଦୃଶିଆ। ପଦକ୍ଷେପ ନେଇ ନାହାନ୍ତି। ଆବାସ ଯୋଜନାକୁ ଅଧିକ ପ୍ରାଧାନ୍ୟ ଦେବେ ବୋଲି ଆଶା। ନିଯୁକ୍ତି ସୃଷ୍ଟିକୁ ସରକାର ଗୁରୁତ୍ୱ ଦେବା ଦରକାର ବୋଲି କହିଛି କଂଗ୍ରେସ।

## ସହଦେବ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୬।୨(ମହାଭାରତ): ରାଜଧାନୀ ଭୁବନେଶ୍ୱରରେ ବହୁ ଚର୍ଚ୍ଚିତ ସହଦେବ ନାୟକଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ରମା ନାୟକ ରବିବାର ଥାନାରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ପରେ ପୋଲିସ ତାଙ୍କୁ ଗିରଫ କରିଛି। ଘଟଣା ଦିନ ସହଦେବଙ୍କୁ ବିଚ୍ ରାସ୍ତାରେ ଖଣ୍ଡାରେ ହାଣି ଦେଇଥିଲେ। ଏହା ପରେ ରମା ମୁଖ୍ୟ ଅଭିଯୁକ୍ତ ବୋଲି ମୃତ ସହଦେବଙ୍କ ସ୍ତ୍ରୀ ଅଭିଯୋଗ କରିଥିଲେ। ସେହିଦିନଠାରୁ ରମା ଫେରାର ଥିବାବେଳେ ଆଜି ମଞ୍ଚେଶ୍ୱର ଥାନାରେ ଆତ୍ମସମର୍ପଣ କରିଛନ୍ତି। ସୂଚନାଯୋଗ୍ୟ, ରାଜଧାନୀ ଭୁବନେଶ୍ୱରର ଜନଗହଳିପୂର୍ଣ୍ଣ ରସୁଲଗଡ଼ରୁ ବାଣୀବିହାର ମେନ ରୋଡ୍‌ରେ କେଦାରପଲ୍ଲୀ ଅଞ୍ଚଳର ସହଦେବ ନାୟକଙ୍କୁ ଧାରୁଆ ଅସ୍ତ୍ରରେ ଦୁର୍ବୃତ୍ତ ହାଣି ହତ୍ୟା କରିଥିଲେ।

# ୧୮ରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ

ନୂଆଦିଲ୍ଲୀ,୧୬।୨(ମହାଭାରତ): ଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହ ପାଇଁ ତାରିଖ ଘୋଷଣା କରାଯାଇଛି। ଦିଲ୍ଲୀର ନୂଆ। ମୁଖ୍ୟମନ୍ତ୍ରୀ ୧୮ ଫେବ୍ରୁଆରି ମଧ୍ୟାହ୍ନ ୧୨ଟାରେ ରାଜଧାନୀର ରାମଲୀଳା ମଇଦାନରେ ଶପଥ ଗ୍ରହଣ କରିବେ।

ଏହା ପୂର୍ବରୁ ସୋମବାର ବିଜେପି ବିଧାୟକ ଦଳର ବୈଠକ ବସିବ, ଯେଉଁଥିରେ ମୁଖ୍ୟମନ୍ତ୍ରୀ ନିର୍ବାଚିତ ହେବେ। ମୁଖ୍ୟମନ୍ତ୍ରୀଙ୍କ ନାମ ନିର୍ଦ୍ଧାରଣ ପାଇଁ ବିଜେପି ସୋମବାର ବିଧାୟକ ଦଳ ବୈଠକ ଡାକିଛି ସମସ୍ତ ବିଧାୟକଙ୍କୁ ଅବଗତ କରାଯାଇଛି।ଦିଲ୍ଲୀ ରାଜ୍ୟ କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ। ହେବ। ଆସନ୍ତା ୧୯ ତାରିଖରେ କେଶବ କୁଞ୍ଜଙ୍କ ନୂଆ କାର୍ଯ୍ୟାଳୟର ଉଦଘାଟନ ହେବ। ସଂଘ କାର୍ଯ୍ୟାଳୟ ଉଦଘାଟନ ଅବସରରେ ବିଜେପି ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ। ୧୦ ଦିନ ପରେ ଶପଥ ଗ୍ରହଣ ହେବ।

ସୂଚନାଯୋଗ୍ୟ, ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳର ପୂରା ୧୦ ଦିନ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଫେବ୍ରୁଆରି ୫ତାରିଖରେ ମତଦାନ ହୋଇଥିଲା ଏବଂ ଫେବ୍ରୁଆରି ୮ତାରିଖରେ ଫଳାଫଳ ପ୍ରକାଶ ପାଇଥିଲା। ତେବେ ନିର୍ବାଚନ ଫଳାଫଳକୁ ସପ୍ତାହେ ବିତିଯାଇଥିଲେ ମଧ୍ୟ ବିଜେପି ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରିନାହିଁ।

# ୪ ୟୁଟ୍ୟୁବର୍, ଶିକ୍ଷକ ଗିରଫ

ଭୁବନେଶ୍ୱର,୧୬।୨(ମହାଭାରତ): ଅନଲାଇନ୍ ପ୍ଲାଟଫର୍ମରେ ଓଡ଼ିଶାରେ ସ୍କୁଲ ପରୀକ୍ଷା ପ୍ରଶ୍ନପତ୍ର ବିକ୍ରି କରୁଥିବା ଏକ ରାକେଟକୁ ପୋଲିସ ପର୍ଦ୍ଦାଫାଶ କରିଛି। ଏହି ମାମଲାରେ ଚାରି ଜଣ ୟୁଟ୍ୟୁବର୍ ଏବଂ ଜଣେ ସରକାରୀ ସ୍କୁଲ ଶିକ୍ଷକଙ୍କ ସମେତ ପାଞ୍ଚ ଜଣଙ୍କୁ ଗିରଫ କରାଯାଇଛି।ଅଭିଯୁକ୍ତମାନେ ହେଲେ ଜ୍ୟୋତିରଞ୍ଜନ ବାରିକ, ସୁଶାନ୍ତ କୁମାର ବିଶି, ସାହିଲ କୁମାର ମିଶ୍ର, ସାଇଶଙ୍କର ପାତ୍ର ଏବଂ ମୟୂରଭଞ୍ଜ ଜିଲାର ରାଇରଙ୍ଗପୁରର ସରକାରୀ ଶିକ୍ଷକ ଘନଶ୍ୟାମ ବେଉରା। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ୮ମ ରୁ ୧୦ମ ଶ୍ରେଣୀ ପାଇଁ ଅନୁଷ୍ଠିତ ସ୍କୁଲସ୍ତରୀୟ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରଘଟ କରୁଥିଲେ ଏହି ପତ୍ରଗୁଡ଼ିକ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ବିକ୍ରି ହେଉଥିଲା, ଯାହା ପରୀକ୍ଷା ପ୍ରକ୍ରିୟାର ସଚ୍ଚୋଟତାକୁ ବିପଦରେ ପକାଇଥିଲା। ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଏସଟିଏ)ର ସମ୍ପାଦକ ରଞ୍ଜନ କୁମାର ଦାଶ ଜାଣିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା ଯେ ସ୍କୁଲ ପରୀକ୍ଷା ସମୟରେ ପ୍ରଶ୍ନପତ୍ର ଲିକ୍ ହୋଇଥିଲା ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ସେ ଗତ ବର୍ଷ ନଭେମ୍ବରରେ କଟକ ସାଇବର ପୋଲିସ ଷ୍ଟେସନରେ ଏକ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରିଥିଲେ।

# ମହାକୁମ୍ଭରେ ବୁଡ଼ ପକାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

**ପ୍ରୟାଗରାଜ,୧୬।୨(ମହାଭାରତ):** ମହାକୁମ୍ଭ ସନାତନ ସଭ୍ୟତା, ସଂସ୍କୃତି, ଦର୍ଶନ ଏବଂ ଆମ ଶାସ୍ତ ପରମ୍ପରାର ଜୀବନ୍ତତାର ପ୍ରତୀକ ବୋଲି ରବିବାର ପ୍ରୟାଗରାଜ ଠାରେ ତ୍ରିବେଣୀ ସଙ୍ଗମରେ ସପରିବାର ବୁଡ ପକେଇବା ସହ ସ୍ନାନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମା ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ତ୍ରିବେଣି ସଙ୍ଗମରେ ସପରିବାର ବୁଡ ପକେଇବା ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦୀର୍ଘ ୧୪୪ ବର୍ଷ ପରେ ମହାକୁମ୍ଭର ଅଲୌକିକ ସଙ୍ଗମର ଅବସର ଉପନୀତ ହୋଇଛି । ଏହି ସଙ୍ଗମରେ ପୂଜ୍ୟ ସାଧୁ ସନ୍ଥ ଏବଂ ଭକ୍ତମାନେ ଏକାଠି ହୋଇଛନ୍ତି ଏହା ହେଉଛି ଧର୍ମ ଏବଂ ବିଶ୍ୱାସର ସବୁଠାରୁ ମହାନ ପର୍ବ ଏହି ଭଳି ଦିବ୍ୟ ଅବସରରେ ଏକତାର ମହାପର୍ବ ମହାକୁମ୍ଭରେ ସପରିବାର ଶ୍ରଦ୍ଧାର ସହିତ ସ୍ନାନ କରିବା ମୋ ପାଇଁ ଦିବ୍ୟ ଅନୁଭୁତି ଏବଂ ପରିବାର ପାଇଁ ସୌଭାଗ୍ୟର ବିଷୟ।

ମହାକୁମ୍ଭ କେବଳ ଏକ ପର୍ବ ନୁହେଁ ବରଂ ଏହା ଭାରତର ହଜାର ହଜାର ବର୍ଷ ପୁରୁଣା ଅଧ୍ୟାତ୍ମିକତା ଏବଂ ସାଂସ୍କୃତିକ ଚେତନାର ଜୀବନ୍ତ ଜ୍ୟୋତି ଏହି ଦିବ୍ୟ ଅବସରରେ ସମଗ୍ର ବିଶ୍ୱ ସନାତନ ସଂସ୍କୃତିର ଭବ୍ୟତା, ଶ୍ରଦ୍ଧା ଏବଂ ଭକ୍ତିରେ ମୁଁ ଅଲୌକିକ ଶକ୍ତିକୁ ଅନୁଭବ କରୁଛି ଏହି ଅବସରରେ ମା ଗଙ୍ଗାଙ୍କ ପାଖରେ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁମାନଙ୍କ ପାଇଁ ମହାକୁମ୍ଭ ମେଳା ସୁବ୍ୟବସ୍ଥିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଉତ୍ତରପ୍ରଦେଶ ସରକାରଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଛନ୍ତି। ତ୍ରିବେଣି ସଙ୍ଗମରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଉତ୍ତର ପ୍ରଦେଶର ଉଚ୍ଚ ଶିକ୍ଷା ମନ୍ତ୍ରୀ ଯୋଗେନ୍ଦର ଉପାଧ୍ୟାୟ, ପରିବହନ ମନ୍ତ୍ରୀ ଦୟାଶଙ୍କର ସିଂହ ଓ ଏମଏସଏମଇ ମନ୍ତ୍ରୀ ରାକେଶ ସଚନ ପ୍ରମୁଖ ମଧ୍ୟ ବୁଡ ପକାଇଥିଲେ।



## କଙ୍କଡ଼ା ଗୋଡ଼ ମସଲା

**ଆବଶ୍ୟକ ସାମଗ୍ରୀ:** କଙ୍କଡ଼ା, ନଡ଼ିଆ କୋରା, ପିଆଜ, ଅଦା, ରସୁଣ, ପୋସ୍ତ, ଜୀରା, ଲବଙ୍ଗ, ଡାଲଚିନି, ଗୁଜୁରାତି, ଗୋଲମରିଚ, ଧନିଆ ଓ ତେଜପତ୍ର, ଲୁଣ, ହଳଦୀ ଗୁଣ୍ଡ ଓ ଲେମ୍ବୁ ରସ, ତେଲ, ଧନିଆଁପତ୍ର, କଞ୍ଚାଲଙ୍କା।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଙ୍କଡ଼ାକୁ ସଫା କରି ତାର ଛୋଟ ଗୋଡ଼କୁ କାଟି ଛାଣି ରଖନ୍ତୁ। କଙ୍କଡ଼ାରେ ଲୁଣ, ହଳଦୀ ଗୁଣ୍ଡ ଓ ଲେମ୍ବୁ ରସ ପକାଇ ମ୍ୟାରିନେଟ୍ କରି ରଖନ୍ତୁ। ନଡ଼ିଆ କୋରା, ପିଆଜ, ପୋସ୍ତ, ଜୀରା, ଲବଙ୍ଗ, ଡାଲଚିନି, ଗୁଜୁରାତି, ଗୋଲମରିଚ, ଧନିଆ ଓ ତେଜପତ୍ରକୁ ଭାଜି ବାଟି ରଖନ୍ତୁ। କରେଇରେ ତେଲ ଗରମ କରି ଗୋଟା ମସଲା ଓ ପିଆଜ କଟା ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲା ପରେ ସେଥିରେ ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଧନିଆପତ୍ର, ଟମାଟୋ, କଞ୍ଚାଲଙ୍କା, ଅଦାରସୁଣ ବଟା ପକାଇ ଭଲ ଭାବେ କଷନ୍ତୁ। ମସଲା ଅଳ୍ପ କଷି ହେବା ପରେ ପ୍ରସ୍ତୁତ ଥିବା ଗୋଟା ମସଲାବଟା ଓ ଲୁଣ ପକାଇ ଭଲଭାବେ ଗୋଳାନ୍ତୁ। ଏହାପରେ ମ୍ୟାରିନେଟ୍ କଙ୍କଡ଼ାକୁ ପକାଇ ଗୋଳାଇ ଘୋଷଣୀ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଘୋଡ଼ଣୀ ବାହାର କରି ପ୍ରସ୍ତୁତ କଙ୍କଡ଼ା ଗୋଡ଼କୁ ପକାଇ ଗୋଳାନ୍ତୁ ଓ ଅଳ୍ପ ପାଣି ଦେଇ ଘୋଡ଼ଣି ଘୋଡ଼ାଇ ଦିଅନ୍ତୁ। ୨ରୁ ୫ ମିନିଟ୍ ପରେ ଘୋଡ଼ଣୀ ବାହାର କରି ଧନିଆଁପତ୍ର ଓ କଞ୍ଚାଲଙ୍କା ପକାଇ ଚୁଲିରୁ ଓହ୍ଲାନ୍ତୁ।



ଖବର

# ପ୍ରଥମ ଥର ସମ୍ବିତ-ସୁପ୍ରିୟା ଯୋଡ଼ି





ଓଲିଉଡର ବର୍ତ୍ତମାନ ନୂଆ ନୂଆ ଯୋଡ଼ି ନଜର ଆସୁଛନ୍ତି। ଦର୍ଶକ ସମର୍ଥନ ହାସଲ ପାଇଁ ପ୍ରଯୋଜକ ଓ ନିର୍ଦ୍ଦେଶକ ଏହି ରଣନୀତି ଆପଣାଉଛନ୍ତି। ଏବେ ସମ୍ବିତ ଓ ସୁପ୍ରିୟାଙ୍କୁ ପ୍ରଥମ ଥର ଲାଗି ଏକ ନୂଆ ସିନେମାରେ ନାୟକନାୟିକା ଭାବେ ଉପସ୍ଥାପିତ କରାଯାଉଛି। 'ପ୍ରେମ୍ ୱେଡ୍ସ ପ୍ରିୟା'ରୁ କ୍ୟାରିୟର୍ ଆରମ୍ଭ କରିଥିବା ସମ୍ବିଙ୍କ ସହ 'ଲଭ୍ ପାଇଁ କୁଛ୍ ଭି କରେଗା'ରୁ ଡେବ୍ୟୁ କରିଥିବା ସୁପ୍ରିୟାଙ୍କୁ ଯୋଡ଼ା ଯାଇଛି। ୨୦୧୧ରେ ନାୟକ ଭାବେ ବଡ଼ ପରଦାକୁ ଆସିଥିଲେ ସମ୍ବିତ। ଗତ ୧୪ ବର୍ଷ ହେଲାଣି ସେ ନିୟମିତ ଭାବେ ଓଡ଼ିଆ ସିନେମାରେ ଅଭିନୟ କରି ଆସୁଛନ୍ତି। ସେ ଝିଲିକ୍, ରୀୟା, ପୁନମ୍, କୋଏଲ୍, ସମ୍ଭାବନା, ସସ୍ମିତା, ଅର୍ଲିନ୍ ଅଙ୍କିତା ଓ ତମନ୍ନାଙ୍କ ଭଳି ଜଣାଶୁଣା ନାୟିକାଙ୍କ ନାୟକ ବନିସାରିଛନ୍ତି। ସେଇପରି ୨୦୧୬ରେ ପ୍ରଥମ ଥର ପାଇଁ ନାୟିକା ବନିଥିଲେ ସୁପ୍ରିୟା। ଡେବ୍ୟୁ ଫିଲ୍ମରେ ବାବୁସାନ୍‌ଙ୍କ ନାୟିକା ଭାବେ ସୁପ୍ରିୟା ପରଦାକୁ ଆସିଥିଲେ। ତା'ପରେ 'ଓନ୍ଲି ପ୍ୟାର୍', 'ଶଙ୍କର', 'ବିଜୁବାବୁ', 'ସିନ୍ଦୂରା', 'ପୁଷ୍କରା', 'କୁହୁଡ଼ି' ଓ 'ବିଗୁଲ୍' ଆଦି ସିନେମାରେ ସେ ବାବୁସାନ୍, ଅନୁଭବ, ସିଦ୍ଧାନ୍ତ, ଅଭିଷେକ ଗିରି ଓ ସବ୍ୟସାଚୀଙ୍କ ପରି ଜଣାଶୁଣା ନାୟକଙ୍କ ନାୟିକା ସାଜିଛନ୍ତି। ସମ୍ବିତ-ସୁପ୍ରିୟା ଯୋଡ଼ିଙ୍କ ଏହି ଫିଲ୍ମର ଟାଇଟଲ୍ ଏପର୍ଯ୍ୟନ୍ତ ସ୍ଥିରୀକୃତ ହୋଇନାହିଁ। 'ପ୍ରେମ୍ ୱେଡ୍ସ ପ୍ରିୟା' ଓ 'ଓୟେ ଅଞ୍ଜଳି' ଭଳି ଓଡ଼ିଆ ଛବି ନିର୍ମାଣ କରିଥିବା ରମାଶଙ୍କର ଏହାର ନିର୍ଦ୍ଦେଶନା ଦେଉଛନ୍ତି। ତେଣେ ଅନୁଭବୀ ଅଶ୍ୱିନୀ ଗଡ଼ନାୟକ ଏହାର ସଂଳାପ ରଚନା କରିଥିବା ସହ କ୍ରିଏଟିଭ୍ ନିର୍ଦ୍ଦେଶକ ମଧ୍ୟ ରହିଛନ୍ତି।

## ଖଟ ତଳେ ଜିନିଷ ରଖନ୍ତୁ ଏସବୁ ଦୂର କରିବ ଅନେକ ସମସ୍ୟା

ଜନ୍ମ କୁଣ୍ଡଳୀରେ ଗ୍ରହ ଭଲ ସ୍ଥିତିରେ ଥିଲେ ଜୀବନରେ ସୁଖଶାନ୍ତି ବଜାୟ ରହେ। ସେହିପରି ଗ୍ରହ ଖରାପ ସ୍ଥିତିରେ ରହିଲେ ଦୁର୍ଭାଗ୍ୟ ମାଡିଆସେ। ଗ୍ରହ ଦୋଷ କାରଣରୁ ଜୀବନରେ ନାନା ସମସ୍ୟା ଦେଖାଯିବା ସହ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଖଟ ବା ବିଛଣା ତଳେ ଗ୍ରହ ଜଡିତ ଜିନିଷକୁ ରଖିଦେଲେ ଗ୍ରହ ଶାନ୍ତ ରହେ। ଯଦି ଆପଣ ମଧ୍ୟ କୌଣସି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଗ୍ରହ ସହ ଜଡିତ ଉପାୟକୁ ଆପଣେଇ ସମସ୍ୟା ଦୂର କରିପାରିବେ।

♦ କୁଣ୍ଡଳୀରେ ସୂର୍ଯ୍ୟ ଦୋଷ ଥିଲେ ଖଟ ତଳେ ତମ୍ବା ପାତ୍ରରେ ପାଣି ଭରିକରି ରଖନ୍ତୁ। ତକିଆ ତଳେ ଲାଲ ଚନ୍ଦନର ଛୋଟ ଖଣ୍ଡ ରଖିଦିଅନ୍ତୁ। କୁଣ୍ଡଳୀରେ ସୂର୍ଯ୍ୟ ଦୋଷର ପ୍ରଭାବ ଦୂର ହୋଇଯିବ।

♦ କୁଣ୍ଡଳୀରେ ଚନ୍ଦ୍ର ଦୋଷ ଥିଲେ ଖଟ ତଳେ ରୂପା ପାତ୍ରରେ ପାଣି ଭରି କରି ରଖନ୍ତୁ ଅବା ରୂପାର ଅଳଙ୍କାର ରଖିଦିଅନ୍ତୁ। ଚନ୍ଦ୍ରଙ୍କ କୋପଦୃଷ୍ଟି ଦୂର ହୋଇଯିବ।

♦ କୁଣ୍ଡଳୀରେ ମଙ୍ଗଳ ଦୋଷ ଥିଲେ ଖଟ ତଳେ କଂସା ପାତ୍ରରେ ପାଣି ଭରି ରଖିଦିଅନ୍ତୁ। ଏପରି କରିବା ଦ୍ୱାରା ମଙ୍ଗଳ ଦୋଷ ଦୂର ହୁଏ।

♦ କୁଣ୍ଡଳୀରେ ଗୁରୁ ଦୋଷ ଭୋଗୁଥିଲେ ତକିଆ ତଳେ ଏକ କପଡାରେ ଗୋଟା ହଳଦୀର ବାନ୍ଧି ରଖିଦିଅନ୍ତୁ। ହଳଦୀ ଗୁରୁଦୋଷ ପ୍ରଭାବ ଦୂର କରିବାରେ ସହାୟକ ହୋଇଥାଏ।



# ଚର୍ମ ପାଇଁ ଲାଭଦାୟକ ଟମାଟୋ

ଦୈନିକ ବ୍ୟସ୍ତଭରା ଜୀବନ ଏବଂ ଉପଯୁକ୍ତ ଖାଦ୍ୟର ଅଭାବ ଆମ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଖରାପ ଜୀବନଶୈଳୀ କାରଣରୁ ସ୍କିନ୍ ଡଲନେସ୍ ସମେତ ଆହୁରି ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ପ୍ରତିଦିନର ଧୂଳି-ମାଟି ଆମ ସ୍କିନ୍ ଉପରେ ଅଧିକ ପ୍ରଭାବ ପକାଇଥାଏ। ଏହି କାରଣରୁ, ସ୍କିନ୍ ସମ୍ବନ୍ଧୀୟ ସମସ୍ୟା ପ୍ରତିଦିନ ଦେଖିବାକୁ ମିଳିଥାଏ। ସ୍କିନ୍ ଡଲନେସ୍, ଟ୍ୟାନିଂ, ପିମ୍ପଲ୍, ଡ୍ରାଏନେସ୍ ଇତ୍ୟାଦି ସମସ୍ୟା ପ୍ରତିଦିନ ଦେଖାଯାଏ। ଏହି ସମସ୍ୟାଗୁଡ଼ିକ ସୌନ୍ଦର୍ଯ୍ୟକୁ ନଷ୍ଟ କରିଥାଏ। ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଟମାଟୋ ଆପଣଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇଥାଏ। ଚାଲନ୍ତୁ ଜାଣିବା ସ୍କିନ୍ ପାଇଁ ଟମାଟୋର ବ୍ୟବହାର ଏବଂ ତାହାର ଉପକାରିତା

୧. ଟମାଟୋକୁ ଗ୍ରାଇଣ୍ଡ୍ କରି ତାହାର ପେଷ୍ଟ ଲଗାଇବା ଦ୍ୱାରା ଚେହେରାର ଚମକ ବୃଦ୍ଧି ପାଇଥାଏ। ପିମ୍ପଲ୍, ଦାଗ ଏବଂ ଅନ୍ୟାନ୍ୟ ମୁଖ ଜନିତ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ।

୨. ୨୦୦ ଗ୍ରାମ୍ ଟମାଟୋକୁ ହଳଦୀ ରସ ସହ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ସମୟ ସମୟରେ ଏହି ମିଶ୍ରଣ ପିଇବା ଦ୍ୱାରା ବ୍ରଣ ସମସ୍ୟା ଦୂର ହୋଇଥାଏ।

୩. ଟମାଟୋକୁ ପେଷ୍ଟ କରି ସେଥିରେ ଅଳ୍ପ ବୁନ୍ଦା ଲେମ୍ବୁ ରସ ମିଶାଇ ମୁହଁରେ ୫ମିନିଟ୍ ଲଗାଇଲେ ବ୍ରଣ ସମସ୍ୟାରୁ ମୁକ୍ତି ମିଳିଥାଏ।



୪. ଟମାଟୋକୁ ମଝିରୁ କାଟି ଏକ ଖଣ୍ଡରେ ମୁହଁକୁ ମାଲିସ୍ କରନ୍ତୁ ଏବଂ ଏହାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ପ୍ରତିଦିନ ଏହା କରିବା ଦ୍ୱାରା ମୁଖ ବ୍ରଣ ସମସ୍ୟା ଦୂର ହୋଇଥାଏ।

# କ୍ଷଣିକରେ ମହାଭାରତର ଯୁଦ୍ଧ ଶେଷ କରିଥାନ୍ତେ ବର୍ବରିକ୍



ଧର୍ମ ଓ ଅଧର୍ମ ମଧ୍ୟରେ ହୋଇଥିଲା ମହାଭାରତ ଯୁଦ୍ଧ। ଏହି ଯୁଦ୍ଧ ୧୮ ଦିନ ଧରି ଚାଲିଥିଲା ଏବଂ ଏଥିରେ ପ୍ରାୟ ଲକ୍ଷ ଲକ୍ଷ ସୈନ୍ୟ ପ୍ରାଣ ହରାଇଥିଲେ। ମହାଭାରତ ଯୁଦ୍ଧରେ ଜଣେ ଏପରି ଯୋଦ୍ଧା ଥିଲେ ଯିଏକି କେବଳ ୩ଟି ବାଣରେ କୁରୁକ୍ଷେତ୍ରରେ ଯୁଦ୍ଧ ଶେଷ କରିପାରିଥାନ୍ତେ। କିନ୍ତୁ ସେ ଯୁଦ୍ଧ କରିନଥିଲେ। ଏହି ଯୋଦ୍ଧା ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଭୀମଙ୍କ ନାତି ତଥା ଘଟୋତ୍କଚୋଙ୍କ ପୁଅ ବର୍ବରିକ୍। ସେ ଦିବ୍ୟଶକ୍ତି ହାସଲ କରିଥିଲେ। ପୌରାଣିକ କଥା ଅନୁଯାୟୀ, ବର୍ବରିକଙ୍କ ପାଖରେ ୩ଟି ଏପରି ବାଣ ଥିଲା ଯେଉଁଥିରେ ପୁରା ସେନା ମାତ୍ର ଗୋଟିଏ କ୍ଷଣରେ ଶେଷ ହୋଇଯାଇଥାନ୍ତା। ବର୍ବରିକ୍ ଏହି ୩ଟି ବାଣରେ ୩ଲୋକକୁ ଜିତିପାରିଥାନ୍ତେ। ତାଙ୍କ ପାଖରେ ୩ଟି ଅମୋଘ ବାଣ ମଧ୍ୟ ଥିଲା ଯବର୍ବରିକ ଯୁଦ୍ଧ କରିବାକୁ ଚାହୁଁଥିଲେ କିନ୍ତୁ ଶ୍ରୀକୃଷ୍ଣଙ୍କୁ ଜଣାଥିଲା ଯେ ଯଦି ବର୍ବରିକ ଏହି ଯୁଦ୍ଧରେ ସାମିଲ୍ ହୁଅନ୍ତି ତେବେ ଯୁଦ୍ଧର ପରିଣାମ ଓଲଟା ହୋଇଯିବ। ଏଥିପାଇଁ ଶ୍ରୀକୃଷ୍ଣ ବ୍ରାହ୍ମଣ ବେଶରେ ବର୍ବରିକଙ୍କ ପାଖରେ ପହଞ୍ଚି ଭିକ୍ଷା ମାଗିଥିଲେ। ଯେତେବେଳେ ବର୍ବରିକ ଭିକ୍ଷାରେ କଣ ଦରକାର ବୋଲି ବ୍ରାହ୍ମଣଙ୍କୁ ପଚାରିଥିଲେ। ସେତେବେଳେ ଶ୍ରୀକୃଷ୍ଣ ତାଙ୍କୁ ତାଙ୍କର ମୁଣ୍ଡ ମାଗିଥିଲେ। ଆଉ ବର୍ବରିକ୍ ଆଶ୍ଚର୍ଯ୍ୟ ହୋଇ ବ୍ରାହ୍ମଣଙ୍କୁ ତାଙ୍କର ପରିଚୟ ପଚାରିଥିଲେ। ଏହାପରେ ଶ୍ରୀକୃଷ୍ଣ ନିଜ ବାସ୍ତବ ରୂପକୁ ଫେରିଥିଲେ ଏବଂ ବର୍ବରିକ୍ କୃଷ୍ଣଙ୍କର ସାକ୍ଷାତ ପାଇ ନିଜ ମୁଣ୍ଡକୁ ସମର୍ପଣ କରିଦେଇଥିଲେ। କିନ୍ତୁ ବର୍ବରିକ୍‌ଙ୍କ କଟାମୁଣ୍ଡ ଶ୍ରୀକୃଷ୍ଣଙ୍କ ବରଦାନରୁ ମହାଭାରତର ପୁରା ଯୁଦ୍ଧ ଦେଖିଥିଲେ। କଳିଯୁଗରେ ବର୍ବରିକ୍‌ଙ୍କର ପୂଜା କରାଯିବା ନେଇ ଶ୍ରୀକୃଷ୍ଣ ବରଦାନ ଦେଇଥିଲେ। ଆଉ ବର୍ବରିକଙ୍କର ବର୍ତ୍ତମାନ ଖଟ୍ଟୁଶ୍ୟାମ ଭାବେ ପୂଜା ପାଉଛନ୍ତି।



# ଶିଶୁଙ୍କୁ ଫୁଙ୍କି ଫୁଙ୍କି ଖାଦ୍ୟ ଖୁଆଇବା କ୍ଷତିକାରକ !

ଶିଶୁମାନଙ୍କର ଯତ୍ନ ନେବା କୌଣସି ସହଜ କଥା ନୁହେଁ। ବହୁ ସମୟରେ ଆମର କିଛି କାମ ଦ୍ୱାରା ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡିଥାଏ। ଯେପରିକି ଶିଶୁମାନଙ୍କୁ ଖାଦ୍ୟ ଖୁଆଇବା



ସମୟରେ ଆମେ ଫୁଙ୍କି ଫୁଙ୍କି ତାଙ୍କୁ ଖାଦ୍ୟ ଖୁଆଇଥାଉ। ଖାଦ୍ୟ ଗରମ ହୋଇଥିବା କାରଣରୁ ଆମେ ଏଭଳି କରିଥାନ୍ତି। ହେଲେ ଆମେ କହି ରଖିବାକୁ ଚାହୁଁଛୁ କି ଏଭଳି କରିବା ଦ୍ୱାରା ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡିଥାଏ। ଶିଶୁମାନଙ୍କୁ ଫୁଙ୍କି ଫୁଙ୍କି ଖାଦ୍ୟ ଖୁଆଇବା ଦ୍ୱାରା ସେମାନଙ୍କର ଦାନ୍ତ ଖରାପ ହୋଇଥାଏ। ଦାନ୍ତ ଉଠିବା ପୂର୍ବରୁ ସେମାନେ ଏହି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। କାରଣ ଦାନ୍ତରେ ପୋକ ଲାଗିବା ପାଇଁ ଦାୟୀ ଥିବା ବ୍ୟାକ୍ଟେରିଆ ଜଣଙ୍କ ମୁହଁରୁ ଅନ୍ୟ ଜଣଙ୍କ ମୁହଁକୁ ବ୍ୟାପିଥାଏ। ଯଦି ଆପଣଙ୍କ ଦାନ୍ତରେ କ୍ୟାବେଟି ରହିଛି ଏବଂ ଆପଣ ଶିଶୁଙ୍କୁ ଫୁଙ୍କି ଖାଦ୍ୟ ଖୁଆଉଛନ୍ତି ତେବେ ଏହି ବ୍ୟାକ୍ଟେରିଆ ଶିଶୁମାନଙ୍କ ମୁହଁକୁ ଯାଇଥାଏ। ଜନ୍ମ ସମୟରେ ଶିଶୁ ଷ୍ଟ୍ରେପ୍ଟୋକୋକସ୍ ମ୍ୟୁଟସନ୍ ସୃଷ୍ଟି କରୁଥିବା କ୍ୟାବିଟି ସମ୍ପର୍କରେ ଆସନ୍ତି ନାହିଁ। ଯେତେବେଳେ ଆପଣ ଖାଦ୍ୟକୁ ଫୁଙ୍କି ଶିଶୁମାନଙ୍କୁ ଖୁଆନ୍ତି ସେହି ସମୟରେ ଏହା ଖାଦ୍ୟରେ ଲାଖିଯାଏ। ଶିଶୁମାନେ ଏହି ବ୍ୟାକ୍ଟେରିଆ ସମ୍ପର୍କରେ ଆସିବା କ୍ଷଣି ଦାନ୍ତ ଉଠିବା ପୂର୍ବରୁ ଏହା ପ୍ଲାକ୍ ଜମିବା ଆରମ୍ଭ କରିଦିଏ।

# ଚିଠା ଆଇଟି ନୀତି ଉପରେ ମତାମତ ଲୋଡ଼ିଲେ ସରକାର

ଭୁବନେଶ୍ୱର,୧୬।୨ (ମହାଭାରତ): ରାଜ୍ୟ ସରକାର ଆଗାମୀ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇ.ଟି.) ନୀତି ଚିଠା ଉପରେ ଶିଳ୍ପ ପ୍ରତିନିଧିମାନଙ୍କ ମତାମତ ଜାଣିବା ପାଇଁ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ 'ନାସ୍କମ୍' ପ୍ରତିନିଧିମାନଙ୍କ ସହ ଏକ ମିଳିତ ଆଲୋଚନାର ଆୟୋଜନ କରାଯାଇଥିଲା।



ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମାନସ ପଣ୍ଡା, ଓଡ଼ିଶା ଅଭିକଳକ ପ୍ରୟୋଗ କେନ୍ଦ୍ର (ଓକାକ) ସି.ଇ.ଓ. ଡଃ ପ୍ରଦୀପ ରାଉତ, 'ନାସ୍କମ୍' ତଥା ଓଡ଼ିଶା ଆଇ.ଟି. ଶିଳ୍ପର ପ୍ରତିନିଧିମଣ୍ଡଳୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଓଡ଼ିଶାରେ ଆଇ.ଟି. ଶିଳ୍ପର ଦ୍ରୁତ ଅଭିବୃଦ୍ଧି ଓ ଏହାକୁ ଆଗେଇନେବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ସଂପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ସରକାର ଏ କ୍ଷେତ୍ରରେ ଗବେଷଣା ଓ ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ଅଧିକ ପରିବ୍ୟାପ୍ତ କରିବାକୁ ଚାହୁଁଛନ୍ତି ଏବଂ ସେଥିପାଇଁ ସମର୍ପିତ ଉତ୍କର୍ଷ କେନ୍ଦ୍ରମାନ ସ୍ଥାପନ କରିବାକୁ ଚାହାନ୍ତି। ସରକାର ଶିଳ୍ପ ପ୍ରତିନିଧି ତଥା ସମ୍ପୃକ୍ତ ଶିକ୍ଷାବିତ୍ମାନଙ୍କ ପାଇଁ ମଧ୍ୟ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛନ୍ତି।

ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଆଗାମୀ ଆଇ.ଟି. ନୀତିର ଚିଠା ସଂପର୍କରେ ସୂଚନା ଦେଇ କହିଥିଲେ ଯେ, ସରକାର ରାଜ୍ୟର ଆଇ.ଟି. ଶିଳ୍ପର ବର୍ତ୍ତମାନର ସ୍ଥିତି-ପରିସ୍ଥିତି ଓ ଭବିଷ୍ୟତକୁ ଆହୁରି ସମୁଜ୍ଜ୍ୱଳ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆଇ.ଟି. ଚିଠା ନୀତି ପ୍ରତିଯୋଗିତାମୂଳକ ପରିବେଶକୁ ପ୍ରୋତ୍ସାହିତ କରିବାର ଆଭିମୁଖ୍ୟ ରଖିଛି ଯ ଯାହା ଡିଜିଟାଲ ଅର୍ଥନୀତି କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ମଜବୁ କରିବ। ମୂଳଢାଞ୍ଚା ପ୍ରସ୍ତୁତିଠାରୁ ଆରମ୍ଭ କରି କୌଶଳ ବିକାଶ, ଗବେଷଣା ଆଦି ଅନେକ ବିଷୟ ସଂଶିତ ଚିଠା ନୀତିରେ ସନ୍ନିବିଷ୍ଟ ହୋଇଛି ବୋଲି ସେ କହିଥିଲେ।

ଜନସାଧାରଣଙ୍କ ଅବଗତି ନିମନ୍ତେ ତଥା ସେମାନଙ୍କ ମତାମତ ପାଇଁ ଚିଠା ନୀତିକୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ୱେବସାଇଟ (https://it.odisha.gov.in/) ଏବଂ ଓକାକ ୱେବସାଇଟ (https://www.ocac.in/) ରେ ଛଡ଼ାଯାଇଛି। ଏ-ସଂପର୍କିତ ସମସ୍ତ ମତାମତ ifitp.eitodisha.gov.in କୁ ପଠାଯାଇପାରିବ। ରାଜ୍ୟରେ ଆଇ.ଟି. ଶିଳ୍ପର ଅଭିବୃଦ୍ଧି ନିମନ୍ତେ ଚିଠା ନୀତିରେ ସ୍ଥାନିତ ମୁଖ୍ୟ ବିଭାଗ ସମୂହ ଏବଂ ପ୍ରସ୍ତାବିତ ପ୍ରୋତ୍ସାହନ ଆଦିକୁ ନେଇ ଆଲୋଚନାବେଳେ ଏକ ତଥ୍ୟଭିତ୍ତିକ ବିବରଣୀ ଉପସ୍ଥାପନ କରାଯାଇଥିଲା ଯ ଆଲୋଚନା ଶେଷରେ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ଶିଳ୍ପ-ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏହି ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମାନସ ପଣ୍ଡା, ଓଡିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ରର ସିଇଓ ଡା ପ୍ରଦୀପ କୁମାର ରାଉତ ଏବଂ ନାସ୍କମ୍ ଓ ଅନ୍ୟ ଶିଳ୍ପାନୁଷ୍ଠାର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଗ୍ରୀଷ୍ମ ପ୍ରବାହ ପାଇଁ ପୌରାଞ୍ଚଳକୁ ଏସ୍‌ଓପି

ଭୁବନେଶ୍ୱର,୧୬।୨ (ମହାଭାରତ): ଅସାଧାରଣ ବର୍ଷା ଏବଂ ଅନିୟମିତ ଜଳବାୟୁ ଯୋଗୁଁ ଗ୍ରୀଷ୍ମ ଋତୁରେ ତାପମାତ୍ରା ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇବା ଆରମ୍ଭ କରିଛି। ଏହା ବ୍ୟତୀତ, ବଡ ବଡ କୋଠା ପୃଷ୍ଠ, ଅଧିକ ରାସ୍ତା ପୃଷ୍ଠ ଏବଂ ସୌରତାପ ଶକ୍ତି ଶୋଷଣ କରୁଥିବା ଭିତ୍ତିଭୂମି ଯୋଗୁଁ ସହରାଞ୍ଚଳଗୁଡ଼ିକ ଗ୍ରୀଷ୍ମ ଋତୁରେ ଅଧିକ ତାପମାତ୍ରା ଅନୁଭବ କରୁଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୃହ ଓ ନଗର ଉନ୍ନୟନ ବିଭାଗ ଏକ ବିସ୍ତୃତ ଏସ ଓ ପି ଜାରି କରି ଏହାକୁ କଡା କଡ଼ି ପାଳନ କରିବା ଏବଂ ସମସ୍ତ ପୌରାଞ୍ଚଳ ଦ୍ୱାରା ଆବଶ୍ୟକ ପଦକ୍ଷେପ ନେବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ସମସ୍ତ ସହରାଞ୍ଚଳରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ଆବଶ୍ୟକ। ଏହି ଉଦ୍ଦେଶ୍ୟରେ, ଜଳ ଯୋଗାଣ ପାଇପଲାଇନଗୁଡ଼ିକୁ ସଠିକ୍ କାର୍ଯ୍ୟକ୍ଷମ ଅବସ୍ଥାରେ ରଖାଯିବା ଉଚିତ ଏବଂ ଏହାର ଯେକୌଣସି ଅଭିଯୋଗର ୨୪ ଘଣ୍ଟା ମଧ୍ୟରେ ସମାଧାନ କରାଯିବା ଆବଶ୍ୟକ ବୋଲି ଏଥିରେ କୁହ ଯାଇଛି।

ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିବା , ପାନୀୟ ଜଳ ଯୋଗାଇବା ପାଇଁ ବିଭିନ୍ନ ଅଭାବୀ ପକେଟରେ ପାଣି ଟ୍ୟାଙ୍କର ନିୟୋଜିତ କରାଯିବା ଉଚିତୟ ଆବଶ୍ୟକ ହେଲେ ଅତିରିକ୍ତ ସଂଖ୍ୟକ ଟ୍ୟାଙ୍କର ନିଯୁକ୍ତି ଭିତ୍ତିରେ ବ୍ୟବସ୍ଥା କରାଯାଇପାରେ। ସମସ୍ତ ନଳକୂପ / ହାତପମ୍ପଗୁଡ଼ିକୁ କାର୍ଯ୍ୟକ୍ଷମ ଅବସ୍ଥାରେ ରଖିବାକୁ ପଡିବ ଏବଂ ହାତପମ୍ପ / ନଳକୂପଗୁଡ଼ିକର ମରାମତି ପାଇଁ ସ୍ପେୟାର ପାର୍ଟସ୍ ପ୍ରସ୍ତୁତ ରଖିବାକୁ ପଡିବ। ନିୟନ୍ତ୍ରଣ କକ୍ଷଗୁଡ଼ିକ ଯଥାରୀତି ଖୋଲାଯିବା ଉଚିତ ଏବଂ ଜଳ ଅଭାବ ସମ୍ପର୍କରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଦାୟୀ ଅଧିକାରୀମାନଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ। ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଜାରି ହୋଇଥିବା ଗରମ ଲହରୀ ସତର୍କତାକୁ ନିୟମିତ ଭାବରେ ଟ୍ରାକ୍ କରାଯିବା ଉଚିତ ଏବଂ ଆବଶ୍ୟକ ହେଲେ, ଏପରି ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ / ରାଜ୍ୟ ନିୟନ୍ତ୍ରଣ କକ୍ଷ ସହିତ ଯୋଗାଯୋଗ କରାଯାଇପାରିବ।

ପୌରାଞ୍ଚଳ ଗୁଡ଼ିକ ସ୍ୱେଚ୍ଛାସେବୀ ସଂଗଠନ ଗୁଡିକ ମାଧ୍ୟମରେ ରାସ୍ତା କଡ଼, ଛକ, ସରକାରୀ କାର୍ଯ୍ୟାଳୟ, ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ, ବଜାର ଇତ୍ୟାଦି ରଣନୈତିକ ସ୍ଥାନରେ ଅଧିକ ଜଳ କିଓସ୍କ – ପାନୀୟ ଜଳ ବିତରଣ କେନ୍ଦ୍ରଞ୍ଚ ଅର୍ଥା୍ ପାନୀୟ ଜଳ ବଣ୍ଟନ କେନ୍ଦ୍ର ଖୋଲିବା ଆରମ୍ଭ କରିବା ଉଚିତ। ଏପରି ଜଳ କିଓସ୍କରେ ଯୋଗାଇ ଦିଆଯାଇଥିବା ପାଣି ପୋର୍ଟେବଲ୍ ଗୁଣବତ୍ତାର ହେବା ଉଚିତ ଏବଂ ଲମ୍ବା ହ୍ୟାଣ୍ଡେଲ୍ ଡିସପେନ୍ସର ବ୍ୟବହାର ଏବଂ ପ୍ରତିଦିନ ପାଣି ପରିବର୍ତ୍ତନ ସହିତ ଉପଯୁକ୍ତ ପରିମଳ ବ୍ୟବସ୍ଥା ବଜାୟ ରଖିବା ଉଚିତ। କେବଳ ଆତ୍ମପ୍ରଚାର ପାଇଁ ଏପରି କାମ କରୁଥିବା ଏବଂ ପ୍ରାରମ୍ଭିକ ଦିନ ପରେ ଏହାକୁ ବନ୍ଦ କରୁଥିବା ସଂସ୍ଥାଗୁଡ଼ିକୁ ଏଡ଼ାଇ ଦିଆଯିବା ଉଚିତ ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ମ୍ୟୁନିସିପାଲିଟି କଠିନ ଅଳିଆ, ବଗିଚା/ଗଛର ଅବଶିଷ୍ଟାଂଶ ପୋଡ଼ିବା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ପରିବାର ସମ୍ମୁଖରେ ଗୋଟିଏ ପାତ୍ର ପାଣି ରଖିବା ପାଇଁ ପର୍ଯ୍ୟାପ୍ତ ସଚେତନତା ସୃଷ୍ଟି କରାଯାଇପାରେ ଯାହା ଭଲ ପରିଷ୍କାରକତା ପାଇଁ ବିକଳ୍ପ ଦିନରେ ପରିବର୍ତ୍ତନ କରାଯିବା ଉଚିତ।

# ବିଜ୍ଞାନ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ଭାବବିନିମୟ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୬।୨ (ମହାଭାରତ): ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ରାଜ୍ୟର ବିଭିନ୍ନ ଜିଲ୍ଲାର ବିଜ୍ଞାନ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ଭାବବିନିମୟ କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ସିରିପୁରସ୍ଥିତ ଇମେଜ୍ ପରିସରରେ ଆୟୋଜିତ ଏହି ତିନିଦିନିଆ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନର ଆବଶ୍ୟକତା ଓ ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ବିଜ୍ଞାନ ଓ ମାନବସମାଜ ପରସ୍ପରର ପରିପୂରକ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଅଭିହିତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ ସମ୍ପର୍କିତ ନୂତନ ଜାଗରଣ ସୃଷ୍ଟି କରାଗଲେ ଭବିଷ୍ୟତ ପିଢ଼ି ସୁରକ୍ଷିତ ହୋଇପାରିବ ବୋଲି ସେ କହିବା ସହ ଓଡ଼ିଶା ବିଜ୍ଞାନ ଏକାଡେମୀର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ।




ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ମାନଙ୍କୁ କ୍ଷେତ୍ରସ୍ତରୀୟ ପରିଦର୍ଶନରେ ନିଆଯାଇ ସେମାନଙ୍କୁ ପ୍ରୟୋଗାତ୍ମକ ଜ୍ଞାନ ପ୍ରଦାନ କରାଯାଇଥିଲା। ଏଥି ସହ ଓକାକ୍ ଦ୍ୱାରା କମ୍ପ୍ୟୁଟର ଶିକ୍ଷା ଓ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମର ଉପସ୍ଥାପନା କରାଯାଇଥିଲା। ବିଭିନ୍ନ ଜିଲ୍ଲାର ଛାତ୍ରଛାତ୍ରୀମାନେ ସେମାନଙ୍କ ବିଜ୍ଞାନ ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶିତ କରିଥିଲେ। ଗତ ଦୁଇଦିନ ଧରି ବିଶିଷ୍ଟ ବୈଜ୍ଞାନିକ, ଶିକ୍ଷାବିତ୍ ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ସହ ଭାବବିନିମୟ କରିଥିଲେ।

ଆଜି ଉଦଯାପନୀ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଏବଂ ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ପ୍ରଫେସର ବିଭୂତି ଭୂଷଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସଂପାଦକ ପ୍ରଫେସର ଆଶିଷ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମୁଦ୍ରିକ ମତ୍ସ୍ୟ ଚାଷରେ ନୂତନ ସୁଯୋଗ ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର,୧୬।୨ (ମହାଭାରତ): ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶାର ଦ୍ୱିତୀୟ ଦିନରେ ଆଜି ସାମୁଦ୍ରିକ ମତ୍ସ୍ୟ ଚାଷରେ ନୂତନ ସୁଯୋଗ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।ଏହି ଆଲୋଚନାଚକ୍ରରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ, ନୂଆପଡ଼ା, ରାୟଗଡ଼ା, ସୁବର୍ଣ୍ଣପୁର ଆଦି ଜିଲ୍ଲାରୁ ୨୦୦ରୁ ଅଧିକ ମତ୍ସ୍ୟଚାଷୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରେ ସାମୁଦ୍ରିକ ମତ୍ସ୍ୟ ବିଭାଗ କ୍ଷେତ୍ରର ସମୃଦ୍ଧି ପାଇଁ ଥିବା ଅପାର ସମ୍ଭାବନା ସମ୍ପର୍କରେ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ। ଏହି କ୍ଷେତ୍ରରେ ପ୍ରୟୋଗ ହେଉଥିବା ନୂତନ ଜ୍ଞାନ କୌଶଳ ସମ୍ପର୍କରେ ମତ୍ସ୍ୟଚାଷୀମାନେ ପଚାରି ବୁଝିଥିଲେ। ଏହି ଆଲୋଚନାଚକ୍ରରେ ଗବେଷକ ଡକ୍ଟର ପି. କାର୍ତ୍ତିକ ସାମୁଦ୍ରିକ ଦଳ ଚାଷ ଉପରେ ଆଲୋକପାତ କରିଥିଲେ । ଗଭୀର ସମୁଦ୍ରରେ ମାଛ ଧରିବାର ଜ୍ଞାନ କୌଶଳ ବିଷୟରେ ବରିଷ୍ଠ ବୈଜ୍ଞାନିକ ଡକ୍ଟର ବାଇଯୁ ମ.ଭି. ଆଲୋଚନା କରିଥିଲେ। ସମୁଦ୍ରରେ ପଞ୍ଜୁରୀରେ ମାଛ ଚାଷର ବିଭିନ୍ନ ଦିଗ ଉପରେ ବିସ୍ତୃତ ସୂଚନା ଦେଇଥିଲେ ଡକ୍ଟର ଭି.ଆର ସୁରେଶ। ରଙ୍ଗେଇଲୁଣ୍ଡା ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ସୌମେନ୍ଦ୍ର ନନ୍ଦ ସମନ୍ୱିତ ମାଛ ଚାଷର କୌଶଳ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଏଗ୍ରିପୋଷ୍ଟ ଓ ଆକ୍ୱାପୋଷ୍ଟ ମାଗାଜିନର ସମ୍ପାଦକ ପ୍ରଦୀପ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ବିଭିନ୍ନ ଦାବିରେ ଏଆଇୟୁଟିୟୁସି ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୧୬।୨ (ମହାଭାରତ): ଏଆଇୟୁଟିୟୁସି ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ ସପ୍ତାହ ଡାକରାରେ ଶ୍ରମଜୀବୀ ଜନସାଧାରଣଙ୍କ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଶ୍ରମିକ ବିକ୍ଷୋଭ କରାଯାଇଛି। ବିକ୍ଷୋଭ ସ୍ଥଳ ପ୍ରତିବାଦ ସଭାରେ ଏଆଇୟୁଟିୟୁସିର ଜିଲା ସଂପାଦକ ରାଜକିଶୋର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏସ୍ ୟୁ ସି ଆଇ ଆଇ (ସି) ଜିଲା ସଂପାଦକ ବିଶ୍ୱାବସୁ ଦାସ, ଏଆଇୟୁଟିୟୁସି ଜିଲା ସଭାପତି ଖଗେଶ୍ୱର ସେଠୀ, ଜିଲା ନେତା ସୌଭାଗ୍ୟ ସାମଲ, ପରମାନନ୍ଦ ସେଠୀ, ଭାଗିରଥୀ ଭୋଇ, ରେଣୁବାଳା ମହାରଣା, ମାନଗୋବିନ୍ଦ ପଣ୍ଡା, ଲାବଣ୍ୟ ପ୍ରଭା ଦାସ ଓ ସୁକାନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଶ୍ରମିକ-କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ଼ ଓ ଅନ୍ୟାନ୍ୟ କଳା ଆଇନ ପ୍ରତ୍ୟାହାର କରିବା, ଦୈନିକ କାର୍ଯ୍ୟ ନିର୍ଘଣ୍ଟ ୮ ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧି ପ୍ରସ୍ତାବ ବନ୍ଦ କରିବା, ଖାଦ୍ୟ ଦ୍ରବ୍ୟ, ଔଷଧ, ପେଟ୍ରୋଲ-ଡିଜେଲ ଆଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବଂ ବିଦ୍ୟୁତ ସେବା ଭଳି ଅତ୍ୟାବଶ୍ୟକ ସେବା କ୍ଷେତ୍ରରେ ଦର ହ୍ରାସ ପାଇଁ ଦୃଢ ପଦକ୍ଷେପ ନେବା, ସମସ୍ତ ବେକାର ଯୁବକ-ଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ସ୍ଥାୟୀ କାମରେ ଠିକା ଓ ଅସ୍ଥାୟୀ ନୀତି ବନ୍ଦ କରି ସ୍ଥାୟୀ କାମରେ ସ୍ଥାୟୀ ନିଯୁକ୍ତି ଦେବା, ସମାନ କାମରେ ସମାନ ମଜୁରୀ ଦେବା ସହ ଆଉଟସୋର୍ସିଂ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ସରକାରୀ ସ୍କିମରେ ନିଯୁକ୍ତ ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକା, ଆଶା, ଅଙ୍ଗନବାଡି କର୍ମୀ-ସହାୟକ ମାନଙ୍କୁ ସରକାରୀ କର୍ମଚାରୀ ଭାବେ ସ୍ଥାୟୀ ନିଯୁକ୍ତି ଦେବା, ରାଜ୍ୟ ସରକାର ସ୍କିମରେ ନିଯୁକ୍ତ ସ୍ୱାବଲମ୍ବୀ କାରିଗରମାନଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା ଦେବା, ଜନବିରୋଧୀ ବିଦ୍ୟୁତ ଆଇନ- ୨୦୨୩ ଏବଂ ବିଦ୍ୟୁତ ସଂଶୋଧନ ବିଲ୍- ୨୦୨୨କୁ ପ୍ରତ୍ୟାହାର କରିବା, ରାଷ୍ଟ୍ରାୟତ ଓ ସରକାରୀ ଉଦ୍ୟୋଗ ଗୁଡିକୁ ଘରୋଇକରଣ ବନ୍ଦ କରିବା, ସୁପ୍ରିମକୋର୍ଟ ରାୟ ଓ ୧୫ତମ ଶ୍ରମ ସମ୍ମିଳନୀର ସୁପାରିଶ ଅନୁସାରେ ସର୍ବନିମ୍ନ ମଜୁରୀ ୨୮ ହଜାର ଟଙ୍କା ନିର୍ଦ୍ଧାରଣ କରିବା ପ୍ରମୁଖ ୨୬ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦିଆଯାଇଛି।




# 'ସିନ୍ଧୁଜା'ର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୬।୨ (ମହାଭାରତ): ମାସିକ ପତ୍ରିକା 'ସିନ୍ଧୁଜା'ର ତ୍ରୟୋଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ସ୍ଥାନୀୟ ଗୀତଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ଏହି ଉତ୍ସବରେ 'ସମକାଳୀନ ସାମାଜିକ-ଅର୍ଥନୈତିକ ପ୍ରେକ୍ଷାପଟରେ ମହିଳାଙ୍କ ଭୂମିକା' ଶୀର୍ଷକ ଏକ ଜାତୀୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅକ୍ଷୟ ସ୍ୱାଇଁଙ୍କ ଦୁଇଟି ପୁସ୍ତକ 'ସୁମିତ୍ରା ଯାହା ଜାଣେ ନାହିଁ' (ଲଘୁ ଗଳ୍ପ ସଂକଳନ) ଓ ଅନୁବାଦ ପୁସ୍ତକ 'କଥା ଭାରତୀ' ଲୋକାର୍ପିତ ହୋଇଥିଲା। ଏହା ଛଡା ଡ. ମାଧବ ବେହୁରାଙ୍କ ସଂପାଦିତ ଗଳ୍ପ ପୁସ୍ତକ 'ଗଳ୍ପ ସିନ୍ଧୁଜା' ଉନ୍ମୋଚିତ ହୋଇଥିଲା। ବରିଷ୍ଠ ସାହିତ୍ୟିକା ଡ. ଅର୍ଚ୍ଚନା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ସିନ୍ଧୁଜା'ର ବାର୍ଷିକ ଉତ୍ସବରେ ଅତିଥିମାନେ ମହିଳାଙ୍କ କାର୍ଯ୍ୟଦକ୍ଷତା ଆଲୋକପାତ କରିଥିଲେ।

# ଆଇନ ସଚେତନତା ଶିବିର



ଭୁବନେଶ୍ୱର,୧୬।୨ (ମହାଭାରତ): ଖୋର୍ଦ୍ଧା ଜୟୀରାଜଗୁରୁ ଟାଉନ ହଲ ପରିସରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜଙ୍କ ଅଧକ୍ଷତାରେ ଖୋର୍ଦ୍ଧା ବ୍ଲକ ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି କାଜ୍ୟକ୍ରମରରେ ମୁଖ୍ୟ ଅତିଥି ଭାବରେ ଅତିରକ୍ତ ଜିଲ୍ଲାପାଳ ଯୁକ୍ତ ପ୍ରତାପ ଚନ୍ଦ୍ର ବେଉରା ଯୋଗ ଦେଇ ଥିଲେ। ସେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଥିବା ସମସ୍ତ ଆଇନ ଓ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ତତସହିତ ଡେପୁଟି ଜିଲ୍ଲାପାଳ ମନୋଜ ସେନାପତି, ଜିଲ୍ଲା ମୁଖ୍ୟ ଚିକିସ୍ୟାଳୟର ଡା. ଇନ୍ଦିରା କୁମାରୀ ରଥ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତି ଜୋସ୍ନାମଇ ଆଚାର୍ଯ୍ୟ, ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ମହିଳା ଆଇନ ସଚେତନତା ସମ୍ବଧରେ ନିଜର ବକ୍ତ୍ୟବ ରଖି ଥିଲେ। ମହିଳା ଅଧିକାର ଆଇନ ବିଶେଷଜ୍ଞ ଭାବରେ ଆଇନଜୀବୀ ମିସ. ସ୍ନେହାଞ୍ଜଳୀ ମହାନ୍ତି ଓ ଆକ୍ସନ ଏଡ଼ର ନେସନାଲ ପ୍ରୋଗ୍ରାମ ଲିଡ଼ ଘାସିରାମ ପଣ୍ଡା ଯୋଗ ଦେଇ ମହିଳା ମାନଙ୍କ ସୁରକ୍ଷା ନିମନ୍ତେ ଥିବା ବିଭିନ୍ନ ଆଇନ ଯଥାଲିଙ୍ଗଭୃଣ ନିରୁପୂଣ ନିବାରଣ ଆଇନ, ବାଲ୍ୟ ବିଭାହ ନିଷେଧ ଆଇନ, ଯୌତୁକ ନିବାରଣ ଆଇନ, କର୍ମ ସ୍ଥଳରେ ମହିଳାଙ୍କୁ ଯୌନ ଶୋଷଣ ନିବାରଣ ଆଇନ, ଘରୋଇ ହିଂସା ନିବାରଣ ଆଇନ ଇତ୍ୟାଦି ବିଷୟରେ ବିଷଦ ଭାବରେ ଆଲୋଚନା କରିବା ସହିତ ମହିଳା ମାନଙ୍କ ନିମନ୍ତେ ଉଦ୍ଧିଷ୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ଉପସ୍ଥିସ୍ତ ମହିଳା ମାନଙ୍କୁ ବୁଝାଇ ଥିଲେ।

ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବ୍ଲକର ସରପଞ୍ଚ, ସମିତି ସଭ୍ୟ , ୱାର୍ଡ ମେମ୍ବର , ଆଙ୍ଗନବାଡୀ କର୍ମୀ, ଆଶା କର୍ମୀ, ସ୍ୱୟମ ସହାୟକ ଗୋଷ୍ଠୀ ର ସଦସ୍ୟ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସିଡିପିଓ ପ୍ରମୁଖ ଯୋଗ ଦେଇ ଥିଲେ। ଜିଲ୍ଲା ସମାଜ କଲ୍ୟାଣ ବିଭାଗ ର ସମସ୍ତ କର୍ମକର୍ତ୍ତମାନେ ଏହି କାଜ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରି ଥିଲେ। ପରିଶେଷରେ ଆକ୍ସନ ଏଡ଼ର ବାଲ୍ୟ ବିବାହ ନିରାକରଣ ଜିଲ୍ଲା ସଂଯୋଜକ ଉତ୍କଳ ମାଇତି ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ।

# ଏ ସ୍ମାର୍ଟ ଓଡ଼ିଶା ହାକାଥାନ୍ ୩.୦ ପାଇଁ ଦିଗଦର୍ଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୬।୨ (ମହାଭାରତ): ଓଡ଼ିଆପ୍ରେନ୍ୟୁର: ଏ ସ୍ମାର୍ଟ ଓଡ଼ିଶା ହାକାଥାନ୍ ୩.୦ ର ଆୟୋଜନ ନିମନ୍ତେ ଏକ ଦିଗଦର୍ଶନ କାର୍ଯ୍ୟକ୍ରମ କୃଷି ଭବନର ଅଡିଟୋରିୟମଠାରେ ଆୟୋଜିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ରାଜ୍ୟସ୍ତରୀୟ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏକ ଦିବସୀୟ ଦିଗଦର୍ଶନ କାର୍ଯ୍ୟକ୍ରମର ଉଦଘାଟନୀ ଅଧିବେଶନରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ତଥା ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର, ୟୁନିସେଫ୍ ଓଡ଼ିଶାର ପରୀକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ ଓ ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ଘୋଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଓଡ଼ିଆପ୍ରେନ୍ୟୁର ସମ୍ପର୍କିତ ଏକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ଏଥିସହିତ କାର୍ଯ୍ୟକ୍ରମରେ ଜିଲ୍ଲାରୁ ପ୍ରତିନିଧି, ଶିକ୍ଷା ଅଧିକାରୀ, ଛାତ୍ରଛାତ୍ରୀ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ, ଓୟୁଏଟି, ଓୟୁଟିଆର୍, ନାଇଭର୍ ଆଦି ଅନୁଷ୍ଠାନରୁ ବିଶେଷଜ୍ଞ ମଧ ଯୋଗ ଦେଇଥିଲେ। ରାଜ୍ୟର ସମସ୍ତ ଜିଲ୍ଲାରୁ ପାଞ୍ଚ ଜଣ ଲେଖାଏଁ ଏହି ଦିଗଦର୍ଶନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।



ଉଦଘାଟନୀ ସମାବେଶରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ତଥା ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ଯୋଗ ଦେଇ ହାକାଥନ୍ ର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ପିଲାମାନଙ୍କର ଲୁକ୍କାୟିତ ପ୍ରତିଭାର ପରିସ୍ଫୁଟନର ମାଧ୍ୟମ ହେଉଛି ଓଡ଼ିଆପ୍ରେନ୍ୟୁର ହାକାଥନ। ଜାତୀୟ ଶିକ୍ଷା ନୀତି ୨୦୨୦ ରେ ଧନ୍ଦାମୂଳକ ଶିକ୍ଷା ଓ ଦକ୍ଷତାକୁ ପ୍ରୋତ୍ସାହନ ଦିଆଯାଇଛି। ଓଡ଼ିଆପ୍ରେନ୍ୟୁରର ଆୟୋଜନ ଦ୍ୱାରା ଆମେ ଛାତ୍ରଛାତ୍ରୀମାନଙ୍କ ଦକ୍ଷତାର ବିକାଶ କରିପାରିବା ଏବଂ ଜ୍ଞାନର ପରିସୀମାକୁ ବ୍ୟାପକ କରିପାରିବା ବୋଲି ସେ ମତ ପ୍ରକାଶ କରିଛନ୍ତି। ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ରଘୁରାମ୍ ଆର୍ ଆୟର୍ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ହାକାଥନ୍ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ବିଶଦ୍ ଆଲୋଚନା କରିଛନ୍ତି। ସେ କହିଛନ୍ତି, ହାକାଥନ୍ କାର୍ଯ୍ୟକ୍ରମ ବିଦ୍ୟାଳୟସ୍ତରରେ ଆରମ୍ଭ କରିବାରେ ଓଡ଼ିଶା ସମଗ୍ର ଦେଶରେ ଦ୍ୱିତୀୟ ରାଜ୍ୟ ଅଟେ। ୨୦୨୨ ମସିହାରେ ଶୁଭାରମ୍ଭ ହୋଇଥିବା ଏଭଳି ଏକ ଅଭିନବ କାର୍ଯ୍ୟକ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକଳ୍ପ ଭିତ୍ତିକ ସୃଜନଶୀଳତାକୁ ପ୍ରକାଶ କରିବାର ଅଭିନବ ପ୍ରୟାସ। ହାକାଥନ୍ ବିଜ୍ଞାନ ମେଳା ନୁହେଁ। ଏହି ହାକାଥନ୍ ରେ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ପାଠ୍ୟକ୍ରମର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ ବୋଲି ଶ୍ରୀ ଆୟାର୍ ମତ ପ୍ରକାଶ କରିଛନ୍ତି। ଏଥିସହିତ ଜିଲ୍ଲା ଏବଂ ବ୍ଲକ ସ୍ତରରେ ଅଧିକରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ଅନଲାଇନ ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରାଇବାପାଇଁ ଜିଲ୍ଲା ଏବଂ ବ୍ଲକ ସ୍ତରର ଶିକ୍ଷା ଅଧିକାରୀମାନଙ୍କୁ ଶ୍ରୀ ଆୟାର୍ ପରାମର୍ଶ ଦେଇଥିଲେ।

ଉଦଘାଟନୀ ସମାରୋହର ଅନ୍ୟତମ ଅତିଥି ଭାବେ ଓଡ଼ିଶା ୟୁନିସେଫର ଶିକ୍ଷା ପରାମର୍ଶଦାତା ଲଳିତା ପଟ୍ଟନାୟକ ନିଜର ବକ୍ତବ୍ୟ ରଖି ଛାତ୍ରଛାତ୍ରୀମାନଙ୍କର ସହଭାଗୀତା ବିଷୟରେ ଉଲ୍ଲେଖନୀୟ ମାର୍ଗ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ଅଧିକ ରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ କାର୍ଯ୍ୟକ୍ରମରେ ଭାଗନେବାକୁ ପ୍ରୋତ୍ସାହିତ କରିବା ସହିତ ଶିକ୍ଷା ସହିତ ସାମାଜିକ ବିକାଶକୁ ଯୋଡ଼ିବା ପାଇଁ ସଂପ୍ରତି ଶିକ୍ଷା ବ୍ୟବସ୍ଥାର ବିଦ୍ୟାଳୟ ସ୍ତରରେ ଧନ୍ଦାମୂଳକ ଶିକ୍ଷାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ହାକାଥନ୍ ରେ ବିଭିନ୍ନ ବିଷୟବସ୍ତୁ ଯଥା- କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ଡ଼ାଏରୀ, ଗ୍ରାମ୍ୟବିକାଶ, ପ୍ରାଣିସମ୍ପଦ, ମତ୍ସ୍ୟ ପାଳନ, ସ୍ୱାସ୍ଥ୍ୟ, ଅକ୍ଷୟ ଶକ୍ତି, ଇ-କମର୍ସ, ସାଇବର୍ ସମସ୍ୟା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ମାର୍ଟ ଶିକ୍ଷା, ବିପର୍ଯ୍ୟୟ ପରିଚାଳନା, ବର୍ଜ୍ୟବସ୍ତୁ ପରିଚାଳନା ଆଦିକୁ ନେଇ ଛାତ୍ରଛାତ୍ରୀମାନେ ପ୍ରକଳ୍ପ ପ୍ରଦର୍ଶନ କରିବେ।

# ମଞ୍ଚେଶ୍ୱର ଓ ବାଣୀବିହାର ରେଳ ଷ୍ଟେସନରେ ସ୍ୱତନ୍ତ୍ର ଟିକେଟ୍ ଯାଞ୍ଚ ଅଭିଯାନ

ଭୁବନେଶ୍ୱର,୧୬।୨ (ମହାଭାରତ): ପ୍ରକୃତ ଟିକେଟଧାରୀ ଯାତ୍ରୀମାନଙ୍କ ପାଇଁ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ରେ, ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଦ୍ୱାରା, ମଞ୍ଚେଶ୍ୱର୍ ଏଂ ବାଣୀବିହାର ରେଳବାଇ ଷ୍ଟେସନ ରେ ଏକ ସ୍ୱତନ୍ତ୍ର ଟିକେଟ୍ ଯାଞ୍ଚ କରଯାଇଥିଲା। ଏହି ସ୍ୱତନ୍ତ୍ର ଟିକେଟ୍ ଯାଞ୍ଚ ଅଭିଯାନ, ଅନୀଲ କୁମାର ଏସ୍, ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟି ପ୍ରବନ୍ଧକଙ୍କ ଆଦେଶନୁସର୍, ବାଣିଜ୍ୟି ଅଫିସର, ଟିକେଟ୍ ଯାଞ୍ଚ କର୍ମଚାରୀ ଏବଂ ରେଳ ସୁରକ୍ଷା ବଳଙ୍କୁ ନେଇ ଗଠିତ ଏକ ଟିମ୍ ଦ୍ୱାରା କରଯାଇଛି। ଉପରୋକ୍ତ ଟିକେଟ୍ ଯାଞ୍ଚ ଅଭିଯାନ ସମୟରେ, ୧୩୩ ଟି ବିନା ଟିକେଟ୍ ଯାତ୍ରୀ ଚିହ୍ନଟ ହେଇଥିଲେ ଏବଂ ଏହି ଯାତ୍ରୀମାନଙ୍କଠାରୁ ଭଡା ସହିତ ଜରିମାନା ଆକାରରେ ୩୮,୫୧୫/- ଟଙ୍କା ସଂଗ୍ରହ କରାଯାଇଥିଲା। ଏହି ଅଚନକ ଟିକେଟ୍ ଯାଞ୍ଚ ଅଭିଯାନ ଯୋଗୁଁ, ମଞ୍ଚେଶ୍ୱର୍ ଏଂ ବାଣୀବିହାର ଷ୍ଟେସନଗୁଡ଼ିକରେ କାଉଣ୍ଟରସ୍ ଟିକେଟ୍ ବିକ୍ରି, ସାଧାରଣ ଦିନ ତୁଳନା ରେ, ଯଥେଷ୍ଟ ବୃଦ୍ଧି ପାଇଛି।



ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଦ୍ୱାରା, ଆଗାମୀ ଦିନ ରେ ମଧ ବିଭିନ୍ନ ରେଳ ଷ୍ଟେସନରେ, ଏହି ପ୍ରକାରର ଟିକେଟ୍ ଯାଞ୍ଚ ଅଭିଯାନ କରିବା ପାଇଁ ଯୋଜନା କରଯାଇଛି। ବାରମ୍ଭାର ଅଚାନକ ଟିକେଟ ଯାଞ୍ଚ ସତ୍ତ୍ୱେ ଏହା ଦେଖାଯାଇଛି ଯେ, ବିନା ଟିକେଟ୍ ଦେଇ ଯାତ୍ରା କରୁଥିବା ଯାତ୍ରୀଙ୍କ ସଂଖ୍ୟା ଏବେ ବି ଅଧିକ ଅଛି ତେଣୁ, ଯାତ୍ରା ସମୟରେ କୌଣସିପ୍ରକାର ଅସୁବିଧା ର ସମ୍ମୁଖୀନ ନହେବା ପାଇଁ, ଉପଯୁକ୍ତ ଟିକେଟ୍ / ପ୍ରାଧିକରଣ ସହିତ ଟ୍ରେନରେ ଯାତ୍ରା କରିବାପାଇଁ, ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟି ପ୍ରବନ୍ଧକ, ଶ୍ରୀ ଅନୀଲ କୁମାର ଏସ୍., ଯାତ୍ରୀମାନଙ୍କୁ ନମ୍ରତାର ସହିତ ଅନୁରୋଧ କରିଛନ୍ତି।









## ଏମଏସଏମଇକୁ ଗୁରୁତ୍ୱ

ରାଜକୋଷ ବୃଦ୍ଧିକୁ ଗୁରୁତ୍ୱ ପରିବର୍ତ୍ତେ ବଜେଟରେ ସାଧାରଣ ଲୋକଙ୍କ ପକେଟକୁ ଗୁରୁତ୍ୱ ଦିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ଯାହାର ଯଥାର୍ଥତା ରହିଛି। ସବୁ ବର୍ଗର ଲୋକଙ୍କୁ ଖୁସି କରିବା ପାଇଁ ବଜେଟରେ ବ୍ୟବସ୍ଥା ରହିଛି। ଗରିବ, କୃଷକ, ମହିଳା ଏବଂ ଯୁବବର୍ଗଙ୍କ ବିକାଶକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଯଥାର୍ଥରେ ବଜେଟରେ ସବକା ସାଥ, ସବକା ବିକାଶ ଲକ୍ଷ୍ୟ ପ୍ରତିଫଳିତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବେତନଭୋଗୀଙ୍କ ସପକ୍ଷରେ ଯାଇଛି। ତାହା ହେଲା ବାର୍ଷିକ ୧୨ ଲକ୍ଷ ଟଙ୍କାର ଆୟ ପର୍ଯ୍ୟନ୍ତ ଆୟକର ଛାଡ଼ ନିଷ୍ପତ୍ତି। ୭୫ ହଜାର ଟଙ୍କାର ଷ୍ଟାଣ୍ଡାର୍ଡ ଡିଡକସନକୁ ମିଶାଇଲେ ବାର୍ଷିକ ୧୨ ଲକ୍ଷ ୭୫ ହଜାର ଟଙ୍କାର ପର୍ଯ୍ୟନ୍ତ ଦରମା ପାଉଥିବା ବ୍ୟକ୍ତିଙ୍କୁ ଆୟକର ଦେବାକୁ ପଡ଼ିବ ନାହିଁ। କିନ୍ତୁ କ୍ୟାବିଟାଲ ଗେନ ଏଥିରୁ ବାଦ ପଡ଼ିଛି। ବାର୍ଷିକ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାପିଟାଲ ଗେନ ବାବଦ ଆୟ ଟିକସ ମୁକ୍ତ ହେବ। ଏହାଠାରୁ ଅଧିକ ଆୟ ଉପରେ ଟିକସ ପଡ଼ିବ। କିନ୍ତୁ ବେତନଭୋଗୀ ମାନେ ଏଥିରୁ ବାଦ ପଡ଼ିଛନ୍ତି। ଏହି ବର୍ଗର ସଂଖ୍ୟା ସମାଜରେ ସର୍ବାଧିକ। ସେମାନେ ବଜେଟରେ ଥିବା ଆୟକର ଛାଡ଼ ସୀମାକୁ ନେଇ ଖୁସ। ବର୍ତ୍ତମାନର ମୁଦ୍ରାସ୍ଫୀତି ହାରକୁ ଦୃଷ୍ଟିରେ ରଖି ସରକାର ଆୟକର ଛାଡ଼ ସୀମାକୁ ବଢ଼ାଇଛନ୍ତି। ଏହା ସ୍ୱାଗତଯୋଗ୍ୟ। ବଜେଟରେ ଆହୁରି ଅନେକ ବ୍ୟବସ୍ଥା ରହିଛି ଯାହା ଗରିବ ଏବଂ ମଧ୍ୟବିତ୍ତ ବର୍ଗର ଲୋକଙ୍କ ପାଇଁ ସ୍ୱାଗତଯୋଗ୍ୟ ହୋଇପାରେ। ବଜେଟରେ କୃଷକ କଲ୍ୟାଣକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। କିଷାନ କ୍ରେଡିଟ କାର୍ଡ ମାଧ୍ୟମରେ ଲୋନ ପରିମାଣ ୩ ଲକ୍ଷରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ଦ୍ୱାରା କୃଷି କ୍ଷେତ୍ରରେ ନିବେଶ ବଢ଼ିବ। ବଜେଟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଲାଗି ସର୍ବାଧିକ ୬.୮୧ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ଦ୍ୱିତୀୟ ସର୍ବାଧିକ ବ୍ୟୟ ବରାଦ ହୋଇ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପାଇଁ। ନିର୍ମଳା କହିଛନ୍ତି ଯେ, ଆସନ୍ତା ୫ ବର୍ଷ ଭିତରେ ଦେଶରେ ୭୫ ହଜାର ନୂଆ ମେଡିକାଲ ସ୍ଥାପନ ହେବ। ଆସନ୍ତା ବର୍ଷ ଦେଶରେ ଏମବିବିଏସ ପାଠ୍ୟକ୍ରମରେ ୧୦ହଜାର ନୂଆ ସିଟ ପ୍ରତିଷ୍ଠା ହେବ। ଏହା ଦ୍ୱାରା ଦେଶରେ ଡାକ୍ତରଙ୍କ ଅଭାବ ଦୂର ହୋଇପାରିବ ଏବଂ ସ୍ୱାସ୍ଥ୍ୟସେବାର ମାନ ବୃଦ୍ଧି ହେବ। ବଜେଟରେ ୩୬ ପ୍ରକାର ଜୀବନ ରକ୍ଷାକାରୀ ଔଷଧ ଉପରେ ଶୁଳ୍କ ହ୍ରାସ ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ଅନେକ ରୋଗର ଚିକିତ୍ସା ଖର୍ଚ୍ଚ ହ୍ରାସ ପାଇବ ଏବଂ ଗରିବ ଲୋକଙ୍କ ଉପରୁ ଚିକିତ୍ସା ଖର୍ଚ୍ଚ ବାବଦ ବୋଝ ହ୍ରାସ ପାଇବ। ବଜେଟରେ ଏକ ବଡ଼ ନିଷ୍ପତ୍ତି ହେଲା ଇଭି ଏବଂ ମୋବାଇଲ ବ୍ୟାଟେରୀ ଉପରେ ଟିକସ ହ୍ରାସ। ଏହା ଦ୍ୱାରା ଇଭି ମୂଲ୍ୟ ହ୍ରାସ ପାଇବ ଏବଂ ଏହାର ଆଦୃତି ବଢ଼ିବ। ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ହ୍ରାସରେ ଏହା ସହାୟକ ହେବ। ନିଜ ବଜେଟ ଅଭିଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ଗୁରୁତ୍ୱ ଦେଇଛନ୍ତି। ଆଗାମୀ ଆର୍ଥିକ ବର୍ଷରେ ୧.୭୫ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା ଉତ୍ପାଦନ ହେବ ଏବଂ ୨୦୨୯ ସୁଦ୍ଧା ଏହା ୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ବଜେଟ୍‌ରେ ଏମଏସଏମଇ ସେକ୍ଟରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହାକୁ ବିକାଶର ଦ୍ୱିତୀୟ ଇଞ୍ଜିନ ବୋଲି କୁହାଯାଇଛି। ଦେଶରେ ମହିଳା ଉଦ୍ୟୋଗୀ ସୃଷ୍ଟି ପାଇଁ ଲକ୍ଷ୍ୟ ରଖି ବଜେଟରେ ଅର୍ଥ ବରାଦ କରାଯାଇଛି। ସେହିପରି ଷ୍ଟାର୍ଟଅପ ଲାଗି ଅତିରିକ୍ତ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସେହିପରି ପରାମାଣୁ ଶକ୍ତି ଉତ୍ପାଦନ ବୃଦ୍ଧି ନିମନ୍ତେ ୨୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହା ଦ୍ୱାରା ଦେଶରେ ପରମାଣୁ ଶକ୍ତି ଉତ୍ପାଦନ ୧୧ ଗିଗାୱାଟକୁ ବୃଦ୍ଧି ପାଇବ।

# ଶିକ୍ଷା : ସମସ୍ତଙ୍କ ପାଇଁ ଓ ସମାଜ ପାଇଁ

॥ ଶ୍ୟାମ ସୁନ୍ଦର ସାମଲ ॥

> “ ଜୀବନରେ ଆମ୍ଭେମାନେ ଅନେକ ଅଙ୍ଗେଲିଭା ପ୍ରସଙ୍ଗକୁ ସାମ୍ନା କରିଥାଉ। ଯାହାପଛର ସତକୁ ପ୍ରାୟତଃ ଲୋକଲୋଚନକୁ ଅଣାଯାଇ ନଥାଏ। ଶିକ୍ଷା ଆଜିର ସମୟରେ ଏକ ବିରାଟ ବଡ଼ ବ୍ୟବସାୟର ରୂପ ନେଲାଣି। ରାଜସ୍ଥାନର କୋଟାର କଥାକୁ ମନେପକାନ୍ତୁ ଲକ୍ଷାଧିକ ଟଙ୍କା ଦେଇ ଡାକ୍ତର, ଇଞ୍ଜିନିୟର ବା ଆଇଏଏସ୍ ହେବାର ସ୍ୱପ୍ନ ନେଇ ସେ ଯାଗାକୁ ଭାରତ ବର୍ଷରୁ ମେଧାବୀ ଛାତ୍ରମାନେ ଯାଉଛନ୍ତି। ଭୟଙ୍କର ମାନସିକ ଚାପ ସେମାନଙ୍କୁ ମୃତ୍ୟୁର ବାଟ ଦେଖାଉଛି। ପ୍ରତିବର୍ଷ ତିରିଶ ଚାଳିଶ ଜଣ ପିଲା ସେଠାରେ ଆତ୍ମହତ୍ୟା କରୁଛନ୍ତି।

ଆନ୍ତର୍ଜାତିକ ସାକ୍ଷରତା ଦିବସ ସମଗ୍ର ବିଶ୍ୱରେ ପାଳିତ ହୋଇଛି। ଓଡ଼ିଶା ସର୍ବୋପରି କଟକରେ ମଧ୍ୟ ଅନେକ ଅନୁଷ୍ଠାନରେ ଏହି ଦିବସ ବେଶ ଧୁମଧାମରେ ପାଳିତ ହୋଇଛି। ବାସ୍ତବରେ ଶିକ୍ଷା କ’ଣ ? ସର୍ବୋପରି ଦୈନନ୍ଦିନ ଜୀବନରେ ଶିକ୍ଷାର ଆବଶ୍ୟକତା କ’ଣ ଅଛି ? ଏହା ତ ସାଧାରଣ କଥା ଶିକ୍ଷା ବିନା ଜଣେ ମଣିଷ ମୂର୍ଖ ନିଶ୍ଚୟ। ସେଥିପାଇଁ ଆମେ ପ୍ରାୟତଃ କଥାରେ କଥାରେ କହୁ ତୁ ମୂର୍ଖଟା କିରେ ? ସରକାରଙ୍କ ଶିକ୍ଷାକୁ ନେଇ ବଡ଼ ସ୍ଲୋଗାନ ହେଉଛି ‘ପିଲାଏ ପଢ଼ିବେ, ପିଲାଏ ଗଢ଼ିବେ’ର ଆନ୍ତରିକ ଅର୍ଥ ହେଉଛି ଗଢ଼ା ହେବେ। ତେବେ ଆଇନର ଏକ ସଚରାଚର ବାକ୍ୟ ଯେପରି ରହିଛି ଆଇନ ତା ବାଟରେ ଯିବ ଠିକ ସେହିପରି କୁହାଯାଏ ଶିକ୍ଷା ମଧ୍ୟ ତା ବାଟରେ ଯାଏ। ଶିକ୍ଷାର ବାଟ ଦେଖାଇଥାନ୍ତି ପୂଜ୍ୟ ଗୁରୁଦେବମାନେ। ପ୍ରତ୍ୟେକ ବ୍ୟକ୍ତିର ଜୀବନ ଓ ଆଦର୍ଶ ଗଢ଼ା ହେବାରେ ଗୁରୁ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ କେତେକ କ୍ଷେତ୍ରରେ ଦେଖାଯାଉଛି ଗୁରୁ ଓ ଶିକ୍ଷାୟତନ ସର୍ବୋପରି ଅଭିଭାବକମାନେ ଶିକ୍ଷାକୁ ଯେଉଁପର ରାସ୍ତାରେ ନେଉଛନ୍ତି ତାହା ସାଧାରଣ ବୁଦ୍ଧିଜୀବୀମାନଙ୍କୁ ବଡ଼ ଅଶ୍ୱସ୍ତିକର ଭିତରକୁ ଠେଲି ଦେଇଛି। ଶିକ୍ଷକମାନେ ଆମ ପାଇଁ ଗୁରୁ କିନ୍ତୁ ଶିକ୍ଷକମାନେ ସେମାନଙ୍କ ଅଧିକାର ଓ ଦାବୀ ପାଇଁ ରାସ୍ତାକଡ଼ରେ ସରକାରଙ୍କ ଠାରୁ ନ୍ୟାୟ ମାଗୁଛନ୍ତି। ତେବେ କିଛି ଦିନ ତଳେ କଟକ କଳାବିକାଶ କେନ୍ଦ୍ର ମାର୍ଗସ୍ଥିତ ଏକ ପ୍ରତିଷ୍ଠିତ ବିଦ୍ୟାଳୟରେ ସାଧାରଣରେ ଦେଖାଗଲା ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି। ପିଲାମାନଙ୍କୁ ଓ ପରିଚାଳନା କମିଟିକୁ ବିଦ୍ୟାଳୟକୁ ପ୍ରବେଶ ନକରାଇ ଏକ ପ୍ରକାର ହଲାବୋଲ ଆରମ୍ଭ କରିଦେଲେ। କିନ୍ତୁ ଏହା ଭିତର ଘଟଣା କ’ଣ ? ସତ୍ୟତା କ’ଣ ? କେହି ଜାଣିବାର ସୁଯୋଗ ପାଇପାରିଲେ ନାହିଁ। ଯେଉଁମାନେ ସାଧାରଣତଃ ସେହି ରାସ୍ତା ଦେଇ ଯାଉଥାନ୍ତି। ବିଦ୍ୟାଳୟର ଭିତ୍ତିଭୂମି ଅଛି, ପ୍ରତିଷ୍ଠା ଅଛି, ସୁନାମ ଅଛି, କୃତୀତ୍ୱର ସହ ପିଲାମାନେ ବିଦ୍ୟାଳୟର ସୁନାମ ମଧ୍ୟ ବଢ଼ାଉଛନ୍ତି। ତେବେ ଶିକ୍ଷକ ଶିକ୍ଷୟିତ୍ରୀମାନେ ରାସ୍ତାକଡ଼ରେ କାହିଁକି ବସିଲେ ଏହା ଏକ ବିରାଟ ବଡ଼ କଥା। ଏହି ଲେଖକ ଶିକ୍ଷକ ସମାଜକୁ ନିନ୍ଦିତ କରୁନାହିଁ କି ପରିଚାଳନା କମିଟିର ଦୋଷ ଦେବା ପାଇଁ ଏହି ଲେଖାର ଉଦ୍ଦେଶ୍ୟ ନୁହେଁ। ଅଭିଭାବକମାନେ ବିଦ୍ୟାଳୟକୁ ପିଲାମାନଙ୍କୁ ଛାଡ଼ି ଦେବା ପରେ ସେମାନେ ଭାବନ୍ତି ଆମେ ଏପରି ଏକ ମେସିନ ଭିତରକୁ ପିଲାମାନଙ୍କୁ ଠେଲି ଦେଇଛୁ କିଛି ଅର୍ଥର ବିନିମୟରେ ପିଲାମାନେ ସିଧା ସଳଖ ଡାକ୍ତର, ଇଞ୍ଜିନିୟର ବା ଆଇଏଏସ୍ ଅଫିସର ହୋଇ ମେସିନର ଅପର ବାଟେ ବାହାରି ପଡ଼ିବେ।

ଜୀବନରେ ଆମ୍ଭେମାନେ ଅନେକ ଅଙ୍ଗେଲିଭା ପ୍ରସଙ୍ଗକୁ ସାମ୍ନା କରିଥାଉ। ଯାହାପଛର ସତକୁ ପ୍ରାୟତଃ ଲୋକଲୋଚନକୁ ଅଣାଯାଇ ନଥାଏ। ଶିକ୍ଷା ଆଜିର ସମୟରେ ଏକ ବିରାଟ ବଡ଼ ବ୍ୟବସାୟର ରୂପ ନେଲାଣି। ରାଜସ୍ଥାନର କୋଟାର କଥାକୁ ମନେପକାନ୍ତୁ ଲକ୍ଷାଧିକ ଟଙ୍କା ଦେଇ ଡାକ୍ତର, ଇଞ୍ଜିନିୟର ବା ଆଇଏଏସ୍ ହେବାର ସ୍ୱପ୍ନ ନେଇ ସେ ଯାଗାକୁ ଭାରତ ବର୍ଷରୁ ମେଧାବୀ ଛାତ୍ରମାନେ ଯାଉଛନ୍ତି। ଭୟଙ୍କର ମାନସିକ ଚାପ ସେମାନଙ୍କୁ ମୃତ୍ୟୁର ବାଟ ଦେଖାଉଛି। ପ୍ରତିବର୍ଷ ତିରିଶ ଚାଳିଶ ଜଣ ପିଲା ସେଠାରେ ଆତ୍ମହତ୍ୟା କରୁଛନ୍ତି। କେବଳ ରାଜସ୍ଥାନର କୋଟାରେ ନୁହେଁ ଓଡ଼ିଶାରେ ମଧ୍ୟ ଏହା ଘଟୁଛି। କଟକରେ ବି ଏପରି ଅନେକ ନଜିର ରହିଛି। ଅନେକ ଜାଣି ନଥାନ୍ତି ସମ୍ଭବତଃ କିଛି ବାପା ମାଆମାନେ ପିଲାମାନଙ୍କୁ ଅର୍ଥ ନଦେଇ ପାରି ସେମାନେ ଜୀବନ ହାରନ୍ତି। ଏ ଖବର ବଡ଼ ଭାବେ ପ୍ରକାଶ ହୁଏନି। କେଉଁଠି ଦେଖାଯାଇଛି କି କୋଚିଂ ସେଣ୍ଟରର ମାଲିକମାନେ ପିଲାଙ୍କ ଅସଫଳ ଦୁଃଖରେ ମ୍ରିୟମାଣ ହୋଇ ଆତ୍ମହତ୍ୟା କରିଛନ୍ତି। ଏହାର ଉତ୍ତର ଆଦୌ ନୁହେଁ। ଶିକ୍ଷାକୁ ଏକ ପ୍ରକାର ବ୍ୟବସାୟ କରିଦିଆଗଲାଣି। ଅନେକ ଶିକ୍ଷକମାନେ ଶିକ୍ଷା ଛାଡ଼ି ବେପାର ଓ ରାଜନୀତିକୁ ନିଜ ମୁଖ୍ୟ ବୃତ୍ତି ଭାବେ ଗ୍ରହଣ କଲେଣି। ଦସ୍ତଖତ ମାରିଲେ ଦରମା ଗଣ୍ଡା ମାସ ଶେଷରେ ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ ହେଲା। କେତେକ ଶିକ୍ଷା ପ୍ରତିଷ୍ଠାନରେ ଦେଖାଯାଏ ବିଶୃଙ୍ଖଳାର ବଡ଼ କାରଣ ଥାନ୍ତି ଏହି ଶିକ୍ଷକ ସମାଜ। ସେମାନଙ୍କ ନ୍ୟସ୍ତ ସ୍ୱାର୍ଥ ପୂରଣ ନହେଲେ ମ୍ୟାନେଜମେଣ୍ଟ ବେକରେ ଦଉଡ଼ା ପକାଇ ବିଦ୍ୟାଳୟରେ ତାଲା ପକାଇ ଦିଅନ୍ତି। ଶିକ୍ଷା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଗଣମାଧ୍ୟମରେ ଏହା ପ୍ରମୁଖ ଖବର ପାଲଟି ଯାଏ। କିନ୍ତୁ ମ୍ୟାନେଜମେଣ୍ଟର ମୁଣ୍ଡ କିପରି ବିନ୍ଧିଥାଏ ତାହା କେବେ କେହି ଭାବନ୍ତି ନାହିଁ। ଶିକ୍ଷା ବ୍ୟବସ୍ଥାରେ କେହି ବୁଝନ୍ତିନି ଯେ ଯେଉଁ ବିଦ୍ୟାଳୟରେ ପ୍ରଭୂତ ସଂଖ୍ୟାରେ ପିଲାମାନେ ପଢ଼ନ୍ତି ଯାହାଫଳରେ ସେମାନଙ୍କର ଆଦାୟ ଫିସ ଶିକ୍ଷକ ମାନଙ୍କୁ ହିଁ ପ୍ରଦାନ କରାଯାଇଥାଏ। ଯଦି ଛାତ୍ରଛାତ୍ରୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଯାଏ ତାହାହେଲେ ମ୍ୟାନେଜମେଣ୍ଟ ନିୟମିତ ଦରମା ଠାରୁ ବର୍ଦ୍ଧିତ ଦରମା ଦେବା କେତେ ଯେ କାଠିକର ପାଠ ତାହା କେହି ବୁଝିପାରନ୍ତିନି। ଜଣେ ଶିକ୍ଷକ ଭାଇର ସ୍ୱାର୍ଥରେ ବାଧା ହେଲେ ଯେପରି ଅନ୍ୟ ଶିକ୍ଷକମାନେ ମେଳି ହୋଇଯାଉଛନ୍ତି ସେମାନେ ଚିନ୍ତା କରୁନାହାଁନ୍ତି ଯେ ପିଲାଙ୍କ ସଂଖ୍ୟା ଯଦି କହି ଯାଇଥାନ୍ତି ତାହାଲେ ଆମ୍ଭମାନଙ୍କ ଭିତରୁ କିଛିକୁ ମନୋନୀତ କରି ଅନ୍ୟତ୍ର କର୍ମ ସଂସ୍ଥାନ ଦେଖିବା। ନାଁ, ବ୍ୟକ୍ତି ସ୍ୱାର୍ଥ ବା ବଡ଼। ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ଅମଡ଼ା ବାଟରେ ଯାଉଛନ୍ତି ତାଙ୍କୁ ବିଦ୍ୟାଳୟର ବାହାର ବାଟ ଅନୁଶାସନର ନିୟମରେ ମ୍ୟାନେଜମେଣ୍ଟ ତୁରନ୍ତ ରାସ୍ତା ଦେଖାଇ ଦେଉ କାରଣ ଏହା ହେଉଛି ଅନୁଶାସନର କଥା। ଶିକ୍ଷକମାନେ ନୀତିନିଷ୍ଠ ହୁଅନ୍ତୁ ସେମାନେ ଭୁଲି ଯାଆନ୍ତୁ ନାହିଁ ସେମାନେ ମହର୍ଷି ବ୍ୟାସଦେବଙ୍କ ମାର୍ଗ ନିର୍ଦ୍ଦେଶିତ ଜଣେ ଜଣେ ଗୁରୁ। ସେମାନେ ଏ ସମାଜରେ ଭଗବାନଙ୍କ ମର୍ଯ୍ୟାଦା ପାଇଥାନ୍ତି। କିନ୍ତୁ ସେମାନେ ଯେତେବେଳେ ଠକାମୀ କରନ୍ତି ସ୍କୁଲ ପାଠ ଛାଡ଼ି ଟ୍ୟୁସନରେ ବେଶି ମନ ଦିଅନ୍ତି, ନିଶାଗ୍ରସ୍ତ ହୁଅନ୍ତି, ଲମ୍ପଟ-କାମୁକ ହୁଅନ୍ତି ଏହାର ପ୍ରଭାବ କେଉଁପରି ଭାବରେ ସମାଜ ଉପରେ ପଡ଼ିବ କେବେ ଚିନ୍ତା କରିଛନ୍ତି। ଏହି ଲେଖକ ଏକ ସୁଉଜ୍ଜ୍ୱଳ ଶିକ୍ଷା ବୁନିୟାଦି ଥିବା ପରିବାରରୁ ଆସିଛି। ଯାହାଙ୍କର ଜଣେ ଅଗ୍ରଜ ଭଦ୍ରକ ଜିଲ୍ଲାରେ ଜଣେ ସୁନାମଧନ୍ୟ ମହାନ ଶିକ୍ଷା ବ୍ୟକ୍ତିତ୍ୱ ଭାବେ ପୂଜିତ। ତେଣୁ ଆମେ ସମୁଦାୟ ଶିକ୍ଷକ ସମାଜକୁ ନିନ୍ଦିତ କରୁନୁ। କାରଣ କିଛି ଶିକ୍ଷକଙ୍କ ପାଇଁ ଏହି ଯୁଗରେ ଶିକ୍ଷାର ଧର୍ମ ଡଙ୍ଗା ଚାଲିଛି। ଆଜିକାଲି ଛତୁ ଫୁଟିବା ପରି ଶିକ୍ଷା ଅନୁଷ୍ଠାନ ଗଢ଼ିଉଠୁଛି, ସେ ତୁଳନାରେ ନୈତିକ ଶିକ୍ଷା କିନ୍ତୁ ବଢ଼ୁନି। ମଣିଷ ପଣିଆ ହ୍ରାସ ପାଉଛି। ସ୍ୱାର୍ଥ, ବ୍ୟବସାୟ, ଚାଟୁକାର, ପରଶ୍ରୀକାତରତା, ଈର୍ଷାପରାୟଣତା ଏହି ନିନ୍ଦିତ ଗୁଣ ଗୁଡ଼ିକୁ କିଛି ଶିକ୍ଷକମାନେ ନିଜର ଭୂଷଣ କରୁଛନ୍ତି। ଶିକ୍ଷାୟତନର ତଥାକଥିତ ମାମଲତକାରମାନେ କେବଳ ନିୟମିତ ଓ ନିର୍ଦ୍ଧାରିତ ସ୍କୁଲ ମିଟିଂ ଭିତରେ ନିଜ ଦାୟିତ୍ୱ ସାରନ୍ତୁନାହିଁ। ସେମାନେ ଭୁଲ ଯାଆନ୍ତୁ ନାହିଁ ସେ ଅନୁଷ୍ଠାନକୁ ସେମାନେ ଏକ ଛୋଟ ପିଲାପରି ଆଙ୍ଗୁଳି ଧରି ବାଟ କଢ଼ାଇବାର କଥା। ନିୟମିତ ସମୟ ଦେବା କଥା, ଛାତ୍ରଛାତ୍ରୀ - ଶିକ୍ଷକ ଶିକ୍ଷୟିତ୍ରୀ - ଅଭିଭାବକ ଏହି ତ୍ରିଭୁଜ ସହ ସେମାନଙ୍କର ସ୍ୱାଭାବିକ ଓ ନିୟମିତ ସମ୍ପର୍କ ରହିବା କଥା। ନିଜ ସ୍ୱାର୍ଥପାଇଁ ବିଦ୍ୟାଳୟରେ ତାଲା ପକାଇ ପିଲାମାନଙ୍କର ପାଠପଢ଼ାର କ୍ଷତି ସହ ସେହି ବିଦ୍ୟାଳୟର ଯେଉଁ ସୁନାମ ଦାଣ୍ଡରେ ପଡ଼ିଲା ତାହା କ’ଣ ଆଉ ଫେରି ଆସିପାରିବ। କିଛି ଦରମା ବଢ଼ିପାରେ, କିଏ ପ୍ରମୋସନ ବି ପାଇପାରେ କିନ୍ତୁ ଯେଉଁ ଶିକ୍ଷାୟତନର ଦାନା ପାଣିରେ ଆମ ପରିବାର ଚଳୁଛି ଆମେ ସୁନାମ ପାଉଛୁ ତାକୁ କ’ଣ ଆମେ ଫେରାଇ ଦେଇପାରିବା। ଏହାକୁ ଟିକେ ମାନବିକ ଦୃଷ୍ଟିକୋଣରୁ ଚିନ୍ତା କରନ୍ତୁ। ଏ ଆହ୍ୱାନ କେବଳ ପ୍ରଶାସନ ଓ ଶିକ୍ଷାବିତଙ୍କ ଉପରେ ଛାଡ଼ି ଦିଅନ୍ତୁ ନାହିଁ । ଏ ଗୁରୁ ଦାୟିତ୍ୱ ପ୍ରତିଷ୍ଠାନର ସଂସ୍ଥାପକ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କର। ଅଭିଭାବକମାନେ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟର ଦରମା ଦିଅନ୍ତୁ, ଶିକ୍ଷକ ଶିକ୍ଷୟିତ୍ରୀମାନେ ପୋଷକ ପରିପାଟୀ ସୁଉନ୍ନତ ହୁଅନ୍ତୁ। ନିଜର ଆଚରଣ ପ୍ରଦର୍ଶନ ବେଳେ ଭାବନ୍ତୁ ଆମେ ଜଣେ ଗୁରୁ। ପିଲାମାନେ କେବଳ ପାଠରେ ହିଁ ମନୋନିବେଶ କରନ୍ତୁ। ଏହିପରି ସବୁ କିଛି ଛୋଟିଆ ଜିନିଷ ବୁଝିଗଲେ ଶିକ୍ଷାକୁ ନେଇ ଆଉ ଝିନଝଟ ରହିବ ନାହିଁ। ପିଲାମାନେ ଯଥାର୍ଥରେ ଭଗବାନ ଶ୍ରୀସତ୍ୟସାଇଙ୍କ ମାନବୀୟ ମୂଲ୍ୟବୋଧ ଶିକ୍ଷାକୁ ଗ୍ରହଣ କରି ନିଜ ଶ୍ରେଷ୍ଠ ଚରିତ୍ର ଗଠନ କରିପାରିବେ, ପରିବାରର ବାପା-ମାଆଙ୍କର ସୁନାମ ବଢ଼ାଇବେ, ସମାଜର, ଦେଶର ଓ ପାଠପଢ଼ିଥିବା ସେମାନଙ୍କର ବିଦ୍ୟାଳୟର ଯେଉଁ ସୁନାମକୁ ଆଗକୁ ନେବେ ତାକୁ ପର ପିଢ଼ି ନିଶ୍ଚିନ୍ତ ଦୃଷ୍ଟିରେ ରଖି ନିଜକୁ ତିଆରି କରିବେ।


ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୭୩୫୯୨୬


# ଜୀବନ ଚଳଣୀର ମୂଳ ମନ୍ତ୍ର

॥ ଯଶସ୍ୱିନୀ ପଟ୍ଟନାୟକ ॥

ଆଜୀବନ କ’ଣ? ଜୀବନର ଅନ୍ତର୍ନିହିତ ଉପଲବ୍ଧି ଓ ଚେତନା କ’ଣ? ଏପରି ଅନେକ ଅନୁଚାରିତ ପ୍ରଶ୍ନ ଆମ ମାନଙ୍କ ଭିତରେ ଅନେକ ସମୟରେ ଉଠିଥାଏ। କିଛି ସମୟ ପାଇଁ ଆମେ ଭାବୁକ ବା କେହି କେହି ଭାବ ପ୍ରବଣ ଆଧାତ୍ମିକତା ଭିତରକୁ କିଛି ସମୟ ପାଇଁ ଚାଲିଯାଆନ୍ତି। ଦେବ ଦର୍ଶନ କରନ୍ତି, ଦାନ ଧର୍ମ କରନ୍ତି, କେହି କେହି ପିତାମାତଙ୍କୁ ନିଜ ପ୍ରକୃତ ଈଶ୍ୱର ଭାବି କିଛି ଦାୟିତ୍ୱ ନିର୍ବାହ କରନ୍ତି। କେହି କେହି ପୁଣି ନିଜ ତେଲଲୁଣ ଜୀବନକୁ ନେଇ ଫେରି ଯାଆନ୍ତି ନିଜ ଦାନାପାଣିର ଝିନଝଟ ଭିତରକୁ। ଦାନଧର୍ମ କରିବା, ସତସଙ୍ଗରେ ବସିବା, ପରୋପକାରରେ ଲିପ୍ତ ରହିବା ଠାରୁ ସର୍ବଶ୍ରେଷ୍ଠ ଚେତନା ହେଉଛି ନିଜକୁ ଚିହ୍ନିବା। ସତରେ ଆମେ କ’ଣ ଏ ଯାଏଁ ନିଜକୁ ଚିହ୍ନି ପାରିଛେ? ତାହାଲେ ଆମ ଭିତର ମଣିଷ ପଣିଆ ଅନେକ ସମୟରେ ହଜି ଯାଉଛି କିପରି ? ଆଜିର ମଣିଷ ଏଭଳି ପରିସ୍ଥିତିରେ ପହଞ୍ଚିଲାଣି ଯେ ନିଜର ସମ୍ପତ୍ତି ବ୍ୟତୀତ ଅନ୍ୟର ସମ୍ପତ୍ତିକୁ ବି ନିଜର ମନେକରୁଛି। ଆଉ ତାକୁ ଉପଭୋଗ କରିବାକୁ ମଧ୍ୟ କୁଣ୍ଠାକରୁନାହିଁ । ଭୋଗର ଶେଷ ପରିଣତି ଯେ ଦୁଃଖ ତାହା ମଣିଷ ସହଜରେ ବୁଝେନା । ଆବଶ୍ୟକତା ଠାରୁ ବହୁଅଧିକ ସଞ୍ଚୟକରିବା, କାରବାର ଠାରୁ ଅତିଅଧିକ ଜମିକୁ ଦଖଲ କରିବା, ଚଳପ୍ରଚଳ କରିବା ଠାରୁ ଖୁବ୍‌ବେଶୀ ଘର ତିଆରି କରିବା ଆଦି ମଣିଷର ଗୋଟାଏ ନିଶାରେ ପରିଣତ ହୋଇଛି । ଅନ୍ୟମାନେ ଉପଯୁକ୍ତ ରୋଜଗାର କରି ଏପରି ସୌଖୀନରେ ରହୁଛନ୍ତି ତାଙ୍କୁ ଦେଖି କମ୍ ରୋଜଗାର କରୁଥିବା ଲୋକ ବି ସେହି ପଥର ଯାତ୍ରୀ ହେଉଛି । ଯାହାଫଳରେ ସୁଖ ମିଳିବା ପରିବର୍ତ୍ତେ ଦୁଃଖ ଭୋଗ କରୁଛି । ଆହୁରି ଅନେକ ଅଛନ୍ତି ଯେଉଁମାନେ ନିଜ ଜିନିଷକୁ କାରବାର ବା ବ୍ୟବହାର ନକରି ଅନ୍ୟର ଜିନିଷରେ କାମ ଚଳାଇବାକୁ ଇଚ୍ଛା କରନ୍ତି । ଯାହାଫଳରେ ସମାଜରେ ସୃଷ୍ଟିହୁଏ ଅଭାବ । ଏ କଥା ବୁଝିବାକୁ ରାଜି ହୁଅନ୍ତି ନାହିଁ ଅନେକ । ସେମାନେ ପ୍ରକାଶ କରନ୍ତି ଯେତିକି ମିଳିଛି ତାହା ଯଥେଷ୍ଟ ନୁହେଁ, ତେଣୁ ଆହୁରି ଆବଶ୍ୟକ । ନିଜପାଇଁ ସଂଗ୍ରହ କରୁଛେ । ତା ସହିତ ପରପିଢ଼ୀମାନଙ୍କ ପାଇଁ ବି ସଂଗ୍ରହ କରୁଛେ। ଥରେ ଭାବି ଦେଖିଲେ ଆମେ ଅଯଥାରେ ଯେତିକି ସଞ୍ଚୟ କରୁଛେ, ତାହା ବର୍ତ୍ତମାନ ଲୋକ ପାଇଲେ କେତେ ଆନନ୍ଦରେ ରହନ୍ତେ । ଆମେ ଭାବୁଛେ ନିଜେ କେବଳ ଆନନ୍ଦରେ ରହିଲେ ଆରାମ୍‌ରେ ରହିପାରିବା । ଏତିକି ବୁଝୁନେ ଅନ୍ୟର ଦୁଃଖ ମଧ୍ୟ ଆମ ପାଇଁ ଦୁଃଖର କାରଣ ହୋଇଯାଏ । ଥରୁଟିଏ ଉପବାସ ରହି ସେହି ଖାଦ୍ୟ କାହାକୁ ବି ଦାନ ଦେଲେ ଦେଖିବ କେତେ ଆନନ୍ଦ ମିଳିବ । ଥରୁଟିଏ ନିଜ ପାଇଁ ସାଇତି ଥିବା ଦ୍ରବ୍ୟକୁ ଅନ୍ୟକୁ ଅର୍ପଣ କରି ଦେଖ କେତେ ସୁଖ ମିଳୁଛି । ବାସ୍ତବରେ ତ୍ୟାଗ ଭିତରେ ଯେଉଁ ଆନନ୍ଦ ଥାଏ ତାହା ଭୋଗରେ ନଥାଏ । ସେଥିପାଇଁ ଆମ ପୂର୍ବଜମାନେ କହିଛନ୍ତି ତେନ ତ୍ୟକ୍ତେନ ଭୁଞ୍ଜିଥାଃ । ନିଜର ସୁଖ ଭୋଗ ସହିତ ଅନ୍ୟକୁ ସାମିଲ୍ କରିବା ଉଚିତ୍ ।

ଟ୍ରେନ୍ ବା ବସ୍‌ରେ ଦୂର ଯାତ୍ରା କଲାବେଳେ ଦୁଇଜଣ ଅଚିହ୍ନା ବ୍ୟକ୍ତି ପାଖାପାଖି ବସିବାର ନଜିର ଅଛି । ଅତୀତରେ ସେପରି ବି ହେଉଥିଲା । ନିଜ ସମ୍ପର୍କୀୟ ଯେତିକି ବନ୍ଧୁ ବାନ୍ଧବ ଥିଲେ ଦୂର ତୀର୍ଥ ବା ଯାତ୍ରାରୁ ବହୁ ବନ୍ଧୁ ସୃଷ୍ଟି ହେଉଥିଲେ । ପରସ୍ପର ସହିତ ଭାବବିନିମୟ କରି ନୂଆ ବନ୍ଧୁଟିଏ ସୃଷ୍ଟିହେବା କଥା ଖୁବ୍ ଜଣାଶୁଣା । ଏହି ବନ୍ଧୁ ଖୁବ୍ ଆପଣାର ପାଲଟି ଯାଆନ୍ତି । ଭଲରେ ମନ୍ଦରେ ଠିଆହୁଅନ୍ତି । ଏମାନଙ୍କୁ କୁହାଯାଏ ସୁରୁଜବନ୍ଧୁ । ତେଣୁ ଅନେକ ପରିବାରରେ ଏବେ ବି ସୁରୁଜୁ ବନ୍ଧୁଙ୍କୁ ଲୋଡାଯାଏ । ଏପରି ବନ୍ଧୁ ସୃଷ୍ଟି ହେଉଥିଲା ପରସ୍ପରର ଭାବର ଆଦାନ ପ୍ରଦାନରୁ । ଏବେ କିନ୍ତୁ ଦୁଇ ଅପରିଚିତ ଏକାଠି ବସିଲେ ଦୀର୍ଘ ସମୟ ଧରି ପରସ୍ପର ସହିତ ଆଳାପ ଆଲୋଚନା ହେବାର ଦେଖାଯାଏନାହିଁ । କାହାର ଠିକଣା କେହି ରଖେନାହିଁ । ନିଜେ ନିଜେ କେବଳ ମୋବାଇଲ୍‌ରେ କଥା ହେବା, ଗେମ୍ ଖେଳିବା ବା ଅନ୍ୟ ଭାବନାରେ ମାତିଯିବାରେ ସମୟ ଅତିବାହିତ ହୋଇଯାଏ । ଯାହା ଫଳରେ ସୃଷ୍ଟିହୋଇପାରେ ନା ଆତ୍ମୀୟତା ଭାବ । ପରସ୍ପର ସହିତ କଥା ହେଲେ ବା ଆଳାପ ଆଲୋଚନା କଲେ ନିଜର ଭାବକୁ ଅନ୍ୟକୁ ପ୍ରଦାନ କରି ଅନ୍ୟର ଭାବକୁ ଗ୍ରହଣ କଲେ ମନ ଫୁର୍ତ୍ତିରହେ । ଚିନ୍ତାମୁକ୍ତ ହୁଏ । ହେଲେ ଆଜିର ମଣିଷ ଏମିତି ବସ୍ତୁବାଦରେ ମାତିଯାଇଛି ଯେ କାହାରି ସହିତ ଭଲରେ କଥାପଦେ ହେବାକୁ ପସନ୍ଦ କରୁନାହିଁ । ମୋବାଇଲ୍‌ରେ ବହୁ ପ୍ରକାର ସଙ୍ଗୀତ ବା କାର୍ଯ୍ୟକ୍ରମକୁ ଉପଭୋଗ କରୁଛି । ସେ ଭାବେ ଏଥିରେ ମାନସିକ ଶାନ୍ତି ମିଳେ, ହେଲେ ବାସ୍ତବରେ ଶାନ୍ତି ମିଳେନାହିଁ । ଗୀତ ସରିଗଲାପରେ ପୂର୍ବର ଚିନ୍ତା ପୁଣି ମାଡିଆସେ । ବନ୍ଧୁଟିଏ କରିଥିଲେ ତା’ ସହ ହସଖୁସି ହୋଇଥିଲେ ପରବର୍ତ୍ତି କ୍ଷଣରେ ସେହି ବନ୍ଧୁର ଚିନ୍ତା ଆସେ ଆଉ ମନ ହାଲ୍‌କା ହୋଇଯାଏ । କେବଳ ସେତିକି ନୁହେଁ ଦୂରଯାତ୍ରା ସମୟରେ ଅପରିଚିତ ଜଣେ ନିରବରେ ବସିରହିଥିବା ବେଳେ ଆମେ ବିଭିନ୍ନ ଜିନିଷ କିଣି କରି ଖାଇଥାଉ । ସେ ନିରବରେ ବସିଥାଆନ୍ତି । ଥରେ କେବେ ପାଖରେ ବସିଥିବା ଲୋକଟିକୁ ବା ବଲବଲ କରି ଚାହିଁଥିବା ନିରିହ ପିଲାଟିକୁ ନିଜ ଭାଗରୁ କିଛି ଦାନକର । ଦେଖିବ ତୁମ ଖାଇବାରେ ଯେତିକି ଆନନ୍ଦ ପାଉଛ, ଅନ୍ୟର ଖାଇବାରେ ତା’ଠାରୁ ଅଧିକ ଆନନ୍ଦ ପାଇବ । କେବଳ ମଣିଷ ବ୍ୟକ୍ତି କୈନ୍ଦ୍ରିକ ସ୍ୱାର୍ଥରେ ମାତି ଏପରି କରିଥାଏ । ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ବ୍ୟଷ୍ଟିଗତ ସ୍ୱାର୍ଥକୁ ଆଖିରେ ରଖିଲେ ବହୁ ଆନନ୍ଦ ମିଳେ । ଆମେ ମୋବାଇଲ୍ ବ୍ୟବହାର କରୁଛେ ତାହା ଆମ ପାଇଁ ଆବଶ୍ୟକ କିନ୍ତୁ ଯେତିକି ଦରକାର ତାହା ଠାରୁ ଅଧିକ ଆବଶ୍ୟକ କଲେ ତାହା ଦୁଃଖର କାରଣ ହୁଏ । ସେହିପରି ବନ୍ଧୁ ବାନ୍ଧବ ସୃଷ୍ଟିକରିବା ଉଚିତ୍ କିନ୍ତୁ ଲୋକ ଠିକ୍ ନା ଭୁଲ୍ ନିଜର ହୃଦୟ ଭାବକୁ ବୁଝୁଥିବା ଲୋକ ଦେଖି ବନ୍ଧୁ ବାନ୍ଧିବା ଦରକାର । ଯଦି ନିଜର ସର୍ବସ୍ୱ ଭୁଲି ବନ୍ଧୁଙ୍କ ସହିତ ସମ୍ପର୍କ ଜମେଇ ବସିଲେ ନିଜର ଜୀବନ ନଷ୍ଟ ହୋଇଯିବ। ଜୀବନର ତତ୍ତ୍ୱ ହେଉଛି ନିଜକୁ ଚିହ୍ନିବା ସହ ଅନ୍ୟ ମାନଙ୍କୁ ଚିହ୍ନିବା। ଯଥା ସମ୍ଭବ ପରୋପକାର କରିବା, ସମାଜ, ରାଜ୍ୟ, ଦେଶ ପ୍ରତି ନିଜ ସତତ୍ ଦାୟିତ୍ୱ ନିର୍ବାହ କରିବା। ମାନବୀୟ ମୂଲ୍ୟବୋଧକୁ ଜୀବନର ପ୍ରତିଟି କ୍ଷେତ୍ରରେ କାର୍ଯ୍ୟକାରୀ କରି ଜୀବନର ଚେତନାକୁ ଅନ୍ୟ ମାନଙ୍କ ଠାରେ ବାଣ୍ଟିବା। ତେବେ ଅନ୍ତତଃ ଶାନ୍ତି ଟିକିଏ ପାଇବାକୁ ଯାଇ ମଣିଷ ଅଶାନ୍ତିକୁ ଆବାହନ ନକରୁ । ଏହା ହିଁ ଜୀବନ ଚଳଣୀର ମୂଳ ମନ୍ତ୍ର ।


**ଅଧ୍ୟକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ**


# ପର୍ବ

॥ ଅଜୟ କୁମାର ବେହେରା ॥

ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥଙ୍କର ବାର ମାସରେ ତେର ପର୍ବ ପାଳିତ ହୁଏ ବୋଲି ଏକ ଲୋକକଥା ରହିଛି। ହେଲେ ବର୍ଷକ ୩୫୪ ଦିନ ଧରି ଚନ୍ଦ୍ରମାନ ପାଳନରେ ସବୁ ଦିନେ ଠାକୁର ନୀତିରେ କିଛି କିଛି ନୂଆ ନୂଆ ପର୍ବ ପର୍ବାଣୀର ଧାରା ଯୋଡ଼ି ହେବା ସହିତ ଅନେକ ବର୍ଷ ପରେ ନବକଳେବରରେ ଏକ ସ୍ୱତନ୍ତ୍ର ପର୍ବ ଜଡ଼ିତ ହେଉଛି। ଏମିତି ଓଡ଼ିଶାରେ ଅନେକ ପୀଠ ଅଛି। ପୀଠ ମାନଙ୍କରେ ଚଳନ୍ତିକା ଅନେକ ପର୍ବ ପାଳନ ହୋଇ ଆସୁଛି। ବହୁ ଗୁରୁପୀଠ ମଠ ଗାଦି ରହିଛି ଏଠାରେ ତତ ଗୁରୁଙ୍କର ସ୍ମରଣୀୟ ତିଥି ଗୁଡ଼ିକରେ ଏପରି ପର୍ବ ପାଳନ କରାଯାଉଛି। ପର୍ବ ଗୁଡ଼ିକ ବହୁଜନ ସମାଗମ ସମ୍ବନ୍ଧ ଯାତ୍ରାରେ ଲଗାଇ ପାଳନ କରାଯାଉଛି। ଯଥା ପ୍ରଭୁଙ୍କର ରଥଯାତ୍ରା, ଦୋଳଯାତ୍ରା, ଝୁଲଣ, ଚନ୍ଦନଯାତ୍ରା, ସ୍ନାନ ଯାତ୍ରା ପରି ବିଭିନ୍ନ ଦିଅଁଙ୍କ ପୀଠରେ ଏମିତି ଯାତ୍ରା ସମ୍ବନ୍ଧ ଚାଲୁ ରହିଛି। ମେଳା ଏକ ବିଶେଷ ପର୍ବ ଏହା ଛୋଟ ବଡ଼ ବହୁ ପ୍ରକାରର ହୋଇପାରେ। ବ୍ୟକ୍ତିଗତ ସଂସାରୀରେ ବାସ ଗୃହରେ ଶନିମେଳା, ତ୍ରିନାଥ ମେଳା, ଆଖଣ୍ଡଳମଣି ମେଳା, ପଞ୍ଚାନନ ମେଳା, ଶାରଳା ମେଳା, ପରିମେଳା ପରି ପାଳନ ବେଳେ ଗ୍ରହପୀଠରେ ବିଭିନ୍ନ ମନ୍ଦିରରେ ଏମିତି କିଛି ମେଳା ଲାଗୁଛି। ପଡ଼ୋଶୀ ରାଜ୍ୟ ବଙ୍ଗଳାରେ ରଥଯାତ୍ରାକୁ ରଥର ମେଳା କୁହାଯାଏ। ଆମର ଦୋଳପର୍ବରେ ମେଳନ ପଡ଼ିଆରେ ବହୁ ଗ୍ରାମର ରାଧାକୃଷ୍ଣ ବିମାନକୁ ସ୍ୱାଗତ କରାଯାଇ ଏକତ୍ର ମେଳନ କରାଯାଏ। ଏବେ ତ ମେଳା ଋଣ ଆଦାୟ ସଭା ସମିତିକୁ ଋଣମେଳା କୁହାଗଲାଣି।

ପ୍ରତ୍ୟେକଙ୍କର ବ୍ୟକ୍ତିଗତ ଜୀବନଚର୍ଯ୍ୟାରେ ସ୍ମରଣୀୟ ଦିନ ଜନ୍ମଦିନ, ପିତୃମାତୃ ଶ୍ରାଦ୍ଧ ଦିନ, ନିଜର ବିବାହ ବାର୍ଷିକ ଆଦି ବର୍ଷରେ ସ୍ୱତନ୍ତ୍ର ଦିବସରେ ପାଳନ କରାଗଲା ବେଳେ ଏହା ଏକ ଏକ ପର୍ବ ସାମୁହିକ ପାଳନରେ ଅପରପକ୍ଷ ଶ୍ରାଦ୍ଧ ମହାଳୟା ଶ୍ରାଦ୍ଧ ପୟାଶ୍ରାଦ୍ଧ ଏକ ଏକ ପର୍ବ ପ୍ରତି ହିନ୍ଦୁ ଗୃହସ୍ଥ ସଂକ୍ରାନ୍ତିକୁ ସଂକ୍ରାନ୍ତି ଘରେ ଅଗ୍ନୀହୋତ୍ରୀଙ୍କ ଦ୍ୱାରା ହେମା ଯଥାଶକ୍ତି କରାଉଛନ୍ତି ଓ ବିପ୍ରଭୋଜନାଦି ବ୍ୟବସ୍ଥା କିଛି ଦାନ ସଂକ୍ରାନ୍ତିରେ କରାଉଛନ୍ତି। ଏ ବାର ପ୍ରକାର ସଂକ୍ରାନ୍ତିର ବ୍ୟବସ୍ଥାରେ ଅୟନ ବିଷୁବ ଆଦି ସଂକ୍ରାନ୍ତି ପାଇଁ ସ୍ୱତନ୍ତ୍ର ପର୍ବ ରହିଛି। ଏକାଦଶୀ ପାଳନ ୨୪ଟି ଅଧିବର୍ଷରେ ୨୬ଟି ହୋଇଯାଇପାରେ, ଏହା ବୈଷ୍ଣବ ସ୍ମାର୍ତ୍ତଙ୍କ ପାଳନୀୟ ପର୍ବ ଏହାର ପାରଣ ଏକ ସ୍ୱତନ୍ତ୍ର ନିୟମରେ କରାଯାଏ। ଶୈବ ମତରେ ସୋମବାର ଚତୁର୍ଦ୍ଦଶୀ ପାଳନ ଏକ ଏକ ବିଶେଷ ପର୍ବକୁ ଶ୍ରାବଣରେ କାଉଡିଆଙ୍କର ଶିବଙ୍କ ଉପରେ ଜଳ ଢ଼ଳା କାର୍ତ୍ତିକ ମାସରେ ବଡ଼ ଓଷା ଫାଲଗୁନରେ ପଙ୍କ ଉଦ୍ଧାର ଏକାଦଶୀ, ଶିବରାତ୍ରୀ ବଡ଼ପର୍ବ। ଜ୍ୟେଷ୍ଠରେ ଶିବ ବିବାହ, ଶୀତଳ ଷଷ୍ଠୀ ବା ଜମାଇଷଷ୍ଠୀ ପର୍ବ ଏକ ଧୁମଧାମ ପର୍ବ। ଭାଦ୍ରବରେ ଗଣେଶ ପୂଜା, ମାଘରେ ସରସ୍ୱତୀ ପୂଜା ଏ ପର୍ବ ମୁଖ୍ୟତଃ ବିଦ୍ୟାର୍ଥୀଗଣଙ୍କ ଉଦ୍ଦିଷ୍ଟ ହେଲେ ବି ଗଣେଶ ପୂଜା ଅନେକ ଜାତିପାଟକଙ୍କ ପୂଜା ବିଶେଷକରି ଏ ଗୁଡ଼ିଆଙ୍କ ଜାତୀୟ ପର୍ବ। ଏହା ଏବେ ବଣିଆ ବଣିକ ଛୋଟବଡ଼ ଦୋକାନୀ ଅନେକ ନାଟ ତାମସା ଅପେରା ପାର୍ଟି ପାଳନ କରି ଧନ୍ଦା ଆରମ୍ଭ କରୁଛନ୍ତି। ଦଶହରା ପର୍ବ ଦୁଇଥର, ଶାରଦୀୟ ଓ ବାସନ୍ତୀ ଏ ଦୁଇଥିରେ ଦୁର୍ଗାଙ୍କ ତାଙ୍କ ସହିତ ଅନ୍ୟ ଦେବୀ ଦେବତା ପୂଜା ହେଉଛି। ଏହା ସାର୍ବଜନୀନ ଯୋଗୁ ଏହାକୁ ବଡ଼ ଧରଣର କରାଯାଇ ପାଳନ କରାଯାଉଛି। ଏହାବାଦ କାଳୀପୂଜା, ଲକ୍ଷ୍ମୀପୂଜା, ଗନ୍ଧେଶ୍ୱରୀ ପୂଜା, ଶୀତଳା ପୂଜା, ମନସା ପୂଜା ବର୍ଷ ମଧ୍ୟରେ ତିଥି ଭୋଗ ବେଳେ କରାଯାଉଛି। ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ନୃସିଂହ ବରାହ ବାମନ, ବୁଦ୍ଧ ଆଦିଙ୍କ ଏମିତି ଉଦ୍ଦିଷ୍ଟ ତିଥିରେ ସେମାନଙ୍କର ବିଭିନ୍ନ ଲୀଳା ସମ୍ବନ୍ଧରେ ପର୍ବ ପାଳନ କରାଯାଉଛି। ଗୋପାଳ ଜାତିର ଗୋ-ପୂଜାକୁ ପୋଷ୍ଟାଷ୍ଟମୀ, ଗୋବର୍ଦ୍ଧନ ପୂଜା, ବଳଭଦ୍ର ଜନ୍ମ ଶ୍ରୀକୃଷ୍ଣ ଜନ୍ମ, ନନ୍ଦଉତ୍ସବ, ଦୋଳ ପୂର୍ଣ୍ଣିମା ଆଦିରେ ପର୍ବ ଆକାରରେ ଉଦ୍ଦିଷ୍ଟ ତିଥିରେ ପାଳନ କରାଯାଉଛି। ଅନେକ ପାଟକଙ୍କର ଆୟୁଧ ପୂଜା ଦଶହରାକୁ ବିଶ୍ୱକର୍ମା ପୂଜାକୁ କରାଯାଉଛି।

ସୂର୍ଯ୍ୟଙ୍କର ରଥ ସପ୍ତମୀ ଷଷ୍ଠ (ଛଟ ପୂଜା) ଶାମ୍ବ ଦଶମୀ ପ୍ରତି ସଂକ୍ରାନ୍ତିରେ ରବି ଚଳନରେ ଓ ରବିନାରାୟଣ ଏକାଦଶୀରେ ପୂଜା ହୋଇ ଆସୁଛି। ଚୈତ୍ର ମଙ୍ଗଳବାର, ଭାଦ୍ର ରବିବାରରେ ମାଆ ମଙ୍ଗଳବାର ପୂଜା କରାଯାଉଛି। ଏହାବାଦ ବର୍ଷକ ସବୁ ମଙ୍ଗଳବାର ମଙ୍ଗଳାଙ୍କର ପୂଜା ହେଉଛି। ପ୍ରତି ଗ୍ରାମରେ ଗ୍ରାମଦେବତୀ ଅଛନ୍ତି ଯେ ମଙ୍ଗଳାଙ୍କର ପ୍ରତିନିଧି କରଣ ସେଠାରେ ବିବାହରେ ଦିଅଁ ମଙ୍ଗୁଳା କାର୍ଯ୍ୟ ହେଉଛି। ପନ୍ଥେଇ ପୂଜା ପ୍ରତି ମଙ୍ଗଳବାର ଅନେକ ମହିଳା ପଣାପାଣି ଦେଇ ରାସ୍ତାରେ କରୁଛନ୍ତି। ଭାଗବତ ଜନ୍ମରୁ ଭାଗବତ ପାଠ ଆରମ୍ଭ ହୋଇ ଦିନକୁ ୧/୧ ଅଧ୍ୟାୟ ବିଧିରେ ପାଠ ଓ ଶ୍ରବଣ କରି ପୁନଃ ଭାଗବତ ଜନ୍ମରେ ଭାଗବତ ବଢ଼ା କରାଯାଏ। ଏବେ ଏଥିରେ ପ୍ରାଧାନ୍ୟ କେହି ରଖୁ ନାହାଁନ୍ତି। ପ୍ରକୃତରେ ଏହା ଏକ ପାରିବାରିକ ସତସଙ୍ଗ ଏହା ଗୃହ କଳହ, ଶାନ୍ତିକର ଆଧାତ୍ମିକ ସୁଖ ପ୍ରଦାନକାରୀ ଫଳରେ ବାସ୍ତୁ ଶାନ୍ତି ମନକୁ ମନ ହୋଇଥାଏ। ମନୁଷ୍ୟ ଅନ୍ୟାୟ ଅନୀତିକୁ ଯିବାରେ ଧର୍ମବାଧା ବୁଝିପାରେ। ଏମିତି ଅଛି ଗୀତା ଜୟନ୍ତୀ ଏ ଦିନ ଗୀତା ପାଠର ଅନୁଷ୍ଠାନ କରାଯାଏ। ଗୀତା ଭଗବାନଙ୍କ ମୁଖ ନିସୃତ ବାଣୀ ବୋଲି ଧରାଯାଏ। ସମସ୍ତ ଉପନିଷଦର ଧାରା ପ୍ରତ୍ୟେକଙ୍କର ଆଚରଣୀୟ ଜୀବ-ଶୈଳୀ ଏଠାରେ ସୂତ୍ର ଆକାରରେ ଅଛି ଏହାକୁ ବିଶ୍ଳେଷଣକାରୀ ଭଲ ଭାବରେ ବୁଝାଇ କହିଲେ ଯେ କେହି ଲୋକ ଭୁଲ ମାର୍ଗଛାଡ଼ି ଠିକ ମାର୍ଗରେ ଚାଲିପାରିବ। ଯେତେ ଗୁରୁ ସନ୍ନ୍ୟାସୀ ହୁଅନ୍ତି, ଏଇ ଭାଗବତ ଓ ଗୀତା ମଧ୍ୟରୁ ହିଁ ଉପଦେଶ ଦେବା ତଥ୍ୟ ସଂଗ୍ରହ ରଖି ତାଙ୍କର ଶିଷ୍ୟ ଭକ୍ତ ମାନଙ୍କୁ କହି ସୁପଥକୁ ଆଣିବା ଚେଷ୍ଟା କରୁଛନ୍ତି।

# ଜିଲ୍ଲା ଶିକ୍ଷ କେନ୍ଦ୍ରରେ କର୍ମଚ଼ାରୀଙ୍କ ମରୁଡି



ଜିଲ୍ଲା ଶିକ୍ଷ କେନ୍ଦ୍ରରେ ଦୀର୍ଘ ଦିନ ହେଲା କର୍ମଚ଼ାରୀ ମରୁଡି ଦେଖାଯାଇଛି ଯାହା ଫଳରେ ସରକାରଙ୍କ ଯୋଜନା ତୃଣ ମୂଳସ୍ତରରେ କିପରି ପହଞ୍ଚିବ ।ଜିଲ୍ଲାରେ ଶିକ୍ଷର ବିକାଶ ହେବ କିପରି ନୂତନ ପିଢ଼ି କିପରି ଉଦ୍ୟୋଗ ପତି ହୋଇ ପାରିବେ ବିଭାଗର ବିଭିନ୍ନ ଯୋଜନା କିପରି ଲୋକାଭି ମୁଖୀ ହୋଇ ପାରିବ ଯଦି କର୍ମଚ଼ାରୀ ଅଭାବ ରୁହେ ତେବେ କିପରି ବିଭଗର କାର୍ଯ୍ୟ ହେବ ।ଜିଲ୍ଲାରେ ମୁଖ୍ୟ କିରାଣୀ ଓ ସହକାରୀ ପରିଚ଼ାଳକ ପଦବୀ ତିନୋଟି ଖାଲି ପଡ଼ିଛି । ଶିକ୍ଷ ଅଧିକାରୀ ପଦବୀ ଛଗୋଟି ଖାଲି ପଡିଥିବାର ଜଣା ପଡିଛି ଯାହା ଫଳରେ ସାତଟି ବ୍ଲକ ଶିକ୍ଷ ଅଧିକାରୀ ପଦବୀ ପୁରଣ ହେଲେ ଜିଲ୍ଲାର ବିକାଶ ହୋଇ ପାରିବ ତେଣୁ ବର୍ତ୍ତମାନ ନୂତନ ସରକାର ଏଥି ପ୍ରତି ଗୁରୁତ୍ୱ ଦେଲେ ଜିଲ୍ଲାର ବିକାଶ ହୋଇ ପାରିବ ବୋଲି ଆଶା କରାଯାଉଛି।

# ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ,(ମହାଭାରତ): ଆଜି ଦିନ ୧୦ ଘଟିକା ସମୟରେ ଓଡ଼ିଶା ରାଜ୍ୟ ମହିଳା କମିଶନ ଓ ଅନୁଗୋଳ ଜିଲ୍ଲା ପ୍ରଶାସନଙ୍କ ଦ୍ୱାରା ମିଳିତ ଆନୁକୂଲ୍ୟରେ ଛେଣ୍ଡିପଦା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ସଭାଗୃହ ଠାରେ ଓଡ଼ିଶା ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ପ୍ରଶାସନର ଜିଲ୍ଲା ସମାଜ ମଙ୍ଗଳ ବିଭାଗଙ୍କ ମିଳିତ ଉଦ୍ୟମରେ ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୦୦ରୁ ଉର୍ଦ୍ଧ ବିଭିନ୍ନ ବର୍ଗର ମହିଳା ଯଥା ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଦଳର ସଭ୍ୟା, କଲେଜ ଛାତ୍ରଛାତ୍ରୀ, ପଞ୍ଚାୟତିରାଜ ପ୍ରତିନିଧି , ସକ୍ଷୀ ୱାନ ଷ୍ଟପ ସେଣ୍ଟର୍ କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀ, ଯୁବ ପ୍ରତିନିଧି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ମାନ୍ୟବର ବିଧାୟକ ଛେଣ୍ଡିପଦା ଶ୍ରୀଯୁକ୍ତ ଅଗସ୍ତି ବେହେରା, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀଯୁକ୍ତ ଯଶୋବନ୍ଧୁ ବେହେରା, ସରପ□ ଛେଣ୍ଡିପଦା



ଶ୍ରୀଯୁକ୍ତ ସୁଦୀପ୍ତି ପ୍ରଧାନ, ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିକ୍ରମ କୁମାର ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ନିରୂପମା ପାଣି, ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ପାର୍ବତୀ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଛେଣ୍ଡିପଦା ଶ୍ରୀଯୁକ୍ତ ଅରବିନ୍ଦ ବେହେରା, ପୋଲିସ ସବ ଇନ୍ସପେକ୍ଟର ଶ୍ରୀମତୀ ଶୁଭଲକ୍ଷ୍ମୀ, ଡାକ୍ତରଖାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀମତୀ ସଂହମିତ୍ର ଦାସ ପ୍ରମୁଖ ଅଂଶଗ୍ରହଣ କରି ଲିଙ୍ଗଗତ ବିଷମତା, ଘରୋଇ ହିଂସା, ମହିଳା ସୁରକ୍ଷା ଆଇନ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ମାନ୍ୟବର ବିଧାୟକ ମହୋଦୟ ସାମ୍ପ୍ରତିକ ପରିସ୍ଥିତିରେ ଦୈନଦିନ ସମାଜରେ ଘଟୁଥିବା ଲିଂଗ ଭିତ୍ତୀକ ହିଂସା, ବାଲ୍ୟବିବାହ ଏହାର କାରଣ ଓ ପ୍ରଭାବ ଉପରେ ଆଲୋକପାତ କରିଥିଲେ ଓ ବାଲ୍ୟବିବାହ ତଥା ଶିଶୁ ସୁରକ୍ଷା ପାଇଁ ସାମୁହିକ ଶପଥପାଠ କରାଇଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଗୁରୁ ଶିକ୍ଷକ ଶ୍ରୀଯୁକ୍ତ ମଦନ ସୁନ୍ଦର ପ୍ରଧାନ ଓ ବାଲ୍ୟ ବିବାହ ନିରାକରଣ ଜିଲ୍ଲା ସଂଯୋଜକ ଶ୍ରୀଯୁକ୍ତ ସନ୍ତୋଷ କୁମାର ବେହେରା ସମ୍ବଳ ବ୍ୟକ୍ତି ଭାବେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ମାନଙ୍କୁ ଲିଙ୍ଗ ବିଷୟରେ ବୁଝିବା, ମହିଳା ଅଧିକାର ସମତା ଏବଂ ନ୍ୟାୟ ପ୍ରତି ଏକ ପଦକ୍ଷେପ, ମହିଳା ମାନଙ୍କ ପାଇଁ ମୁଖ୍ୟ ଆଇନ୍, ବାଲ୍ୟ ବିବାହ, ଯୌତୁକ, ଘରୋଇ ହିଂସା, କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନ ର୍ନିଯାତନା, ଡାହାଣୀ ପ୍ରଥା, ପୋକସୋ ଆଇନ, ମାନବ ତସ୍କରି ଆଇନ, ବିଭିନ୍ନ ସରକାରୀ ଯୋଜନା, ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି ଯୋଜନା, ମହିଳା ମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା, ମମତା ଯୋଜନା, ଜନନୀ ସୁରକ୍ଷା ଯୋଜନା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଆହ୍ୱାନ ଏଡ ଜିଲ୍ଲା ସଂଯୋଜକ (ବାଲ୍ୟ ବିବାହ ନିରାକରଣ) ଶ୍ରୀ ସନ୍ତୋଷ କୁମାର ବେହେରା ମଞ୍ଚ ପରିଚ଼ାଳନା କରିଥିଲେ ଓ ଜିଲ୍ଲା ସଂଯୋଜକ ମିଶନ ଶକ୍ତି ହବ୍ ଶ୍ରୀ ବିଦ୍ୟାଧର ପ୍ରଧାନ ଓ ଜିଲ୍ଲା ମମତା ସଂଯୋଜକ ଶ୍ରୀ ତାପଜ କୁମାର ପାଣି ସହଯୋଗିତା କରିଥିଲେ । ପରିଶେଷରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ସୁଷମା ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମରେଇଗାଁ ଲକ୍ଷ୍ମୀ ନାରାୟଣ ସାହିତ୍ୟ ସଂସଦ ର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ହାଟଡିହି(ମହାଭାରତ): ମରେଇଗାଁ ଉଚ୍ଚ ବିଦ୍ୟାଳୟ ରେ ଲକ୍ଷ୍ମୀ ନାରାୟଣ ସାହିତ୍ୟ ସଂସଦ ରେ ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କବି ଲେଖକ ମାନେ ଯୋଗ ଦେଇଥିଲେ। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ସାହିତ୍ୟ କୁ ସରସ ସୁନ୍ଦର କରିବା ପାଇଁ ଲେଖକ ଗାଳ୍ପିକ କବି ମାନଙ୍କ କବିତା ବେଶ୍ ସାହିତ୍ୟ କୁ ବେଶ୍ ସରସ ସୁନ୍ଦର କରିଥିଲା। ସାହିତ୍ୟ ଦ୍ୱାରା ଲୋକଙ୍କ ର ସମସ୍ୟା, ରାଜ୍ୟ ର ସମସ୍ୟା, ପିଲା ମାନଙ୍କ ର ଭବିଷ୍ୟତ ସଜାଡି ପାରିବା ବୋଲି ମତ ରଖିଥିଲେ ବିଭିନ୍ନ କବି ଓ ଲେଖକ ଲେଖିକା ମାନେ। ଏଥିରେ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପାଲା ଗାୟକ ଗୋବିନ୍ଦ ଚନ୍ଦ୍ର ପାଣଗ୍ରାହୀ,ପୁରୋହିତ୍ୟ କରିଥିବା ବେଳେ ର୍ନିମଳ ଚନ୍ଦ୍ର ବାରିକ, ମୁଖ୍ୟ ଅତିଥି, ଭାବରେ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ପ୍ରାବନ୍ଧିକ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଶ୍ରୀଯୁକ୍ତ ବୃନ୍ଦାବନ ପଣ୍ଡା, କରିଥିବା ବେଳେ ଦ୍ୱିତୀୟ ଅଧିବେଶନ ଶ୍ରୀମତୀ ପ୍ରତିମା ସ୍ୱାଇଁ, ପ୍ରଫେସର ଅଜୟ ସ୍ୱାଇଁ,ଅରୁଣ ମନ୍ତ୍ରୀ,ହଳଧର ପଣ୍ଡା ଙ୍କ ଙ୍କ ସହ ଏକାଧିକ ଲେଖକ ଲେଖିକା ଯୋଗ ଦେଇଥିଲେ।

# ଋଷିକୂଲ୍ୟା ନଦୀ ବଞ୍ଚାଅ ନେଇ ସଚେତନତା ସଭା

ଆସିକା(ମହାଭାରତ):ଆସିକା ବାଣୀବିହାର ସ୍ଥିତ ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ର ଠାରେ ଋଷିକୂଲ୍ୟା ନଦୀ ବଞ୍ଚାଅ ପିପଳପଙ୍କା ଡ୍ୟାମ ର୍ନିମାଣ ବନ୍ଦ କର ଦାବୀ ନେଇ ଏକ ଜନ ଆନ୍ଦୋଳନ ପାଇଁ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଆସିକା ଋଷିକୂଲ୍ୟା ବଞ୍ଚାଅ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଞ୍ଜାମ ଜିଲ୍ଲାର ସୋରଡ଼ା ବ୍ଲକ ଅନ୍ତର୍ଗତ ପିପଳପଙ୍କା ଠାରେ ଥିବା ଋଷିକୂଲ୍ୟା ଏବଂ ଓଡ଼ଙ୍ଗୀ ନଦୀ ସଂଯୋଗ ସ୍ଥଳରେ ଜଳ ସେଚନ ନାମରେ ଡ୍ୟାମ ର୍ନିମାଣ ହେଲେ ନଦୀ ଶୃଙ୍ଖଳା ପଡିବ, ଅଂଚଳବାସିଙ୍କ ଗାଧୋଇବା, ପାନୀୟ ଜଳ ମିଳିବା, କୃଷି କ୍ଷେତ୍ରକୁ ଜଳ ସେଚନ ରେ ଅସୁବିଧା ହେବା, ପଶୁ ପକ୍ଷୀ ମାନଙ୍କ ବଂଚିବା ରେ ବାଧା ଉପୁଜିବା, ସହ ଋଷିକୂଲ୍ୟା ଓ ବଡ଼ ନଦୀ ର ସଙ୍ଗମ ସ୍ଥଳ ରେ ପ୍ରତ୍ୟେକ ବର୍ଷ ହେଉଥିବା ମହାବାରୁଣୀ ବୁଡ଼ରେ ପିତୃ ପୁରୁଷ ମାନଙ୍କ ଅସ୍ଥି ବିସର୍ଜନ ନେଇ ଜଳ ସଙ୍କଟ ଦେଖା ଯିବାର ଆଶଙ୍କା ରହିଛି । ଏହି ପିପଳପଙ୍କାରେ ଡ୍ୟାମ ତିଆରି କରି ଗଞ୍ଜାମ ଜିଲ୍ଲା ରେ ଟାଟା ଓ ଅଦାନୀ ର ବିଭିନ୍ନ ଶିଳ୍ପ ଏବଂ ପ୍ରକଳ୍ପ କୁ ପାଣି ନେବା ପାଇଁ ମସୁଧା କରିଛି । ବାବନପୁର ସରପଞ୍ଚ ସଞ୍ଜୟ ନାୟକ ଙ୍କ ତତ୍ତ୍ୱାବଧାନରେ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ସର୍ବ ଭାରତୀୟ କିଷାନ ମଜଦୁର ସଙ୍ଘ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ଋଷିକୂଲ୍ୟା ବଞ୍ଚାଅ କ୍ରିୟାନୁଷ୍ଠାନ କମିଟିର ଆବାହକ ସୁଧୀର ବିଷୋୟୀ ଓକିଲ ସଙ୍ଘ ର ପୂର୍ବତନ ସଭାପତି ସୁରେନ୍ଦ୍ର ନାଥ ପଣ୍ଡା,ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ନାଥ ସାହୁ,ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀ, ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ର ର ସଭାପତି ଗଣେଶ ରଥ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚ଼ାରୀ ସଙ୍ଘ ର ଅଜିତ ପଟନାୟକ, ଆଇନଜୀବି ଅନିଲ ପାଣିଗ୍ରାହୀ, ସାମ୍ବାଦିକ ସରୋଜ ଦାସ,ଆଇନଜିବୀ ସନ୍ତୋଷ ପାଣିଗ୍ରାହୀ,ଉତ୍ତର ପରିଡା,ଶିକ୍ଷକ ନେତା ଶ୍ୟାମ ସୁନ୍ଦର ଖାଡ଼ଙ୍ଗା,ପ୍ରମୁଖ ଉପସ୍ଥିତ ରହି ଆମ ଜଳ, ଜମି, ଜଙ୍ଗଲ,ଜନ୍ତୁ, ଜନ ଜୀବନ ର ସୁରକ୍ଷା କରିବା ଦିଗରେ ଏହି ଜନ ଆନ୍ଦୋଳନର ଆରମ୍ଭ ହୋଇଥିଲା।

# ପାଞ୍ଚଛୁଆଙ୍କୁ ଛାଡି ପ୍ରେମ ବିବାହ କରିବାକୁ ଚ଼ାଲିଗଲା ମା’

## ଦାଦାଙ୍କ କାନ୍ଧରେ ପାଞ୍ଚ ଭାଇଭଉଣୀଙ୍କ ବୋଝ



ହାଟଡିହି(ମହାଭାରତ): ଅଜଣା ରୋଗରେ ଆକ୍ରାନ୍ତ ହୋଇ ଆରପାରିକୁ ଚ଼ାଲିଗଲେ ବାପା ଦୁଇମାସ ପରେ ଘର ଛାଡ଼ିଲେଣି ମା’। ଏଭଳି ସ୍ଥିତିରେ ଅସହାୟ ହୋଇଯାଇଛନ୍ତି ୫ ନାବାଳକ ଭାଇଭଉଣୀୟ ଅନ୍ୟ ଉପାୟ ନପାଇ ନିଜ ଦାଦାଙ୍କ ପାଖରେ ଆଶ୍ରୟ ନେଇଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ପୋଡ଼ାସିଙ୍ଗିଡ଼ି ଗ୍ରାମରେ । ପନ୍ଦାଡ଼େ। ପଞ୍ଚାୟତ ପୋଡ଼ାସିଙ୍ଗିଡ଼ି ଗ୍ରାମର ମରା ହୋ ଙ୍କ ପରିବାର କହିଲେ, ପତ୍ନୀ ସଞ୍ଜୁ, ଦୁଇପୁଅ ଓ ତିନିଝିଅ ବଡ଼ ଝିଅର ବୟସ ୧୪ ବର୍ଷ ହୋଇଥିବା ବେଳେ ପୁଅର ବୟସ ୧୨ ବର୍ଷ। ଅନ୍ୟ ତିନିଛୁଆଙ୍କ ବୟସ ୩ରୁ ୬ବର୍ଷ ମଧ୍ୟରେ ଗତବର୍ଷ ମରା ହୋ ଅଜଣା ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ତାଙ୍କ ମୃତ୍ୟୁର କିଛିଦିନ ପରେ ବିଧବା ସଞ୍ଜୁ ଶାଶୁ ଘରେ କିଛି ଦିନ ରହିବା ପରେ ଅନତ୍ର ପ୍ରେମ ବିବାହ କରିବାକୁ ପାଞ୍ଚ ପିଲାଙ୍କୁ ଛାଡ଼ି ଚ଼ାଲିଗଲେ । ୫ ନାବାଳକ ଭାଇଭଉଣୀ ଏବେ ଦାଦା ମୁଦୁ ହୋ ଙ୍କ ଘରେ ଆଶ୍ରୟ ନେଇଛନ୍ତ। ମୁଦୁ ଙ୍କ ୪ ଟି ସନ୍ତାନ ଥିବାବେଳେ ବଡ଼ଭାଇ ଙ୍କର ୫ଟି ସନ୍ତାନକୁ ଲାଳନପାଳନ କରିବା କଷ୍ଟକର ହେଉଛି। ଗ୍ୟାରେଜ ରେ କାମ କରି ଯାହା ରୋଜଗାର କରୁଛନ୍ତି ସେଥିରେ ୯ଜଣ ପିଲାଙ୍କୁ ପେଟପୂରା ଖାଇବାକୁ ଦେଇପାରୁ ନାହାନ୍ତି ବୋଲି ମୁଦୁ କହିଛନ୍ତି ।୫ ଭାଇଭଉଣୀ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ ପାଇବାରୁ ବଞ୍ଚିତ ହୋଇଛନ୍ତି। ତିନି ଶିଶୁଙ୍କ ଆଧାର କାର୍ଡ ନାହିଁୟ ବଡ଼ ପୁଅଝିଅ ଅଧାରୁ ପାଠ ଛାଡ଼ିଥିବା ବେଳେ ଅନ୍ୟ ୩ଜଣ ଅଙ୍ଗନବାଡ଼ି ମାଟି ମାଡ଼ିନାହାନ୍ତି। ସେମାନଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଗତି କରୁଛି। ପ୍ରଶାସନ ତୁରନ୍ତ ଏହି ଅସହାୟ ପିଲାମାନଙ୍କୁ ଉଦ୍ଧାର କରି ଥଇଥାନ କରିବା ସହ ସେମାନଙ୍କ ପାଠପଢା ବ୍ୟବସ୍ଥା କରିବାକୁ ୱାର୍ଡସଭ୍ୟ ମାୟାଧର ନାୟକ, ସମାଜସେବୀ ବିଶ୍ୱନାଥ ଜେନା, ଭୀମସେନ ପଲେଇ, ବୁଧୁରାମ ହୋ, ବାବୁଲି ପାତ୍ର ପ୍ରମୁଖ ଦାବି କରିଛନ୍ତି।

# ଝରିଗାଁକୁ ହରାଇ ଓମ୍ ଇଲେଭେନ୍ ଟେମରା ଚ଼ାମ୍ପିଅନ୍

କୋକସରା,(ମହାଭାରତ) : କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତର କେନ୍ଦୁଡଙ୍ଗରୀ ଏସ.ପି.ସି.ସି ଆନୁକୂଲ୍ୟରେ ଚ଼ାଲିଥିବା ପ୍ରତାପ କିଶୋର ନାଏକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହୋଇଛି। ଫାଇନାଲ ଖେଳରେ ଏସକେ ଇଲେଭେନ୍ ଝରିଗାଁକୁ ହରାଇ ଓମ୍ ଇଲେଭେନ୍ ଟେମରା ଟୁର୍ଣ୍ଣାମେ□ର ବିଜେତା ହେଇ ଚ଼ାମ୍ପିଅନ ହୋଇଛି। ଝରିଗାଁ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପ□ ନେଇ ର୍ନିଦ୍ଧାରିତ ୧୨ ଓଭରରେ ୭ ଉଇକେଟ ବିନିମୟରେ ୮୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଟେମରା ଦଳ ପଡିଆକୁ ଓହ୍ଲାଇ ୧୧.୫ ଓଭରରେ ୭ ଉଇକେଟ ହରାଇ ମ୍ୟାଚ୍ ବିଜୟୀ ହୋଇ ଟୁର୍ଣ୍ଣାମେ□ର ଚ଼ାମ୍ପିଅନ୍ ହୋଇଥିଲା। ଆମ୍ପିଆର ଭାବରେ ସୁନୀଲ ମଲ୍ଲିକ ଓ ଜତିନ ଦାସ ଖେଳ ପରିଚ଼ାଳନା କରିଥିଲେ। ସ୍କୋର ବୋର୍ଡରେ ସୁଦାମ ନାଏକ ଓ ଡିଜିଟାଲ ସ୍କୋରର ପ୍ରଭା ପୁଝାରୀ ରହିଥିବାବେଳେ ଖେଳର ଧାରାବିବରଣି ମାମନୁ ଦାସ ଓ କୋକିଲ ମଲ୍ଲିକ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବରାଡଙ୍ଗା ସରପ□ ନିରୁପମା ସେଠୀ, ସମିତି ସଭ୍ୟ ମୁକ୍ତେଶ୍ୱର ବାଗ, ଆଇନଜୀବୀ ମନୋଜ କୁମାର ନାଏକ, ଜିପିଇଓ ରାଜେନ୍ଦ୍ର ପାତ୍ର, ମହିମା ସରପ□ ଇଶରାମ କୋଲଥିଆ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ଗୋକୁଳ ଚନ୍ଦ୍ର ଯୋଷୀ, ବଟକୃଷ୍ଣ ଦାସ, ସଦାନନ୍ଦ ବାଗ, ହେମନ୍ତ ହଂସ, ଏସ୍ଆଇ ପ୍ରେମରାଜ କଅଁର, କୁମୁଦ ସେଠୀ ପ୍ରମୂଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେୟ ସ୍ୱର୍ଗତ ପ୍ରତାପ କିଶୋର ନାଏକଙ୍କ ପରିବାରରୁ ଲାବାନ୍ୟ ନାଏକ, ହେମାନନ୍ଦ ନାଏକ, ବଂଶିଧର ନାଏକ, ପ୍ରଫୁଲ୍ଲ ନାଏକ, ଶରତ ଚନ୍ଦ୍ର ଭଏଁସାଲ ପ୍ରମୂଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେୟ ପରେ ଅତିଥି ମାନଙ୍କ ଦ୍ୱାରା ଉଭୟ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ଦେଇ ପୁରସ୍କାର ପ୍ରଦାନ କରାଯାଇଥିଲା। ମହେନ୍ଦ୍ର ମାଝୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବାବେଳେ ମ୍ୟାନ ଅଫ୍ ଦି ସିରିଜ ଆଜେଶ ହରିଜନ ବିବେଚିତ ହୋଇଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ହେମନ୍ତ ନାଏକ, ଉପସଭାପତି ନବାବ ଦାସ, ପ୍ରଶାନ୍ତ ପଟ୍ଟନାୟକ, ପ୍ରଦୀପ ପଟ୍ଟନାୟକ, ବୁଲୁ ପଟ୍ଟନାୟକ, ସରୋଜ ଦାସ, ଜତିନ୍ଦ୍ର ଦାସ ପ୍ରମୁଖ ପରିଚ଼ାଳନାରେ ସହଯୋଗ କରିଥିଲେ।

# କେବେ ଧରା ପଡିବେ ଚୋର, ଆଶାରେ ବୁଦ୍ଧିଜୀବୀ

ଅସ୍ତରଙ୍ଗ(ମହାଭାରତ) : ଅସ୍ତରଙ୍ଗ ଅଞ୍ଚଳ ଏବେ ନିଶା, ବ୍ରାଉନସୁଗାର, ଚୋରା ମଦ କାରବାର ସହିତ ଚୋରୀ ର ଆଡ୍ଡାସ୍ଥଳୀ ହୋଇଛି, ନିକଟ ଅତୀତ ରେ ଅସ୍ତରଙ୍ଗ ଅଞ୍ଚଳ ରେ ଜଣେ ସାମରିକ କର୍ମଚ଼ାରୀ, ପରେ ଶିଶୁମନ୍ଦିର ନିକଟରେ ଥିବା ଶିବ ମନ୍ଦିର ରୁ ବଡ଼ ବଡ଼ ଚୋରୀ ହୋଇଥିଲା, ଏହି ବାବଦରେ ଅସ୍ତରଙ୍ଗ ଥାନା ରେ ଏତଲା ହୋଇଛି, ଫରେନସିକ୍ ଟିମ୍ ସହିତ ସନ୍ଧାନକାରୀ କୁକୁର ଆସିଛି ମାତ୍ର ଏଯାଏ ଏ ଚୋରୀ ର ଟେର ପାଇନି ପୋଲିସ ବିଭାଗ, କେବଳ ରାସ୍ତାଘାଟ ରେ ଗାଡି ହେଲମେଟ ଚେକିଂ ବ୍ୟତୀତ ଅପରାଧୀ ଙ୍କୁ ଧରିବାରେ ବିଫଳ ହୋଇଛି ଅସ୍ତରଙ୍ଗ ପୋଲିସ, ଏ କଥା ଜନମାନସ ରେ ତୀବ୍ର ଆଲୋଚନା ହେଉଥିବା ବେଳେ କାକଟପୁର ଥାନା ଅଧୀନରେ ଓସ୍ତପୁର ଗ୍ରାମ ବିଦ୍ୟାଳୟ ଓ ମେଡିକାଲ ଚୋର ଙ୍କୁ ଧରିବା ସହିତ କିଛି ସାମଗ୍ରୀ କାକଟପୁର ପୋଲିସ ଜବତ କରିଛି ମାତ୍ର ଅସ୍ତରଙ୍ଗ ପୋଲିସ ଏଯାଏ ଏହି ଚୋରୀ ଘଟଣା ରେ ନିଜର ବିଫଳତା ପ୍ରକାଶ କରିଛି, ତାହେଲେ ପ୍ରକୃତ ରେ ଲୋକ କିପରି ପୋଲିସ ଉପରେ ଆସ୍ଥା ପ୍ରକଟ କରି ବଞ୍ଚିବେ ତାହା ସନ୍ଦେହ ଘେର ରେ, ୨ ଦିନ ତଳେ ଅସ୍ତରଙ୍ଗ ପୁରୁଣା ଥାନା ନିକଟରେ ଜୈନକ ବ୍ୟକ୍ତି ଙ୍କର ୨ ଗୋଟି ଛେଳି ଚୋରୀ ହୋଇଛି, ଏହି ଚୋରୀ ପ୍ରକୃତ ରେ କିଏ କରୁଛି ଆଉ ଏହା ପଛରେ କାହାର ହାତ ରହିଛି ତାହା ସମ୍ପୂର୍ଣ୍ଣ ଚିନ୍ତାର କାରଣ ସାଜିଛି, ଯଦି ନାଇଟ ପେଟ୍ରୋଲିଙ୍ଗ ସଠିକ ଭାବେ ହେଉଛି ତାହେଲେ ଏହି ସବୁ ଚୋରୀ କିପରି ଘଟୁଛି, ଶୁଣିବାକୁ ମିଳିଲାଣି କିଛି ପୂର୍ ଅପରାଧୀ ମାନେ ଏବେ ବେଲ୍ ରେ ଆସି ଅସ୍ତରଙ୍ଗ ଅଞ୍ଚଳ ରେ ଆଡ୍ଡା ଜମାଇବା ସହ କିଛି ବ୍ଲୁ ପ୍ରି□ ମଧ୍ୟ ପ୍ରସ୍ତୁତ କରୁଛନ୍ତି, କିଛି ଅପରାଧ ପ୍ରବଣ ବ୍ୟକ୍ତି ମଧ୍ୟ ବିଭିନ୍ନ ସ୍ଥାନରେ ଗ୍ୟାଙ୍ଗ ପ୍ରସ୍ତୁତ କରୁଛନ୍ତି, ତାହେଲେ ଏମାନେ ନିଜ ସୌକ କି ରୋଜଗାର ପାଇଁ ଏହିଭଳି କାର୍ଯ୍ୟ କରାଉନାହାନ୍ତି ତ ? ଏହାକୁ ନେଇ ଏବେ ସୃଷ୍ଟି ହେଇଛି ନୂଆ ଲୋକକଥା, ନିଶା ଓ ବ୍ରାଉନସୁଗାର ପାଇଁ ହୁଏତ ଏହିଭଳି ଘଟଣା ମଧ୍ୟ ଘଟୁଥାଇପାରେ ବୋଲି କିଛି ସାଧାରଣଲୋକ ମତବ୍ୟକ୍ତ କରିଛନ୍ତି, ତାହେଲେ ଚୋରୀ ସହିତ ଚୋର ଙ୍କୁ ଠାବ କରିବାକୁ ଆସୁଥିବା ଫରେନସିକ୍ ଟିମ୍ ଏଠି ଗୋଟେ ପ୍ରହସନ ବୋଲି ଆଶା କରାଯାଉଛି। ବାସ୍ତବ ରେ ଅପରାଧୀ ଙ୍କ ଆଡ୍ଡା ସ୍ଥଳୀ ଏବେ ଅସ୍ତରଙ୍ଗ ହେଇଯାଇଥିବା ବେଳେ ଅତୀତ ର ଚୋରୀ ଆଉ ବର୍ତ୍ତମାନ ର ଚୋରୀ ଘଟଣା ଉପରୁ କେବେ ପରଦା ଉଠିବ ତାକୁ ନେଇ ଏବେ ବୁଦ୍ଧିଜୀବୀ ଆଶାବାଦୀ ।

# ସାମାଜିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ସଚେତନତା କାର୍ଯ୍ୟକ୍ରମ



ଗଞ୍ଜାମ(ମହାଭାରତ) ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମର ୧୦ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ସାମାଜିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଜିଲ୍ଲା ପ୍ରଶାସନ, ଗଜପତି ତରଫରୁ ଆଜି ତା ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ -୨, ପୟରଳାଖେମୁଣ୍ଡି ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟ କ୍ରମରେ ଅତିଥି ଭାବରେ ଶିଶୁ ମଙ୍ଗଳ ସମିତି ର ଅଧକ୍ଷ ଶ୍ରୀ ଅଶ୍ୱିନୀ କୁମାର ମହାପାତ୍ର , ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମିନତି ଦେବୀ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଅରୁଣ କୁମୟର ତ୍ରିପାଠୀ, ସୁରକ୍ଷା ଅଧିକାରୀଣି ଶ୍ରୀମଚି ଶାରଳ। ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ଓ ମହିଳା ମାନଙ୍କ ପାଇଁ କାର୍ଯ୍ୟକରୁଥିବା ସ୍ୱେଚ୍ଛା ସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯଥା ଶିଶୁ ଙ୍କୁ ଯତ୍ନ ସୁରକ୍ଷା ପ୍ରଦାନ କରୁଥିବା ଅନୁଷ୍ଠାନର କର୍ମକର୍ତ୍ତା ,ୱାନ୍ ଷ୍ଟପ କେନ୍ଦ୍ରର କର୍ମକର୍ତ୍ତା, ଶକ୍ତି ସଦନର କର୍ମକର୍ତ୍ତା , ଚାଇଲ୍ଡ ହେଲ୍ପ ଲାଇନ ର କର୍ମୀ , ବୃଦ୍ଧୟଶ୍ରମର କର୍ମୀ, ଏକସନ ଏଡର ଜିଲ୍ଲା ସଂଯୋଜକ , ଅରୁଣୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ର ଜିଲ୍ଲା ପରାମର୍ଶଦାତା ଓ ସାତଗୋଟି ବ୍ଲକର ସମ୍ପତ୍ତି ଶିଶୁ ବିକାଶ ପ୍ରକଳ୍ପର କ୍ଷେତ୍ର ପରିଚ଼ାଳିକ। ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ । ପରେ ପରେ ସାଧନ ବ୍ୟକ୍ତି ଭାବରେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟର ଚିକିତ୍ସା ମନୋବିଜ୍ଞାନୀ ଶ୍ରୀ ପ୍ରଦୀପ କୁମାର ମହାପାତ୍ର, ସାମାଜିକ ଓ ମାନସିକ ସୁସ୍ଥତା ସାମାଜିକ କର୍ମୀ ଶ୍ରୀ ପ୍ରାଣରଞ୍ଜନ ନାୟକ ଓ ଶ୍ରୀ ପ୍ରତ୍ୟୁଷ ପଣ୍ଡା ଉପସ୍ଥିତ ଅଂଶଗ୍ରହଣ କାରୀଙ୍କୁ ବିଭିନ୍ନ ସମୟରେ ବିପଦ ସଙ୍କୁଳ ଅବସ୍ଥାରୁ ଉଦ୍ଧାର ହେଉଥିବା ଶିଶୁ ଏବଂ ମହିଳା ମାନଙ୍କର ମାନସିକ ଚାପ କୁ କିପରି ହ୍ରାସ କରାଯିବ ଏବଂ ପରବର୍ତ୍ତି ମୂହୁର୍ତ୍ତରେ କିପରି ସେମାନେ ସମାଜର ମୁଖ୍ୟ ଶ୍ରୋତରେ ସାମିଲ ହୋଇପାରିବେ ସେଥିପାଇଁ କାର୍ଯ୍ୟରତ ଥିବା ଅନୁଷ୍ଠାନ ମାନଙ୍କର ଦାୟିତ୍ୱ ଏବଂ ଭୂମିକା ଉପରେ ସବିଶେଷ ଆଲୋଚନା କରାଯାଇଥିଲା ।ମାନସିକ ଚାପ ଯୋଗୁଁ ଉପୁଜୁଥିବା ବ୍ୟକ୍ତିଗତ, ସାମାଜିକ ଓ ଆର୍ଥିକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି ପ୍ରକାର ସମସ୍ୟା ବେଳେ ପାରଳାଖେମୁଣ୍ଡିର ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟରତ ଥିବା ମନୋବିଜ୍ଞାନୀ କି ପ୍ରକାର ସେବା ଯୋଗାଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର କର୍ମକର୍ତ୍ତା ପରିଚ଼ାଳନା କରିଥିଲେ

# ନନ୍ଦିପଦା ଥାନା ରେ ଆଇପିଏସ ଙ୍କ ଯୋଗ ଦାନ ପରେ ମାଫିଆ ଓ ଆତଙ୍କି ମନରେ ଛନକା



ହାଟଡିଡ(ମହାଭାରତ): ହାଟଡିହି ଆନନ୍ଦପୁର ଉପଖଣ୍ଡ ବିଭିନ୍ନ ଥାନା ମାନଙ୍କ ରେ ଏବେ ମାଫିଆଓ ଆତଙ୍କ କାରୀ ମନ ରେ ଛନକା ପଶିଯାଇଛି। ଯାହାକି ଅଳ୍ପ ଦିନ ପୂର୍ବରୁ ନନ୍ଦିପଦା ଥାନା ରେ ଯୋଗ ଦେଇଛନ୍ତି ନୂଆ ଆଇପିଏସ ଅଫିସର ରାକେଶ କୁମାର ସାହୁ। ସେ ଯୋଗ ଦେବା ଦିନ ରୁ ବିଭିନ୍ନ ସଙ୍ଗଠନ ଡାକି ସଚେତନ କରୁଥିବା ବେଳେ ବିଳମ୍ବିତ ରାତିରେ ଚୋରା ଗାଡ଼ି ମାନଙ୍କର କରୁଛନ୍ତି ତର୍ଣ୍ଣ ତର୍ଣ୍ଣ ଯାଞ୍ଚ । ଏବେ ନନ୍ଦିପଦା ଥାନା ର ଦାୟିତ୍ୱ ରେ ଥିବା ବେଳେ ସୋସ , ବଉଳା ଫାଣ୍ଡି କୁ ମଧ୍ୟ ଯାଇ କିପରି ପୋଲିସ କାମ କରୁଛି ଅଞ୍ଚଳ ରେ ଲୁଟ, କଳାବାଜାରି ରୋକିବା ଦିଗ ରେ ଅପରେଶନ୍ ଆରମ୍ଭ କଲେଣି। ଯାହାକୁ ନେଇ କିଛି ଦିନ ପୂର୍ବରୁ ମାଇନିଂ ଅଧିକାରୀ ମାଡ ମାରିବା, ଅଞ୍ଚଳ ରେ ପ୍ରାକୃତିକ ସମ୍ପଦ ଲୁଟ ରୋକିବା ସହ ଚୋରା ମଦ,ବେପରୁଆ ଗାଡି ଚ଼ାଳନା, ଅଞ୍ଚଳରେ ଚୋରି ରୋକିବା, ଓ ନିଶା ଦ୍ରବ୍ୟ ର ହବ ପାଲଟି ଥିବା ହାଟଡିହି ଅଞ୍ଚଳ କୁ ସଜାଡି ବାକୁ କରୁଛନ୍ତି ବ୍ଲୁ ପ୍ରିଣ୍ଟ। ନୂଆ ଆଇପିଏସ ହୋଇ ଥାନା ରେ ଲୋକଙ୍କୁ ସହ ସିଧା ସଳଖ ଅନ ସ୍ପଟ୍ ସମାଧାନ ପାଇଁ କରୁଛନ୍ତି ସିଧା ଟାର୍ଗେଟ। ଯେ ପରି ଲୋକେ ଭୁଲ କରିବା ପୂର୍ବରୁ ଦଶ ଥର ଭାବିବେ ଯେ ପୋଲିସ ରେ କେଶ୍ ହେଲେ ଅବସ୍ଥା କିପରି ହୁଏ। ଏହା ଛଡା ଏହି ଅଞ୍ଚଳ ରେ ହେଉଥିବା ସିରିଜ୍ ଚୋରି ର ପୋଲିସ କୌଣସି ସୁରାଗ ପାଇନଥିବାରୁ ଆସିଥବା ନୂଆ ଆଇପିଏସ ଅଫିସର ରାକେଶ କୁମାର ସାହୁ କିପରି ସଫଳ ହେଉଛନ୍ତି ତାହାକୁ ନେଇ ଚୋରି ହୋଇଥିବା ପରିବାର ଲୋକେ ଆଶା ରଖିଛନ୍ତି।

## ସିଜିମାଳି ଖଣି ଖନନ ନିମନ୍ତେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ଅଞ୍ଚଳ ବାସି



ଥୁଆମୂଳ ରାମପୁର (ମହାଭାରତ)କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ଦିନ କୁ ଦିନ ସିଜିମାଳି ପ୍ରଭାବିତ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ୨୪ ଗୋଟି ପଞ୍ଚାୟତର ପ୍ରାୟ ୩୦୦ ରୁ ଉର୍ଦ୍ଧ ଗ୍ରାମରୁ ପ୍ରାୟ କୋଡିଏ ହଜାର ରୁ ଉର୍ଦ୍ଧ ଅଞ୍ଚଳ ବାସୀଙ୍କ ବିଶାଳ ଶୋଭାଯାତ୍ରା ସହ ସିଜିମାଳୀ ଖଣି ଖନନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲାପାଳ ଜରିଆରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଆମ ଅ□ଳରେ ଆଗାମୀ ଦିନରେ ରେ ଯଦି ଖଣି ଖନନ ହୁଏ ତାହାହେଲେ ତେବେ ଅଞ୍ଚଳର ଉନ୍ନତି ହେବା ସହ ବେକାରି ସମସ୍ୟା ଦୂର ହେବାସହ ସର୍ବାଙ୍ଗୀନ ଉନ୍ନତି ହେବ ବୋଲି ମତପୋଷଣ ପ୍ରକାଶ ପାଇଛି।ଏଣୁ ଆମ୍ଭେ ୨୦,୦୦୦ ରୁ ଉର୍ଦ୍ଧ ଲୋକଙ୍କ ସର୍ବସମ୍ମତି କ୍ରମେ ଦସ୍ତଖତ ସହ ସିଜିମାଳି ଓ ମୈତ୍ରୀ କମ୍ପାନୀକୁ ପୁର୍ଣ ସମର୍ଥନ କରୁଛୁ । ବର୍ତମାନ ସମୟରେ ମାସକୁ ପ୍ରାୟ ୨୦ ହଜାର ରୁ ଉର୍ଦ୍ଧ ପରିବାର ସିଧା ସଳଖ ଆର୍ଥିକ, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ନିଯୁକ୍ତି ଓ ଧାର୍ମିକ କ୍ଷେତ୍ରରେ ପ୍ରାୟ ୪୫ ରୁ ଏହି ଅଞ୍ଚଳରେ ମନ୍ଦିର ନିର୍ମାଣ କରାଯାଉଛି ଓ ଅନ୍ୟାନ୍ୟ ଉନ୍ନତି ମୂଳକ କାର୍ଯ୍ୟ ମଧ ମୈତ୍ରୀ କମ୍ପାନୀ ତରଫରୁ କରାଯାଉଛି । ସିଜିମାଳି ଖଣି ଖନନ ଯଥାଶୀଘ୍ର ତ୍ୱରାନ୍ୱିତ କରାଯାଉ। ପ୍ରକାଶ ଥାଉକି କିଛି ସ୍ୱାର୍ଥବାଦୀ ବାହାରିଆ ଲୋକେ ଆସି ଏ ଅଂଚଳର ନିରିହ ଆଦିବାସୀ ଲୋକ ମାନଙ୍କୁ ତାଙ୍କ ସ୍ୱାର୍ଥ ପାଇଁ କମ୍ପାନୀ କୁ ବିରୋଧ କରିବାକୁ ଉସ୍କାଉଛନ୍ତି ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି ।

## ଘରଭଡ଼ାକୁ କେନ୍ଦ୍ରକରି ସ୍ତ୍ରୀକୁ ମାରିଲା ସ୍ୱାମୀ

ଅନୁଗୋଳ,(ମହାଭାରତ):ଆଜି ଅପରାହ୍ନରେ ବଅଁରପାଳ ଥାନା ନୁଆହତା ଇଲାକାରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ବକେୟା ଘର ଭଡ଼ା ସୁଜିବାକୁ ସ୍ତ୍ରୀ ତାର ସ୍ୱାମୀକୁ କହିବାରୁ ସ୍ୱାମୀ ରାଗିଯାଇ ସ୍ତ୍ରୀକୁ ମାଡ ମାରିବା ସହ କୁ ତଣ୍ଟି ଚିପି ଦେଇଥିଲା ଘଟଣା ସ୍ଥଳରେ ସ୍ତ୍ରୀ ର ପ୍ରାଣ ବାୟୁ ଉଡ଼ିଯାଇଥିଲା। ଘଟଣା ସ୍ଥଳରେ ବଅଁରପାଳ ପୋଲସ ପହଞ୍ଚି ଶବକୁ ଜବତ କରିବା ସହ ସ୍ୱାମୀକୁ ଧରିବାରେ ସକ୍ଷମ ହୋଇଛି। ସୂଚନା ମୁତାବକ ଉଭୟଙ୍କ ଘର କେଉଁଝର ଜିଲ୍ଲା ବଡ଼ବିଲ ଅଞ୍ଚଳର। ସ୍ୱାମୀ ସୁବ୍ରତ ସାମଲ ସ୍ତ୍ରୀ ପାୟଲ ସାମଲ ନୁଆହତାର ବେଡା ସାହୁଙ୍କ ଘରେ ଭଡ଼ାରେ ରହୁଥିଲେ। ସୁବ୍ରତ ଟାଟା ଷ୍ଟିଲରେ କାମ କରୁଥିଲେ। କିଛିଦିନ ତଳେ କଲୋନୀ କାମରେ ଯାଜପୁର ଯାଇ ଫେରିଥିଲେ। ଅର୍ଥ ଅଭାବ ସାଙ୍ଗକୁ ମଦ ପାଇବା ରେ ଓସ୍ତାଦ ଥିଲା । ସ୍ତ୍ରୀ ଘର ଭଡ଼ା ଟଙ୍କା ଆଜି ମାଗିବାରୁ ସୁବ୍ରତ ରାଗିଯାଇ ମାର ପିଟ କରି ମାରିଦେଇଥିଲା।

## ବଳରାମପୁର ବିଦ୍ୟାପୀଠ ପରିସରରେ ମେଗା ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବିର

ସାଲେପୁର,(ମହାଭାରତ ) ୟୁନିଅନ ଫର କଟକ ସଦର ଡେଭଲପମେଣ୍ଟ ପକ୍ଷରୁ କଟକ ସଦର ନିର୍ବାଚନ ମଣ୍ଡଳୀ ର ଜନାର୍ଦ୍ଦନପୁର ଗ୍ରା:ପ ର ବଳରାମପୁର ବିଦ୍ୟାପୀଠ ପରିସରରେ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ସେବା ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି ରକ୍ତଦାନ ଶିବିରରେ ୫୨ୟୁନିଟ ରକ୍ତ ସଂଗ୍ରହ ହେବା ସହିତ ୭୦ଜଣ ଚକ୍ଷୁ ରୋଗୀଙ୍କ ପରୀକ୍ଷା କରାଯାଇ ମାଗଣାରେ ଚଷମା ବ□ନ କରାଯାଇଥିଲା। ୧୨୨ଜଣ ବିଭିନ୍ନ ରୋଗରେ ପୀଡିତ ଲୋକଙ୍କୁ ପରୀକ୍ଷା କରାଯାଇ ମାଗଣା ରେ ଔଷଧ ବଣ୍ଟନ କରାଯାଇଥିଲା। ଏହି ସଂଗଠନ ପକ୍ଷରୁ ବିଭିନ୍ନ ଅନଗ୍ରସର ମଫସଲ ଓ ଗ୍ରାମାଞ୍ଚଳ ରେ ଏଭଳି ମହନୀୟ କାର୍ଯ୍ୟ ପାଇଁ ଅନୁଷ୍ଠାନ ର ଅଧ୍ୟକ୍ଷ ପ୍ରଫେସର ମନୋଜ କୁମାର ନାୟକଙ୍କ ପ୍ରୟାସପାଇଁ ଅଞ୍ଚଳବାସୀ ସାଧୁବାଦ ବାଦ ଜଣାଇଛନ୍ତି ଏହି ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବିର କୁ ଈଶାଣୀବରହ ପୁର ପୂର୍ବତନସରପଞ୍ଚ ଅଭିମନ୍ୟୁ ସାହୁ, ପର୍ଶୁରାମ ଭୂୟାଁ, ସୁଧାଂଶୁ ଶେଖର ରାଉତ, ଓ ସ୍ଥାନୀୟ ଗ୍ରାମବାସୀ ଙ୍କ ସମେତ ଯୁବ ଛାତ୍ର ମାନେ ସହାୟତା କରିଥିଲେ।

## ଲେଭେଲ ୫(ଏ) ଶିକ୍ଷକ ସଂଘଠନ ପକ୍ଷରୁ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଦାବିପତ୍ର

ନବରଙ୍ଗପୁର (ମହାଭାରତ): ରାଜ୍ୟ ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଘଠନ (ଆଇପିଟିଓ)ର ଆହ୍ୱାନ କ୍ରମେ ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖଣ୍ଟି ବ୍ଲକ୍ ଲେଭେଲ ୫(ଏ) ପ୍ରାଥମିକ ସଂଘଠନ ତରଫରୁ ୨ ଦଫା ସମ୍ବଳିତ ଦାବୀପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତେନ୍ତୁଲିଖୁଣ୍ଟି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୋହନ ମଧୁସୂଦନ ବାଘଙ୍କୁ ପ୍ରଦାନ କରାଯାଇଛି। ଜାତୀୟ ଶିକ୍ଷା ଅଧିକାରୀ ଆଇନ୍ ଅନୁଯାୟୀ ପ୍ରାଥମିକ ଶିକ୍ଷକଙ୍କ ଗ୍ରେଡ ପେ ୪୨୦୦କୁ ବୃଦ୍ଧି କରିବା ଏବଂ ନେସନାଲ ଇନକ୍ରିମେଣ୍ଟ ସହ ୬ ଓ ୮ ବର୍ଗର ଠିକା ଅବଧିକୁ ମୂଳ ଚାକିରୀରେ ମିଶାଇବାକୁ ଏଥିରେ ଦାବି କରାଯାଇଛି। ଏହି ଦାବି ଆସନ୍ତା ୧୭ ତାରିଖ ସୁଦ୍ଧା ପୂରଣ ନ ହେଲେ ୧୮ ତାରିଖ ଠାରୁ ସାମୂହିକ ଭାବରେ ରାଜଧାନୀ ଭୁବନେଶ୍ୱର ଠାରେ ଆଇପିଟିଓର ଆହ୍ୱାନ କ୍ରମେ ହେବାକୁ ଥିବା ଆନ୍ଦୋଳନରେ ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ସାମିଲ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ତେନ୍ତୁଲିଖୁଣ୍ଟି ବ୍ଲକରବ୍ରଜ ସଗରିଆ,ସିମାଞ୍ଚଳ ପୁଜାରୀ,ମଧୁସ୍ମିତା ଦାଶ,ସଞ୍ଜିତ ମହାନ୍ତି,ଗୋବର୍ଦ୍ଧନ ପ୍ରଧାନ,ମନୋରଞ୍ଜନ ନାଥ,ମିନତୀ କୁମାରୀ ରାଉତ,ରଞ୍ଜନ ନାୟକ,ଦୀପକ ପ୍ରଧାନ,ଶିଶିର ଦେହୁରୀ,ଅରୁଣ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଦାବିପତ୍ର ପ୍ରଦାନ ପରେ ଶିକ୍ଷାଧିକାରୀ ଶ୍ରୀ ବାଘ ଶିକ୍ଷକଶିକ୍ଷୟତ୍ରୀଙ୍କୁ ସରକାରଙ୍କ ପଦକ୍ଷେପ ସମ୍ବନ୍ଧେ ଏକ ସକାରାତ୍ମକ ବାର୍ତ୍ତା ଦେଇଥିଲେୟ ଏଥିରେ ବ୍ଲକ୍ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଦେବେନ୍ଦ୍ର ପ୍ରସାଦ ନାୟକ ମଧ ଉପସ୍ଥିତ ଥିଲେ।

# ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷାର ସୁପରିଚାଳନା ନିମନ୍ତେ ସମୀକ୍ଷା ବୈଠକ

ଢେଙ୍କାନାଳ, (ମହାଭାରତ): ଜିଲ୍ଲାରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସାର୍ଟିଫିକେଟ ପରୀକ୍ଷାର ସୁପରିଚାଳନା ନିମନ୍ତେ ଆଜି ମଧ୍ୟାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ୍ କୁମାର ଉପାଧ୍ୟାୟ ପରୀକ୍ଷା ବ୍ୟବସ୍ଥା ପରିଚାଳନାର ସମୀକ୍ଷା କରି ପରୀକ୍ଷା ପରିଚାଳନାରେ ଯେପରି କୌଣସି ପ୍ରକାରର ବ୍ୟତିକ୍ରମ ନ ହେବ ସେଥିପାଇଁ ସଂପୃକ୍ତ ଅଧିକାରୀ ଶୃଙ୍ଖଳିତ ଓ ଦାୟୀତ୍ୱ ବୋଧତାର ସହ ନିଜର କାର୍ଯ୍ୟ ସଂପାଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସୁପରିଟେଣ୍ଡିଙ୍ଗ ଅଫିସର ମାନେ ପରୀକ୍ଷା ପୂର୍ବରୁ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରି ରିପୋର୍ଟ ଦେବାକୁ କହିଥିଲେ । ପରୀକ୍ଷା ସମୟରେ ବରିଷ୍ଠ ଅଧିକାରୀ ମାନେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ତଦାରଖ କରିବା ପାଇଁ କହିଥିଲେ । ଜିଲ୍ଲାରେ ୯୪ଟି କେନ୍ଦ୍ରରେ ମାଧ୍ୟମିକ ପରୀକ୍ଷା ଚଳିତ ମାସ ୨୧ ତାରିଖରୁ ଆସନ୍ତା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ସମସ୍ତ ପରୀକ୍ଷା ସକାଳ ୯ ଘଟିକା ଠାରୁ ୧୧ଘ. ୩୦ ମି. ପର୍ଯ୍ୟନ୍ତ ଚାଲିବ, କେବଳ ଗଣିତ ପରୀକ୍ଷା ସକାଳ ୯ ରୁ ୧୧ ଟା ୪୫ ମି. ପର୍ଯ୍ୟନ୍ତ ଚାଲିବ ।ପ୍ରଶ୍ନପତ୍ର ଷ୍ଟୋର ନିମନ୍ତେ ୧୦ଟି ନୋଡାଲ ସେଣ୍ଟର କରାଯାଇ ସି.ସି. ଟିଭି ଓ ଆରକ୍ଷୀ ବ୍ୟବସ୍ଥା କରାଯାଇଥିଲା ବେଳେ ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ସିସି ଟିଭି ଲଗାଯାଇଛି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ବିନିତା ସେନାପତି ସୂଚନା ଦେଇଥିଲେ। ପରୀକ୍ଷାର୍ଥୀ ମାନଙ୍କୁ କୌଣସି ପ୍ରକାରର ଘଣ୍ଟା ନେବାକୁ ଅନୁମତି ନ ଥିବାରୁ



ପ୍ରତ୍ୟେକ କେନ୍ଦ୍ରରେ କାନ୍ଥ ଘଣ୍ଟା ଲଗାଯିବ ବୋଲି ପ୍ରକାଶ କରିଥିଲେ । ସେହିପରି ଉଚ୍ଚ ମାଧ୍ୟମିକ ସାର୍ଟିଫିକେଟ ପରୀକ୍ଷା ୪୩ କେନ୍ଦ୍ରରେ ଚଳିତ ମାସ ୧୮ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ମାସ ୨୭ ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି । ପରୀକ୍ଷା ସୁପରିଚାଳନା କରିବାରେ କୌଣସି ଅଧିକାରୀ, କର୍ମଚାରୀ ଅସଦ ଉପାୟ କିମ୍ବା ବିଶୃଙ୍ଖଳା ଆଚରଣ କଲେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ଚେତାବନୀ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଡ଼ି. ଆଇ.ବି. ଆଡ଼ିସ୍ନାଲ ଏସ.ପି. ନିରଞ୍ଜନ ପାଢୀ, ସଦର ଉପ ଜିଲ୍ଲାପାଳ ବିବୁଧ ଗଡ଼ନାୟକ, ହିନ୍ଦୋଳ ଉପ ଜିଲ୍ଲାପାଳ ପ୍ରଭାସ କୁମାର ପରିଡ଼ାଙ୍କ ସମେତ ସଂପୃକ୍ତ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅଧ୍ୟକ୍ଷଗଣ , ବିଭାଗୀୟ ଅଧିକାରୀ, ସମସ୍ତ ତହସିଲଦାର ଓ ବି.ଡ଼ି.ଓ. ମାନେ ଉପସ୍ଥିତ ରହି ପରୀକ୍ଷା ପରିଚାଳନା ବ୍ୟବସ୍ଥା ସଂପର୍କରେ ଅବଗତ କରାଇଥିଲେ ।

## ସାମ୍ବାଦିକ ସଂଘର ସମ୍ବର୍ଦ୍ଧନା ସଭା ଓ ସାଧାରଣ ବୈଠକରେ, ନୂତନ କର୍ମକର୍ତ୍ତା ଚୟନ

ଟିଟଲାଗଡ଼ (ମହାଭାରତ) ବଲାଙ୍ଗୀରର ଜିଲ୍ଲା ସଇଁତଲା ବ୍ଲକ ସ୍ଥିତ ବିବେକାନନ୍ଦ ପାଠାଗାର ପରିସରରେ କାର୍ଯ୍ୟରତ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ସମ୍ବର୍ଦ୍ଧନା ସଭା ଓ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ ଯୋଗଦାନ କରି ଇଷ୍ଟ ଦେବୀ ମା ଚଣ୍ଡୀ ଫୋଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ କରିଥିଲେ ।ଏହି ସଭାକୁ ସଂଘ ସଭାପତି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ□ ସୁବ୍ରତ ନାଗ ଯାଦବ, ଡୁଙ୍ଗୁରିପାଲି ସରପଞ୍ଚ ଗଜପତି ସାହୁ, କେରମେଲି ସରପଞ୍ଚ□ ଅଶୋକ ସାହୁ, ସଂଘ ଆଇନ ପରାମର୍ଶଦାତା ମାନଭଞ୍ଜନ ପାଣିଗ୍ରାହୀ ଓ ସଂଘର ମୁଖ୍ୟ ପରାମର୍ଶଦାତା ପ୍ରମୋଦ କୁମାର ସେଲମା ପ୍ରମୁଖ ଯୋଗଦାନ କରି ସଂଘର ଭବିଷ୍ୟତ ଉଜ୍ଜଳମୟ ହେଉ ବୋଲି କାମନା କରିବା ସହ ସମାଜ ଗଠନରେ ସାମ୍ବାଦିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା ସହିତ ସାମ୍ବାଦିକମାନଙ୍କ ସୁରକ୍ଷା ଓ କଲ୍ୟାଣ ଲାଗି ସରକାରୀ ସ୍ତରରେ ପ୍ରୟାସ ଲୋଡ଼ା ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ପରିପେକ୍ଷୀରେ ସଂଘର ମୁଖ୍ୟ ପରାମର୍ଶ ଦାତା ସାମ୍ବାଦିକ ଶ୍ରୀ ସେଲମା ଓଡିଶା ସାମ୍ବାଦିକ ସଂଘ (ଓଜେୟୁ ) ର ରାଜ୍ୟ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିବା ଯୋଗୁଁ ତାଙ୍କୁ ସଂଘ ତରଫରୁ ଉପଢ଼ୌକନ ସହ ଫୁଲତୋଡ଼ା ଦେଇ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହାପରେ



ସଂଘରେ ଖାଲିଥିବା ପଦବୀଗୁଡିକ ପୂରଣ କରାଯାଇଥିଲା । ଏଥିରେ ସଂଘ ଉପ ସଭାପତି ପ୍ରଦୀପ ବାଗ, ସାଧାରଣ ସଂପାଦକ ସୁଶାନ୍ତ କୁମାର ମେହେର, ସହ ସମ୍ପାଦକ ଭଗବାନ ରାଜପଲିଆ , କୋଷାଧ୍ୟକ୍ଷ ଭାବରେ ରଞ୍ଜନ ବାଗ ଓ ଚନ୍ଦ୍ରଭାନୁ ପ୍ରଧାନ ଓ ଉପଦେଷ୍ଟା ଭାବରେ ରମାକାନ୍ତ ରାଜପଲିଆ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ବୈଠକରେ ଯୁବ ସଂଗଠନ ଅମିତ ରଥ, ସମାଜସେବୀ ମନୋଜ ଶର୍ମା, ସାମ୍ବାଦିକ ରୁଦ୍ରଧର ଦଣ୍ଡସେନା, ଲକ୍ଷ୍ମୀକାନ୍ତ ସାହୁ, ଚୌଧୁରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଚନ୍ଦ୍ରଭାନୁ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଜୋକବନ୍ଧ ପୋକବନ୍ଧରେ ପରିଣତ ଲକ୍ଷାଧିକ ଟଙ୍କାର ଦୁର୍ନୀତିର ଗନ୍ଧ

ଆସିକା(ମହାଭାରତ):ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୱାର୍ଡ ନଂ୧୫ ସ୍ଥିତ ସର୍ବ ପୁରାତନ ଜୋକବନ୍ଧ ପୁନଃ ଉଦ୍ଧାର ନାମରେ ୭୦ ଲକ୍ଷ ଟଙ୍କାର ଦୁର୍ନିତି ଅଭିଯୋଗ। ନିର୍ମାଣ ନିମ୍ନମାନର କାର୍ଯ୍ୟ ଅଧପାନ୍ତିଆ ଯୋଗୁଁ ଜୋକବନ୍ଧ ଦୂଷିତ ହୋଇ ପୋକ ସାଲୁବାଲୁ ହେଲାଣିୟ ଏହି ଜୋକବନ୍ଧ ଉପର ଚତୁଃପାର୍ଶ୍ୱରେ ଥିବା ୱାର୍ଡ ବାସି ବନ୍ଧ ପାଣି ବ୍ୟବହାର କରିପାରୁ ନାହାଁନ୍ତି। ବନ୍ଧର ଦୂଷିତ ପାଣି ଦୂର୍ଗନ୍ଧରେ ୱାର୍ଡ ଫାଟି ପଡୁଛି। ଏନଏସି ନିର୍ବାଚନ ହେଉ କିମ୍ବା ସାଧାରଣ ନିର୍ବାଚନ ବେଳେ ଏହି ବନ୍ଧ ପୁନଃଉଦ୍ଧାର ପାଇଁ ମୁଖ୍ୟ ପ୍ରସଙ୍ଗ ସାଙ୍ଗକୁ ନେତାମାନେ ନିର୍ଭର ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ ନିର୍ବାଚନ ସରିଲା ପରେ ଦୀର୍ଘ ବର୍ଷ ହେଲି ନଟା, ବୁଦା ବନ୍ଧରେ ପରିପୂର୍ଣ୍ଣ ସାଙ୍ଗକୁ ୱାର୍ଡ ବାସି ଚତୁର୍ଦିଗରେ ଜବର ଦଖଲ କରି ଘର କରିବା ସହ ଲେଟିନ ଓ ନର୍ଦ୍ଦମା ପାଣି ଛାଡିବା, ବନ୍ଧର ଉତ୍ତର ଦିଗରେ ଗୋରୁ, ମଇଁଷି, କୁକୁଡା, ଛେଳି ଘୁହାଳ ମଳମୂତ୍ର ବନ୍ଧ ମଧ୍ୟକୁ ଛାଡୁଛନ୍ତି। ଘରର ଦୈନ୍ୟଦିନ ଅଳିଆ ଆବର୍ଜନା ମଧ ପକାଉଥିବା ବହୁବାର ପତ୍ର, ପତ୍ରିକା, ସଚେତନ କାର୍ଯ୍ୟକ୍ରମ କରିଥିଲେ ମଧ ପ୍ରଭାବ ପଡୁନାହିଁ। ବନ୍ଧରେ ମାଛଚାଷ ନାମରେ ଅନେକ ବର୍ଷ ବନ୍ଧ ମଧ ଦୁଷିତ ହୋଇଥିଲା। ପ୍ରତିବର୍ଷ ବନ୍ଧ ପୁନଃଉଦ୍ଧାର ନାମରେ ଜଳନିଷ୍କାସନ, ପଙ୍କ ଉଦ୍ଧାର, ଗାଡୱାଲ ପାହାଚ ନାମରେ ଏନଏସି ର ବିଭିନ୍ନ ଯୋଜନାରେ ଟଙ୍କା ବ୍ୟୟକରି ନାମକୁମାତ୍ର କାର୍ଯ୍ୟକରି ଅର୍ଥ ଆତ୍ମସାତ ହେଇଛି। ପୂର୍ବରୁ ଆମ ପୋଖରୀ ଯୋଜନା, ମୁକ୍ତା ଯୋଜନା ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମୋ ପୋଖରୀ ଯୋଜନାରେ ନାମକୁ ମାତ୍ର ମହିଳା ସ୍ୱୟଂସହାୟକ ଗୋଷ୍ଠି ନାମରେ ୫ ଟି ମହିଳା ସ୍ୱୟଂସହାୟକ ନାମରେ ୭୦ ଲକ୍ଷ ଟଙ୍କାର ପୁନଃଉଦ୍ଧାର କାର୍ଯ୍ୟ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି ବୋଲି ବନ୍ଧ ନିକଟରେ ଥିବା ଫଳକରେ ଉଲ୍ଲେଖ ଅଛି। ୩୧.୦୮.୨୦୨୪ ରେ ୱାର୍ଡ ନଂ ୧୫ ସ୍ଥିତ ଜୋନ ବନ୍ଧ ପୁନଃ ନବିକରଣ କାର୍ଯ୍ୟ ୩ ଏକର ୬୩ ଡିସିମଲ ବନ୍ଧର ଆସିକା ଏନଏସି ଅଧିନର କାର୍ଯ୍ୟ କରୁଥିବା ୧) ମା ଖମ୍ବେଶ୍ୱରୀ ୨) ଦେବି ଲକ୍ଷ୍ମୀ ୩) ସାଇ ସସ୍କୃତି କାର୍ଯ୍ୟାଦେଶ ଦିଆଯାଇଛି।

## ବିଦ୍ୟୁତ ସର୍ଟସର୍କିଟରେ ଚାରି ବଖରା ଘର ପୋଡ଼ି ପାଉଁଶ

ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ କାପ୍ତାପଲ୍ଲୀ ଗ୍ରାମ ପଞ୍ଚାୟତ ପୋବଲା ଗ୍ରାମରେ ନିଆଁ ଲାଗି ଚାରି ବଖରା ଘର ଛାରଖାର ହୋଇଯାଇଛି । ସୂଚନା ଥାଉକି ଗତକାଲି ଶନିବାର ଅପରାହ୍ନ ସାଢେ ତିନିଟା ସମୟରେ ପୋବଲା ଗ୍ରାମର ଯମୁନା ଜାନି,ଶାନ୍ତିଲତା ଜାନି,ଟୁନି ଜାନି ଏବଂ ବିମଳା ଜାନିଙ୍କ ବିଦ୍ୟୁତ ସର୍ଟସର୍କିଟରେ ଚାରି ବଖରା ଘର ପୋଡ଼ି ପାଉଁଶ ହୋଇଥିବା ଜଣାପଡିଛି ।ଖବର ପାଇ ଘଟଣାସ୍ଥଳରେ ନୂଆଗାଁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏଥିରେ କାହାର ଜୀବନ ହାନି ହୋଇନଥିବା



ବେଳେ ଘରେ ଥିବା ଧାନ, ଚାଉଳ, ଲୁଗାପଟା ବିଭିନ୍ନ ଉପକରଣ ପୋଡି ଲକ୍ଷାଧିକ ଟଙ୍କାର ସମ୍ପତି କ୍ଷୟକ୍ଷତି ହୋଇଛି । ଖବର ପାଇ ନୂଆଗାଁ ଅତିରିକ୍ତ ତହସିଲଦାର କବିରାଜ ସେଠି, କାପ୍ତାପଲ୍ଲୀ ରାଜସ୍ୱ ନିରୀକ୍ଷକ ସଞ୍ଜୟ କୁମାର ପ୍ରଧାନ, ସୁପରଭାଇଜର ପ୍ରମୋଦ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଅଗ୍ନି ବିପତ୍ତି ପରିବାରଙ୍କୁ ପଲିଥିନ ପ୍ରଦାନ କରିଥିବା ବେଳେ ସ୍ଥାନୀୟ ସରପ□ ସାରସଧର ସାହୁ, ପୂର୍ବତନ ସରପଞ୍ଚ ହାଡିବନ୍ଧୁ ସାମନ୍ତରାୟ ଏବଂ ଗ୍ରୁମି ସମିତି ସଭ୍ୟ ସଞ୍ଜୀବ କୁମାର ଡାକୁଆ ପହଞ୍ଚି ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ ।ସମସ୍ତେ ଆଦିବାସୀ ଗରୀବ ପରିବାର ଲୋକେ। ସେମାନଙ୍କ ପାଖରେ ଆର୍ଥିକ ସ୍ୱଚ୍ଛଳ ନଥିବାରୁ ଘର ନିର୍ମାଣ କରିବା ପାଇ ଅସମ୍ଭବ। ପରିବାର ଲୋକେ ସରକାରଙ୍କ ସହାୟତା ପାଇବା ପାଇଁ ଗଣମାଧ୍ୟମ ଦ୍ୱାରା ଦାବି କରିଛନ୍ତି। ଏନେଇ ନୂଆଗାଁ ଅତିରିକ୍ତ ତହସିଲଦାର କବିରାଜ ସେଠିଙ୍କ ଠାରୁ ମତାମତ ନେଇଥିବାରୁ ରାଜସ୍ୱ ନିରୀକ୍ଷକ ରିପୋର୍ଟ ଦେଲେ ସରକାରଙ୍କ ସହାୟତା ଦିଆଯିବ ବୋଲି ଅତିରିକ୍ତ ତହସିଲଦାର ଶ୍ରୀ ସେଠି କହିଛନ୍ତି।

## ସ୍ମାର୍ଟ ସ୍କୁଲର ଷଷ୍ଠ ବାର୍ଷିକ ଉତ୍ସବ

ଏକ ବର୍ଣ୍ଣାଢ୍ୟ ଏବଂ ସାଂସ୍କୃତିକ ପରିବେଶ ମଧ୍ୟରେ ସ୍ମାର୍ଟ ସ୍କୁଲ ର ଷଷ୍ଠ ବାର୍ଷିକ ଉତ୍ସବ ଦର୍ପନ-୨୪ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବର ଅତିଥି ବୃନ୍ଦ ଯଥା ପାରଳା ପୌର ଅଧ୍ୟକ୍ଷା ନିର୍ମଳା ସେଠି, ଓଡିଶା ସଂଗୀତ ନାଟକ ଏକାଡେମି ପୁରସ୍କାର ପ୍ରାପ୍ତ ଗୁରୁ ଶ୍ରୀ ରଘୁନାଥ ପାତ୍ର ଏବଂ ପ୍ରିନ୍ସ ଡାନ୍ସ ଗ୍ରୁପ ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଟି.କ୍ରିଷ୍ଣା ମୋହନ ରେଡି ପ୍ରମୁଖ ଉପସ୍ଥିତ ରହି ଉତ୍ସବ ର ଶୋଭା କୁ ଗୌରବାନ୍ୱିତ କରିଥିଲେ। ସମସ୍ତ ଅତିଥି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବାର୍ଷିକ ଉତ୍ସବ ର ଉଦ୍ଘାଟନ କରିଥିଲେ। ନିଜର ସ୍ୱାଗତ ଅଭିଭାଷଣ ମାଧ୍ୟମରେ ବିଦ୍ୟାଳୟ ର ଅଧକ୍ଷା ଶ୍ରୀମତୀ ସନ୍ଧ୍ୟା ରାଣୀ ପାତ୍ର, ବିଧ୍ୟାଳୟର ପାଠ ପଢ଼ିବା ମାଧ୍ୟମ ଏବଂ ପାଠ ପଢା ସହିତ ଛାତ୍ର/ ଛାତ୍ରୀ ମାନଙ୍କ ଅନ୍ତର୍ନିହିତ ଦକ୍ଷତା ର ବିକାଶ ପାଇଁ ବିଦ୍ୟାଳୟ ର ବିଭିନ୍ନ ପ୍ରୟାସ ଉପରେ ଆଲୋକପାତ କରିଥିଲେ ଏବଂ ବାର୍ଷିକ ବିବରଣୀ କୁ ଏକ ସୁନ୍ଦର ଡିଜିଟାଲ ମିଡ଼ିଆ ମାଧ୍ୟମ ରେ ଉପସ୍ଥାପିତ କରିଥିଲେ । ବିଦ୍ୟାଳୟ ର ପରିଚାଳନା ସଦସ୍ୟା ସ୍ୱାଗତିକା ମିଶ୍ର ନିଜର ଅଭିଭାଷଣ ରେ ସ୍ମାର୍ଟ ସ୍କୁଲ, ଛାତ୍ର ଛାତ୍ରୀ ମାନଙ୍କର ଆତ୍ମ ବିଶ୍ୱାସ ଦୃଢ କରିବା ନିମି□ ସର୍ବଦା ଉଦ୍ୟତ ବୋଲି ଅଭିହିତ କରିଥିଲେ । ଶ୍ରୀମତୀ ମିଶ୍ର ବିଦ୍ୟାଳୟ ର ଆଜି ର ଉପସ୍ଥିତି ଏହାର ସମସ୍ତ କର୍ମଚାରୀ ଙ୍କ ଅକ୍ଲାନ୍ତ ପରିଶ୍ରମ ର ଫଳ ବୋଲି ଦର୍ଶାଇଥିଲେ ପୌର ଅଧକ୍ଷା ନିର୍ମଳା ସେଠି, ବିଦ୍ୟାଳୟ ର ଶିକ୍ଷାଦାନ ପ୍ରଣାଳୀ ରେ ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ ଗୁରୁ ରଘୁନାଥ ପାତ୍ର ବିଦ୍ୟାଳୟ ର ଆରମ୍ଭ ରୁ ଏହା ସହିତ ଜଡିତ ଥିବା ଦର୍ଶାଇଥିଲେ ଏବଂ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କାମନା କରିଥିଲେ କୁନି କୁନି ପିଲା ମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ତାଙ୍କୁ ବିମୋହିତ କରିଦେଇଛି ବୋଲି ପ୍ରିନ୍ସ ଡେନ୍ସ ଡାଇରେକ୍ଟର କ୍ରିଷ୍ଣା ରେଡ୍ଡି ଅଭିହିତ କରିଥିଲେ । ସମ୍ପୂର୍ଣ କାର୍ଯ୍ୟକ୍ରମର ମଂଚ, ଆଲୋକ ଏବଂ ଶବ୍ଦ ସଂଯୋଜନା କୁ ରମାକାନ୍ତ ବରାଳ ଏବଂ ଜଗନ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ସମସ୍ତ ସ୍ମରଣୀୟ ମୁହୂର୍ତ୍ତ କୁ ନିଜ କ୍ୟାମେରା ରେ ବାନ୍ଧି ରଖିବା ଦାଇତ୍ୱ ଶ୍ରୀକାନ୍ତ ବରାଡ଼ ବହୁତ ସୁନ୍ଦର ଭାବରେ ନିଭାଇଥିଲେ । ଉପସ୍ଥିତ ସମସ୍ତ ଅଭିଭାବକ ଏବଂ ଗଣମାଧ୍ୟମ ର ପ୍ରତିନିଧି ମାନେ ବିଦ୍ୟାଳୟ ର ଉନ୍ନତି କାମନା କରିଥିଲେ। କୁନି କୁନି ପିଲା ମାନଙ୍କର ମନଲୋଭା ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସମସ୍ତେ ଭାବ ବିହ୍ୱଳ ହୋଇଯାଇଥିଲେ। ବିଭିନ୍ନ ପ୍ରତିଯୋଗିତା ରେ ଯୋଗ୍ୟ ବିବେଚିତ ହୋଇଥିବା ସମସ୍ତ କୃତି ଛାତ୍ର/ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ସମସ୍ତ କାର୍ଯ୍ୟକ୍ରମ କୁ ଲୀନା କର, ହରି ସାହୁକାର , ପବନ ସାହୁକାର, ମନୋଜ କର ଓ ରଂଜିତା ପଟନାୟକ ପ୍ରମୁଖ ପରିଚାଳନା କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ରେ ଗଜପତି ସୁରକ୍ଷା କର୍ମୀ ମାନଙ୍କର କର୍ତ୍ତବ୍ୟ ନିଷ୍ଠା ଉଚ୍ଚକୋଟୀର ଥିଲା କାର୍ଯ୍ୟକ୍ରମ ର ଉପସ୍ଥାପିକା ସୁଶ୍ରୀ ରତୁପର୍ଣ୍ଣା ପଟନାୟକ ବହୁତ ସୁନ୍ଦର ଭାବରେ ସମ୍ପୂର୍ଣ କାର୍ଯ୍ୟକ୍ରମ କୁ ଉପସ୍ଥାପନ କରିଥିଲେ।

## ଭାଗବତପୁର ଲୁଟ ଘଟଣାରେ ୭ ଯୁବକ ଗିରଫ



ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ବଅଁର ପାଳ ଥାନା ଭାଗବତପୁର ଗ୍ରାମର ଅଜୟ ଭୁଟିଆଙ୍କ ପତ୍ନୀ ସୁଜାତା ଭୁଟିଆଙ୍କ ପାଟିରେ ସେଲୋଟେପ୍ ମାରି ହାତକୁ ବାନ୍ଧି ତାଙ୍କ ନାବାଳିକା ଝିଅାରୀଙ୍କୁ ଛୁରା ଦେଖାଇ ୧୨ତାରିଖ ରାତ୍ରି ୯ ଦୁର୍ବୃତ୍ତ ମାନେ ନେଇଥିବା ଟଙ୍କାରୁ ଦୁଇଲକ୍ଷ ୬୬ ହଜାର ଟଙ୍କା ପୁଲସ ଉଦ୍ଧାର କରିବା ସହ ସମସ୍ତ ସୁନା ଗହଣା ୭ଟି ମୋବାଇଲ୍ ଫୋନ୍ ଓ, ଗୋଟିଏ ସ୍କୁଟି ଓ ଗୋଟିଏ ବାଇକ୍ ପୁଲିସ ଦୁର୍ବୃ□ଙ୍କ ଠାରୁ ଉଦ୍ଧାର କରି ଆଜି ସେମାନଙ୍କୁ କୋର୍ଟ ଚାଲାଣ କରିବା ନେଇ ଜିଲ୍ଲା ଆରକ୍ଷି ଅଧିକ୍ଷକ ରାହୁଲ ଜୈନ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଗିରଫ ଯୁବକ ମାନେ ହେଲେ ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଟୁନା ଭୁଟିଆ,ବଅଁରପାଳ ଥାନା ଅଞ୍ଚଳର ସମୟ ବେହେରା,କୁଶୁଣା ଗ୍ରାମର ସୁଜି ନାଏକ, ରାଜେନ୍ଦ୍ର ପରିଡ଼ା, ନରେନ୍ଦ୍ରପୁର ଗ୍ରାମର ଅଭୟ ସାହୁ, ତଳମୂଳ ଶାସନର ଅଜିତ ବେହେରା, ବାଲିମି ଥାନା ପାଟଲା ଗ୍ରାମର ଲକ୍ଷ୍ମଣ ସାହୁୟ ଏକାଧିକ ଯୁବକଙ୍କ ନାମକରେ ଅବିଭକ୍ତ ଢେଙ୍କାନାଳ ଜିଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଜଣାପଡିଛି। ସୂଚନା ଅନୁଯାୟୀ ଏସପିଙ୍କ ନିର୍ଦ୍ଦେଶ କ୍ରମେୟଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ, ଏସଆଇ ଅମିତ ମିଶ୍ର, ଜୟକୃଷ୍ଣ ସାଏ, ସରସ୍ୱତୀ ମାରାଣ୍ଡି, ସୁବାସ ସାମଲ, କରୁଣାକର ମୁଣ୍ଡା ପ୍ରମୁଖ ଟିମ ଗଠନ କରି ମୋବାଇଲ ଟ୍ରାକିଂ ମାଧ୍ୟମରେ ଅନୁଗୋଳ ଏବଂ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଦୁର୍ବୃତ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଶିକ୍ଷାନବିଷ ଭର୍ଷିତା ଆଡେପୁ ଏବଂ ଏସଡିପିଓ ରମାକାନ୍ତ ମହାଳିକ ଉପସ୍ଥିତ ଥିଲେ।

## ଯୁଦ୍ଧ ବନ୍ଦ ହେଲେ ରୁଷିଆ ସହିତ ଆଲୋଚନା କରିବାକୁ ପ୍ରସ୍ତୁତ: ଜେଲେନସ୍କି

**ମ୍ୟୁନିଚ୍, ୧୬।୨ (ଏଜେନ୍ସି):** ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ନିକଟରେ ମୁଣ୍ଡ ନୁଆଁଇବା ଆରମ୍ଭ କରିଛନ୍ତି । ଯୁଦ୍ଧ ସମାପ୍ତ କରିବା ପାଇଁ ଜେଲେନସ୍କି ଏବେ ରୁଷିଆ ସହିତ ଆଲୋଚନା କରିବାକୁ ରାଜି ହୋଇଛନ୍ତି । ତଥାପି, ସେ ଆମେରିକା ସମ୍ମୁଖରେ ଏକ ଦାବି ମଧ୍ୟ ରଖିଛନ୍ତି । ସେ ପୁଟିନଙ୍କ ସହିତ ଟ୍ରମ୍ପଙ୍କ ସିଧାସଳଖ କଥାବାର୍ତ୍ତା ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜେଲେନସ୍କି କହିଛନ୍ତି ଯେ, ସେ ରୁଷିଆ ସହିତ ସିଧାସଳଖ ଆଲୋଚନା ପାଇଁ ପ୍ରସ୍ତୁତ । ତେବେ ସେ ସର୍ତ୍ତ ରଖିଛନ୍ତି । ସେ କହିଛନ୍ତି ଏହା ସେତେବେଳେ ଘଟିବ ଯେତେବେଳେ ଆମେରିକା ଏବଂ ୟୁରୋପୀୟ ସହଯୋଗୀମାନଙ୍କ ମିଳିତ ପ୍ରୟାସରେ ତିନି ବର୍ଷ ଧରି ଚାଲିଥିବା ଯୁଦ୍ଧର ଅନ୍ତ ପାଇଁ ଏକ ସାଧାରଣ ଯୋଜନା ପ୍ରସ୍ତୁତ ହେବ । ଆମେ ଆମେରିକା ଏବଂ ଆମର ସହଯୋଗୀଙ୍କ ସହ ଯେକୌଣସି ଆଲୋଚନା ପାଇଁ ପ୍ରସ୍ତୁତ । ମ୍ୟୁନିଚ୍ ସୁରକ୍ଷା ସମ୍ମିଳନୀରେ ଜେଲେନସ୍କି ଏହା କହିଛନ୍ତି । ଯଦି ସେମାନେ ଆମର ନିର୍ଦ୍ଦିଷ୍ଟ ଅନୁରୋଧଗୁଡ଼ିକର ଉପଯୁକ୍ତ ଉତ୍ତର ପ୍ରଦାନ କରନ୍ତି ଏବଂ ବିପଜ୍ଜନକ ଭ୍ଲାଡିମିର ପୁଟିନଙ୍କ ସହିତ ଏକ ସହମତିରେ ପହଞ୍ଚିପାରନ୍ତି । ତା'ପରେ ଆମେ ରୁଷିଆ ସହିତ ଆଲୋଚନା କରିବାକୁ ପ୍ରସ୍ତୁତ ରହିବୁ । ପୂର୍ବରୁ, ଜେଲେନସ୍କିଙ୍କ ପରାମର୍ଶଦାତା ଦିମିଟ୍ରୋ ଲିଟଭିନ୍ କହିଥିଲେ ଯେ, ରୁଷିଆନଙ୍କ ସହ ଆଲୋଚନା ପାଇଁ ସହଯୋଗୀଙ୍କ ସହିତ ଏକ ସାଧାରଣ ସ୍ଥିତି ରହିବା ଆବଶ୍ୟକ । ସେ କହିଥିଲେ, ବର୍ତ୍ତମାନ ଏହା ଉପରେ କୌଣସି ଆଲୋଚନା ନାହିଁ । ରୁଷିଆ ସହିତ ଆଲୋଚନା ପାଇଁ କୌଣସି ଯୋଜନା ନାହିଁ ।ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ କହିଥିଲେ, ସେ ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ ପୁଟିନଙ୍କ ସହ କଥା ହୋଇଛନ୍ତି । ଏହା ପରେ, ଗୁରୁବାର ଟ୍ରମ୍ପ ପ୍ରଶାସନର ଶୀର୍ଷ ଅଧିକାରୀମାନେ ୟୁରୋପରେ ଅନେକ ବୈଠକ କରିଥିଲେ । ଯୁଦ୍ଧ ସମାପ୍ତ କରିବା ପାଇଁ ପୁଟିନଙ୍କ ଦାବି ଉପରେ ବିଶ୍ୱାସ ନ କରିବାକୁ ଜେଲେନସ୍କି ବିଶ୍ୱ ନେତାମାନଙ୍କୁ ଚେତାବନୀ ଦେଇଥିଲେ । ସେ କହିଥିଲେ ଯେ, ମୁଁ ଚାହେଁ କୌଣସି ଆଲୋଚନା ଆରମ୍ଭ ହେବା ପୂର୍ବରୁ ପୁଟିନଙ୍କୁ ରୋକିବା କରିବା ପାଇଁ ଆମେରିକା ଏକ ଯୋଜନାରେ ସହମତ ହେଉ । ୟୁକ୍ରେନର ୟୁରୋପୀୟ ସମର୍ଥକମାନେ ଭୟ କରୁଛନ୍ତି ଯେ, ଟ୍ରମ୍ପ ୟୁକ୍ରେନକୁ ଏକ ଅସନ୍ତୋଷଜନକ ଶାନ୍ତି ଚୁକ୍ତି ପାଇଁ ବାଧ କରିପାରନ୍ତି, ଯାହା ଫଳରେ ତାଙ୍କୁ ପୁଟିନଙ୍କ ସାମ୍ନା କରିବାକୁ ପଡ଼ିପାରେ । ଟ୍ରମ୍ପ ପ୍ରଶାସନ ସୂଚିତ କରିଛି ଯେ, ୟୁକ୍ରେନକୁ ରୁଷିଆ ।କୁ ନିଜର ଅଞ୍ଚଳ ଛାଡିବାକୁ ପଡ଼ିପାରେ । ଏହା ସହିତ, ୱାଶିଂଟନ୍ କିଭ୍ ପାଇଁ ନାଟୋ ସଦସ୍ୟତାକୁ ଅବାସ୍ତବ ବୋଲି କହିଛି ।



## ଆପ୍ ଛାଡ଼ି ବିଜେପିରେ ସାମିଲ ହେଲେ ତିନି କାଉନସିଲର

**ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନ ପରେ ବି ଆମ୍ ଆଦମୀ ପାର୍ଟିକୁ ଝଟକା ଲାଗିବା ବନ୍ଦ ହେଉନି । ହାତରୁ ଦିଲ୍ଲୀ ସିଂହାସନ ଯିବାର ୭ ଦିନ ପରେ ପୁଣି ଏକ ଝଟକା ଲାଗିଛି । ଦଳର ତିନି ଜଣ କାଉନସିଲର ଆପ ଛାଡି ବିଜେପିରେ ଯୋଗ ଦେଇଛନ୍ତି । ଦଳ ଛାଡିଥିବା ଏହି କାଉନସିଲରମାନେ ହେଲେ ଅନିତା ବସୋୟା, ନିଖିଲ ଚପରାନା ଏବଂ ଧର୍ମବୀର । ଅନିତା ଆଣ୍ଡ୍ରୁଜଗଞ୍ଜ, ନିଖିଲ ବଦରପୁର ଏବଂ ଧର୍ମବୀର ଆରକେ ପୁରମରୁ ଆପ ଟିକେଟରେ କାଉନସିଲର ଥିଲେ । ବିଜେପି ପ୍ରଦେଶ ଅଧ୍ୟକ୍ଷ ବିରେନ୍ଦ୍ର ସଚ୍ଚିଦେବାଙ୍କ ଉପସ୍ଥିତିରେ ଏମାନେ ବିଜେପିରେ ସାମିଲ ହୋଇଛନ୍ତି । ବିଜେପିରେ ସାମିଲ ହେବାକୁ ନେଇ ଦିଲ୍ଲୀ ରାଜନୀତି ପୁଣି ଥରେ ଉଷ୍ମ ହୋଇଛି । ନିର୍ବାଚନ ଫଳାଫଳର ଏହା ସାଇଡ ଡିଫେକ୍ଟ ବୋଲି କୁହାଯାଉଛି । ନିର୍ବାଚନ ଫଳାଫଳ ବାହାରିବାର କିଛି ଦିନ ହୋଇନି ଲାଗୁଛି ଅରବିନ୍ଦ କେଜ୍ରିୱାଲ ଏବଂ ତାଙ୍କ ଦଳ ଆପର ଖରାପ ସମୟ ଆରମ୍ଭ ହୋଇଯାଇଛି । ନିର୍ବାଚନ ପୂର୍ବରୁ ବିଜେପି ଆପକୁ ଝଟକା ଦେବା ଆରମ୍ଭ କରିଥିବା ବେଳେ ଫଳାଫଳ ଆସିବା ପରେ ମଧ୍ୟ ଏହା ଜାରି ରହିଛି । ଦିଲ୍ଲୀରେ ଗତ ୫ ତାରିଖରେ ଭୋଟ ପଡ଼ିଥିଲା । ଏହା ପୂର୍ବରୁ ୬ ଜଣ ବିଧାୟକ ଟିକେଟ କଟିବା ପୂର୍ବରୁ ବିଦ୍ରୋହ କରିଥିଲେ । ଏପରିକି ଏମାନେ ବିଜେପିରେ ସାମିଲ ହୋଇଯାଇଥିଲେ ।

## ବିଜେପି ଓ ଏକନାଥ ସିନ୍ଦେଙ୍କ ସଂପର୍କରେ ଅଛନ୍ତି ବହୁ ଶିବସେନା ନେତା

**ମୁମ୍ବାଇ, ୧୬।୨ (ଏଜେନ୍ସି):** ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ଶିବସେନାରେ ଫାଟ ସୃଷ୍ଟି ହୋଇପାରେ । ମହାରାଷ୍ଟ୍ର ସରକାରଙ୍କ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ସଂସ୍କୃତି ମନ୍ତ୍ରୀ ଆଶିଷ ଶେଲାର ଦାବି କରିଛନ୍ତି ଯେ, ଉଦ୍ଧବ ଠାକରେଙ୍କ ଦଳର ଅନେକ ନେତା ତାଙ୍କ ସମ୍ପର୍କରେ ଅଛନ୍ତି । ସେ ଏକନାଥ ସିନ୍ଦେଙ୍କ ଶିବସେନା ଦ୍ୱାରା ଅପରେସନ ଟାଇଗର ଚଳାଇବା ଦାବିକୁ ଯଥାର୍ଥ ବୋଲି କହିଛନ୍ତି ଏବଂ ଏଥିରେ କ'ଣ ଭୁଲ ଅଛି ବୋଲି ସେ ପ୍ରଶ୍ନ ମଧ୍ୟ କରିଛନ୍ତି । ସେ କହିଛନ୍ତି, ଉଦ୍ଧବ ଠାକରେଙ୍କ ଅନେକ ନେତା ଏକନାଥ ସିନ୍ଦେଙ୍କ ସମ୍ପର୍କରେ ଅଛନ୍ତି । ଆଦିତ୍ୟ ଠାକରେଙ୍କ ସମ୍ପର୍କରେ ଆଶିଷ ସେଲାର କହିଛନ୍ତି ଯେ, ସେ ମୁମ୍ବାଇର ନେତା ହୋଇପାରିବେ ନାହିଁ, ମୁମ୍ବାଇ ଆଉ ତାଙ୍କ ହାତରେ ନାହିଁ । ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଦଳ ଅପରେସନ ଟାଇଗର ଚଳାଇବା ଉପରେ ପ୍ରତିକ୍ରିୟା ଦେଇ ବରିଷ୍ଠ ବିଜେପି ନେତା ଶେଲାର କହିଛନ୍ତି ଯେ, ଏଥିରେ କ'ଣ ଭୁଲ ଅଛି ? ସିନ୍ଦେ ତାଙ୍କ ଦଳକୁ ବିସ୍ତାର କରିବାକୁ ଚାହୁଁଛନ୍ତି । ଉଦ୍ଧବ ଠାକରେ ତାଙ୍କ ଦଳକୁ ବଢ଼ାଇବାକୁ ଚାହୁଁଛନ୍ତି ତେଣୁ ତାଙ୍କୁ ମଧ୍ୟ ଅଭିନନ୍ଦନ । ଆଶିଷ ଶେଲାର କହିଛନ୍ତି ଯେ, କଂଗ୍ରେସ ମଧ୍ୟରେ ସମନ୍ୱୟର ଅଭାବ ରହିଛି । ଉଦ୍ଧବ ଠାକରେଙ୍କ ଲୋକମାନେ ପ୍ରତିଦିନ ଦଳ ଛାଡୁଛନ୍ତି । ଉଦ୍ଧବ ଠାକରେ ତାଙ୍କ ଦଳରେ ସମନ୍ୱୟ ବଜାୟ ରଖିବା ଉଚିତ । ଶରଦ ପାୱାର ଏକନାଥ ସିନ୍ଦେଙ୍କୁ ସ୍ୱାଗତ କରୁଛନ୍ତି, ଉଦ୍ଧବ ଠାକରେଙ୍କୁ ଅଡୁଆ ଲାଗୁଛି ବୋଲି ଶେଲାର କହିଛନ୍ତି । ଆଶିଷ ଶେଲାର କହିଛନ୍ତି ଯେ, ଆଦିତ୍ୟ ଠାକରେ ଯଦି ମୁମ୍ବାଇର ନେତା ହୋଇଯାନ୍ତି ତାହା ଯଥେଷ୍ଟ ହେବ । ମୁମ୍ବାଇ ମଧ୍ୟ ତାଙ୍କ ହାତରୁ ଖସିବାକୁ ଯାଉଛି । ଏବେ ତାଙ୍କ ହାତରେ ମୁମ୍ବାଇ ରହିବ ତ ବୋଲି ପ୍ରଶ୍ନ ଉଠୁଛି । ପ୍ରତ୍ୟେକ ଥର ଉଦ୍ଧବ ଠାକରେ ଏକନାଥ ସିନ୍ଦେଙ୍କୁ ରୋକିବାକୁ ଚେଷ୍ଟା କରିବେ, ସେଥିପାଇଁ ସେ (ଏକନାଥ ସିନ୍ଦେ) ତାଙ୍କୁ ହାଲୁକା ଭାବରେ ନ ନେବାକୁ କହିଥିଲେ । ମହାରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ, ଦଳର ଅନେକ ନେତା ତାଙ୍କ ସମ୍ପର୍କରେ ଅଛନ୍ତି । ସେପଟେ YouTuber ରଣବୀର ଆହ୍ଲାବାଦିଆଙ୍କ ବିଷୟରେ ପଚରାଯାଇଥିବା ପ୍ରଶ୍ନରେ ସେ କହିଛନ୍ତି ଯେ, ମହାରାଷ୍ଟ୍ର ସରକାର ବହୁତ କଠୋର । ରଣବୀର ଆହ୍ଲାବାଦିଆଙ୍କ ସହିତ ଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏଫଆଇଆର ପଞ୍ଜିକୃତ ହୋଇଛି । ତଦନ୍ତ ମଧ୍ୟ ଚାଲିଛି । ସେ ନିଜେ ଏକ ବୈଠକ କରିଥିଲେ ବୋଲି ଶେଲାର କହିଛନ୍ତି । ମରାଠୀ ଥିଏଟରରେ ମଧ୍ୟ ସମାନ କାର୍ଯ୍ୟକ୍ରମ ଚାଲିଛି । ସେମାନେ ସେନ୍‌ସରରୁ ଅନୁମତି ନିଅନ୍ତି ନାହିଁ । ସେମାନେ ଟିକେଟ୍ ବିକ୍ରି କରି ଥିଏଟରରେ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି ଏବଂ ତାହା ମଧ୍ୟ ଅଶ୍ଳୀଳ । ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ଆଶିଷ ଶେଲାର ।



## ଆମ ଦେଶରେ ଗଣତନ୍ତ୍ର ସକ୍ରିୟ ଅଛି

**ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି):** ମ୍ୟୁନିଚ୍ ସୁରକ୍ଷା ସମ୍ମିଳନୀରେ, ଭାରତୀୟ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ଭାରତର ଦୃଢ଼ ଗଣତନ୍ତ୍ର ଏବଂ ନିର୍ବାଚନ ପ୍ରକ୍ରିୟାକୁ ସୁରକ୍ଷା କରିଥିଲେ । ଏହା ସହିତ ସେ ଗଣତନ୍ତ୍ର ଉପରେ ପାଶ୍ଚାତ୍ୟ ଦେଶଗୁଡ଼ିକର ଦୁଇମୁହାଁ ନୀତିକୁ ମଧ୍ୟ ପ୍ରକାଶ କରିଥିଲେ । ବିଶ୍ୱ ସ୍ତରରେ ଗଣତନ୍ତ୍ର ସଙ୍କଟରେ ଅଛି ବୋଲି ଯୁକ୍ତିରେ ଅସହମତ ହୋଇଥିଲେ ଜୟଶଙ୍କର । ସେ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଗୁରୁତ୍ୱାରୋପ କରିଥିଲେ । ମ୍ୟୁନିଚ୍ ସୁରକ୍ଷା ସମ୍ମିଳନୀରେ 'ଲାଇଭ୍ ଟୁ ଭୋଟ୍ ଆନାଦର୍ ଡେ: ଫର୍ଟିଫାୟିଂ ଡେମୋକ୍ରାଟିକ୍ ରେଜିଲିଏନ୍ସ' ବିଷୟରେ ଭାଷଣ ଦେଇ ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କୁ ପଚରାଯାଇଥିଲା ଯେ ବିଶ୍ୱ ସ୍ତରରେ ଗଣତନ୍ତ୍ର ସଙ୍କଟରେ ଅଛି କି ? ଏହାର ଉତ୍ତରରେ ସେ କହିଥିଲେ ଯେ ମୁଁ ଭାବୁଛି ଏହି ପ୍ୟାନେଲରେ ବସିଥିବା ସମସ୍ତ ଲୋକଙ୍କ ମଧ୍ୟରୁ ମୁଁ ସବୁଠାରୁ ଆଶାବାଦୀ ବ୍ୟକ୍ତି । ଏଠାକାର ଅଧିକାଂଶ ଲୋକଙ୍କର ଏକ ନିରାଶାବାଦୀ ଦୃଷ୍ଟିକୋଣ ଅଛି ।ସେ କହିଥିଲେ ଯେ 'ମୋ ଆଙ୍ଗୁଠିରେ ଭୋଟ ଚିହ୍ନ ଅଛି । ମୋ ନଖରେ ତୁମେ ଯେଉଁ ଚିହ୍ନ ଦେଖୁଛ ତାହା ହେଉଛି ଜଣେ ବ୍ୟକ୍ତିଙ୍କ ଚିହ୍ନ ଯିଏ ଏବେ ଭୋଟ ଦେଇଛନ୍ତି । ବିଦେଶ ମନ୍ତ୍ରୀ ଦିଲ୍ଲୀ ନିର୍ବାଚନର ଉଦାହରଣ ଦେଇଥିଲେ । ସେ କହିଥିଲେ ଯେ ଗତ ବର୍ଷ ଏକ ଜାତୀୟ ନିର୍ବାଚନ ହୋଇଥିଲା । ଏହି ନିର୍ବାଚନରେ ୯୦ କୋଟି ଭୋଟରଙ୍କ ମଧ୍ୟରୁ ପ୍ରାୟ ୭୦ କୋଟି ଲୋକ ମତଦାନ କରିଥିଲେ । ଆମେ ଗୋଟିଏ ଦିନରେ ଭୋଟ ଗଣନା କରୁ । ଜୟଶଙ୍କର ଆହୁରି କହିଛନ୍ତି ଯେ ଦଶନ୍ଧି ପୂର୍ବ ଅପେକ୍ଷା ଆଜି ୨୦ ପ୍ରତିଶତ ଅଧିକ ଲୋକ ଭୋଟ ଦେଉଛନ୍ତି । ତେଣୁ, ଯଦି କେହି କୁହନ୍ତି ଯେ ବିଶ୍ୱ ସ୍ତରରେ ଗଣତନ୍ତ୍ର ସଙ୍କଟରେ ଅଛି, ମୁଁ ସମ୍ପୂର୍ଣ୍ଣ ଅସହମତ ।' ଆମ ଦେଶରେ ଗଣତନ୍ତ୍ର ସକ୍ରିୟ ଅଛି, ମତଦାନ ନିରପେକ୍ଷ ଭାବରେ ହେଉଛି ଏବଂ ଆମେ ଆମର ଗଣତାନ୍ତ୍ରିକ ପଥ ବିଷୟରେ ଆଶାବାଦୀ । ଆମ ପାଇଁ, ଗଣତନ୍ତ୍ର ବାସ୍ତବ ଫଳାଫଳ ଦେଇଛି ।'



## ଭାରତ ବିଶ୍ୱର ସୌର ମହାଶକ୍ତି

**ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି):** ମିଳିତ ଜାତିସଂଘର ଜଳବାୟୁ ମୁଖ୍ୟ ସାଇମନ ଷ୍ଟିଲ ଭାରତକୁ 'ସୌର ମହାଶକ୍ତି' ବୋଲି କହିଛନ୍ତି । ସମଗ୍ର ଅର୍ଥନୀତିକୁ ବ୍ୟାପକ କରୁଥିବା ଏକ ଉଚ୍ଚାକାଂକ୍ଷୀ ଜଳବାୟୁ ଯୋଜନା ବିକଶିତ କରିବାକୁ ସେ ଭାରତକୁ ଅନୁରୋଧ କରିଥିଲେ । ବିଶ୍ୱ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଉନ୍ନତିର ଫାଇଦା ଉଠାଇଲେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି । ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଭାରତ ଆସିଥିବା ଷ୍ଟିଲ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବା ପାଇଁ ଭାରତର ପ୍ରୟାସକୁ ପ୍ରଶଂସା କରି କହିଛନ୍ତି ଯେ କିଛି ସରକାର କେବଳ କଥାବାର୍ତ୍ତା କରୁଥିବା ବେଳେ ଭାରତ କାମ କରେ । ୧୦୦ ଗିଗାୱାଟରୁ ଅଧିକ ସୌର ଶକ୍ତି ସ୍ଥାପନ କରିଥିବା ୪ଟି ଦେଶ ମଧ୍ୟରୁ ଭାରତ ଏକ ସୌର ମହାଶକ୍ତି । ୨୦୧୮ ସୁଦ୍ଧା ଦେଶର ବିଭିନ୍ନ ଗାଁରେ ବିଜୁଳି ପହଞ୍ଚାଇବା ସହ ଶକ୍ତି ଉପଲବ୍ଧତା ବୃଦ୍ଧି ପାଇବାରେ ଲାଗିଛି । ଷ୍ଟିଲ କହିଛନ୍ତି ଯେ ବର୍ତ୍ତମାନ ପରବର୍ତ୍ତୀ ପଦକ୍ଷେପ ନେବାର ସମୟ ଆସିଛି ଯାହା ଭାରତର ୧.୪ ବିଲିୟନ ଲୋକ ଏବଂ ଅର୍ଥନୀତିକୁ ଆହୁରି ଅଧିକ ଫାଇଦା ଦେବ । ଭାରତ ଏ ଦିଗରେ ଦୃଢ଼ ଗତିରେ ଆଗକୁ ବଢୁଛି, କିନ୍ତୁ ବିଶ୍ୱ ସ୍ୱଚ୍ଛ ଶକ୍ତି ବୃଦ୍ଧିକୁ ଆହୁରି ଦୃଢ଼ତାର ସହ ଗ୍ରହଣ କଲେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ବୃଦ୍ଧି ପାଇବ । ଷ୍ଟିଲ କହିଛନ୍ତି ଯେ ଭାରତ ପାଖରେ ଏକ ସୁଯୋଗ ଅଛି ଯାହା କେବଳ ଅଳ୍ପ କିଛି ଦେଶ ପାଖରେ ଅଛି । ଶହ ଶହ ଗିଗାୱାଟ୍ ଅକ୍ଷୟ ଶକ୍ତି କ୍ଷମତା ନିୟୋଜିତ କରିବା, ସବୁଜ ଶିଳ୍ପାୟନର ଏକ ନୂତନ ଲହରର ନେତୃତ୍ୱ ନେବା, ଗୁରୁତ୍ୱପୂର୍ଣ୍ଣ ଜ୍ଞାନକୌଶଳର ବିକାଶ, ସମ୍ପ୍ରସାରଣ ଏବଂ ରପ୍ତାନି କରିବା ର ମହତ୍ୱାକାଂକ୍ଷୀ ଯୋଜନାକୁ ଏହା ସାକାର କରୁଛି ।

## ଅମୃତସରରେ ବିମାନ ଅବତରଣକୁ ନେଇ ବର୍ଷିଲେ ସିଏମ୍

**ଚଣ୍ଡିଗଡ, ୧୬।୨ (ଏଜେନ୍ସି):** ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ଭାରତୀୟ ନାଗରିକଙ୍କୁ ଆମେରିକା ପ୍ରଶାସନ ସ୍ୱଦେଶ ଫେରାଇ ଦେଉଛି । ଏହି କ୍ରମରେ ଆଜି ଆଉ ୧୧୯ ଭାରତୀୟ ଅପ୍ରବାସୀଙ୍କୁ ନେଇ ଆମେରିକା ବାୟୁସେନାର ଯୁଦ୍ଧବିମାନ ସି-୧୭ ପଞ୍ଜାବର ଅମୃତସରରେ ଅବତରଣ କରିବ । ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଅବୈଧ ପ୍ରବାସୀଙ୍କୁ ନେଇ ଫେରିଥିବା ବିମାନ ଅମୃତସରର ଲ୍ୟାଣ୍ଡ କରିସାରିଛି । ଏହାକୁ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି । କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧୀ । ତେବେ ଅମୃତସରରେ କାହିଁକି ଅବତରଣ କରୁଛି ବିମାନ ବୋଲି କହି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ । ଅମୃତସରରେ କାହିଁକି ? ଆମେରିକାରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଇମିଗ୍ରେସନ ପିଲିସି ଆଧାରରେ ସେଠାରେ ବେଆଇନ ଭାବେ ରହୁଥିବା ପ୍ରବାସୀଙ୍କୁ ବିଦା କରୁଛନ୍ତି । ଏହି କ୍ରମରେ ସେଠାରେ ଥିବା ଅପ୍ରବାସୀ ଭାରତୀୟଙ୍କୁ ସ୍ୱଦେଶ ଫେରାଉଛି ଆମେରିକା । ପ୍ରଥମ ପର୍ଯ୍ୟାୟରେ ୧୦୪ ଜଣ ଫେରିବା ପରେ ଆଜି ଆଉ ୧୧୯ ଜଣ ଫେରିବେ। ଆମେରିକା ବିମାନ ପଞ୍ଜାବର ଅମୃତସରର ଅବତରଣ କରିବ । ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ କହିଛନ୍ତି, ପଞ୍ଜାବକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି କେନ୍ଦ୍ର ସରକାର । ଅପ୍ରବାସୀ ଭାରତୀୟଙ୍କୁ ନେଇ ଆସୁଥିବା ଆମେରିକା ବିମାନ ଅମୃତସରରେ କାହିଁକି ଲ୍ୟାଣ୍ଡ କରୁଛି । ଆଜି ଫେରୁଥିବା ୧୧୯ ଅପ୍ରବାସୀ ଭାରତୀୟଙ୍କ ମଧ୍ୟରେ ୬୭ଜଣ ପଞ୍ଜାବ ବାସିନ୍ଦା ହୋଇଥିବା ବେଳେ, ୩୩ଜଣ ହରିୟାଣା, ଗୁଜୁରାଟର ୮ ଜଣ, ଉତ୍ତରପ୍ରଦେଶର ୩, ଗୋଆ, ମହାରାଷ୍ଟ୍ରଓ ରାଜସ୍ଥାନରୁ ୨ ଜଣ ଲେଖାଏଁ ରହିଛନ୍ତି । ଆମେରିକା ଦ୍ୱିତୀୟ ପର୍ଯ୍ୟାୟରେ ଅପ୍ରବାସୀ ଭାରତୀୟଙ୍କୁ ସ୍ୱଦେଶ ଫେରାଉଛି । ଆସନ୍ତାକାଲି ତୃତୀୟ ପର୍ଯ୍ୟାୟରେ ଆଉ ଏକ ବିମାନରେ ଅପ୍ରବାସୀ ଭାରତୀୟ ଆସିବେ । କହି ରଖୁଛି କି, ଏହା ପୂର୍ବରୁ ଫେବୃଆରୀ ୫ ତାରିଖରେ ପ୍ରାରମ୍ଭିକ ପର୍ଯ୍ୟୟରେ ଆମେରିକାରୁ ୧୦୪ ଅବୈଧ ପ୍ରବାସୀ ଭାରତୀୟମାନଙ୍କୁ ନେଇ ଫେରିଥିବା ବିମାନ ଅମୃତସରରେ ଅବତରଣ କରିଥିଲା । ଆଜି ଆଉ ୧୧୯ ଅପ୍ରବାସୀ ଭାରତୀୟ ଫେରିବେ ଏହାକୁ ନେଇ ବିରୋଧି ଦଳ ଶାସକ ଦଳକୁ ଟାର୍ଗେଟ କରିଥିଲେ ।

## ଅଟଳସେନା ଦିବ୍ୟାଙ୍ଗ ସଂଘର କାର୍ଯ୍ୟକାରିଣୀ ବୈଠକ

**ସାଲେପୁର, (ନିପ୍ର):** ଅଟଳସେନା ଓଡିଶା ଦିବ୍ୟାଙ୍ଗ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସାଲେପୁରସ୍ଥିତ ମା' ବୁଢୀଜାଗୁଳାଇ ପୀଠ ଠାରେ ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଦିବ୍ୟାଙ୍ଗମାନଙ୍କ ବିଭିନ୍ନ ସମସ୍ୟା ଓ କିପରି ସେମାନେ ସରକାରୀ ଯୋଜନାର ସୁଫଳ ପାଇପାରିବେ ସେ ସଂପର୍କରେ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହେଲା । ଉକ୍ତ ବୈଠକରେ ଅଟଳସେନା ଦିବ୍ୟାଙ୍ଗ ସଂଘର ଉପଦେଷ୍ଟା ପ୍ରଫେସର ଦିନବନ୍ଧୁ ରାଉତ, ଚିନ୍ତନ ପରିଷଦର ଉପାଧ୍ୟକ୍ଷ ଡଃ. ପ୍ରଭାତ କିଶୋର ନାୟକ, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଓଝା, ଉପସଭାନେତ୍ରୀ ଗାୟତ୍ରୀ ପାଣି, ସଂପାଦକ ଶିବ ପ୍ରସାଦ ପଣ୍ଡା, କେନ୍ଦୁଝର ଜିଲ୍ଲା ସଂପାଦକ ନାରାୟଣ ବେହେରା, କଟକ ଜିଲ୍ଲା ସଂପାଦକ ଦୁଲାଲ ଭାଇ, ଚିନ୍ତନ ପରିଷଦ ସଭ୍ୟ କୁଞ୍ଜ ମୋହନ ସେଠୀ, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ବିଶ୍ୱାଳ, କାର୍ଯ୍ୟକାରୀ କମିଟିସଭ୍ୟ ଝରୀ ସୁନ୍ଦର ମଲିକ, ଇଂ. ବିଭୂତି ଭୂଷଣ ପାତ୍ର, ବସନ୍ତ କୁମାର ବେହେରା, ଅଶୋକ କୁମାର ବେହେରା, ଜ୍ୟୋତ୍ସ୍ନାରାଣୀ ଜେନା, ବାଲେଶ୍ୱର ଜିଲ୍ଲା ସଭାପତି ବିଜୟ ଦାଶ, ରଶ୍ମିରଂଜନ ପରିଡା, ଅଭୟ କୁମାର କର, କଟକ ଜିଲ୍ଲା ସଂପାଦକ ଧନେଶ୍ୱର ସାମଲ, ହରେକୃଷ୍ଣ ସାମଲ, ବିଜୟ କୁମାର ମହାନ୍ତି, ବିନତୀ ପ୍ରଧାନ, ଦୃପଦ ସ୍ୱାଇଁ, କୃଷ୍ଣଚନ୍ଦ୍ର ବାରିକ, କେଶବ ସେଠୀ, ଅଶୋକ ସେଠୀ, ଛାତ୍ର ସଂଘ ସଂପାଦିକା ନିହାରିକା ବେହେରାଙ୍କ ସମେତ ବିଭିନ୍ନ ଜିଲ୍ଲାରୁ ପ୍ରତିନିଧିମାନେ ଉକ୍ତ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇଥିଲେ । ଶେଷରେ ସାଧାରଣ ସଂପାଦକ ତାପସ ରଂଜନ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ ।



## କ୍ଲଷ୍ଟରସ୍ତରୀୟ ନିପୁଣ ମେଳାରେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ

**ତୁରେକେଲା, (ନିପ୍ର):** ତୁରେକେଲା ବ୍ଲକ ଅନ୍ତର୍ଗତ ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ରର କ୍ଲଷ୍ଟରସ୍ତରୀୟ ନିପୁଣ ମେଳା ଲର୍କି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ୧୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ରବୀନ୍ଦ୍ର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତୁରେକେଲା ସରପଞ୍ଚ ଜଳନ୍ଧର ମହାକୁଡ ମୁଖ୍ୟ ଅତିଥି ଓ ଅତିରିକ୍ତ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସଂଖ୍ୟା ଜ୍ଞାନ ଓ ଭାଷା ପାଇଁ ଶ୍ରେଷ୍ଠ ତିନିଜଣ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## ଆମ ପଞ୍ଚାୟତ ଶ୍ରମିକ ଚାଲାଣ ମୁକ୍ତ ପଞ୍ଚାୟତ କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି, (ଦର୍ଶନ ନ୍ୟୁଜ୍):** ତୁରେକେଲା ଏକ ଦାଦନ ପ୍ରବଣ ଅଞ୍ଚଳ । ଏହି ଅଞ୍ଚଳରୁ ହଜାର ହଜାର ଶ୍ରମିକ ରାଜ୍ୟ ବାହାରକୁ ନିଜ ପେଟ ପାଟଣା ପାଇଁ ଦାଦନ ଭାବେ ଖଟିବାକୁ ଯାଇଥାନ୍ତି । ତେବେ ସେଠାରେ ଅନେକ ସମୟରେ ନିର୍ଯାତନା, ଲାଞ୍ଛନା ପାଉଥିବା ବେଳେ ଅନେକ ସମୟରେ ଶ୍ରମିକଙ୍କ ହାତ ଗୋଡ ହରାଉଥିବା ବେଳେ ଶବ ହୋଇ ଘରକୁ ଫେରୁଥିବା ନଜିର ରହିଛି । ତେବେ ଏହାକୁ ନେଇ ପ୍ରଶାସନ ପକ୍ଷରୁ ଅନେକ ଥର ସଚେତନା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନଥିଲେ ବେଳେ ଏହାକୁ ନେଇ ବିକଳ୍ପ ଅନୁଷ୍ଠାନ ସ୍ଥାନୀୟ ପ୍ରଶାସନ ସହଯୋଗର ତୁରେକେଲା ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଆମ ପଞ୍ଚାୟତ, ଶ୍ରମିକ ମୁକ୍ତ ଚାଲାଣ ପଂଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତୁରେକେଲା ବିଡ଼ିଓ ପରମାନନ୍ଦ ପୁଟେଲ ଯୋଗଦେଇ ଅନ୍ୟ ରାଜ୍ୟକୁ ଗୋଟି ଶ୍ରମିକ ଖଟି' ନଯାଇ ନିଜ ଅଞ୍ଚଳରେ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ସାମିଲ ହୋଇ ଏଠି କାମ କାମ କରି ନିଜର ପରିବାର ଭରଣ ପୋଷଣ କରିବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି କଣ୍ଟାବାଞ୍ଜି ବିଧାୟକ ପ୍ରତିନିଧି ପୁରୁନ୍ଦର ବାଗ, ସାଂସଦ ପ୍ରତିନିଧି ସୁଦର୍ଶନ କଟା, ତୁରେକେଲା ସରପଞ୍ଚ ଜଳନ୍ଧର ମହାକୁର, ବିକଳ୍ପ ଅନୁଷ୍ଠାନ ସମ୍ପାଦିକା ଶୁଭଶ୍ରୀ ପଟ୍ଟନାୟକ, ବ୍ଲକ ସଂଯୋଜକ ସରୋଜ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହି ଗୋଟି ଶ୍ରମିକ ଚାଲାଣ ଉପରେ ଲୋକଙ୍କୁ ସଚେତନ କରିଥିଲେ । ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ବିକଳ୍ପ ଅନୁଷ୍ଠାନର ପ୍ରତୀକ ଦାସ, ପ୍ରିୟବର୍ତ୍ତ ସଗ୍ରିଆ, ଅଚ୍ଯୁତ ସାହୁ ସହ ଅନ୍ୟ ମାନେ ସହଯୋଗ କରିଥିଲେ ।

## ଗଣିଆ ମହୋତ୍ସବ ପ୍ରସ୍ତୁତି ବୈଠକ

**ଗଣିଆ, (ନି.ପ୍ର) :** ଗଣିଆ ରାମ ମନ୍ଦିର ପରିସରରେ ଲଙ୍କାପୋଡ଼ି ଯାତ୍ରା ଓ ଗଣିଆ ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଲଙ୍କାପୋଡ଼ି ଯାତ୍ରା କମିଟିର ସଭାପତି ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଉପାଧ୍ୟକ୍ଷ ରାଜକିଶୋର ସାହୁ, ୮ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତସଭ୍ୟ ଓ ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରା, ମହାବୀର ବଣିକ ସଂଘର ସଭାପତି ଦାଶରଥି ସାହୁ, ସମ୍ପାଦକ ପ୍ରଭାତ କୁମାର ଦାଶ, ମହାବୀର ମୋଟର ଆସୋସିଏସନର ସଭାପତି ରମାକାନ୍ତ ରାଉତ, ସମ୍ପାଦକ ପ୍ରକାଶ କୁମାର ସାହୁ, ଅଟୋ ଆସୋସିଏସନର ଶେଷଦେବ ବେହେରା ସମ୍ପାଦକ ସୁଶାନ୍ତ କୁମାର ବେହେରା, ସାମ୍ବାଦିକ ସଂଘର ସମ୍ପାଦକ କମଳ ଲୋଚନ ଦଳେଇ, ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ଅଖିଳ ବିହାରୀ ପାଣିଗ୍ରାହୀ, ରଘୁନାଥ ଜୀଉ ମନ୍ଦିର କମିଟିର ସମ୍ପାଦକ ଉଦ୍ୟନାଥ ସାହୁ, ମନ୍ଦିର ଟ୍ରଷ୍ଟିର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରାଙ୍କ ସମେତ ଲଙ୍କାପୋଡ଼ି ଯାତ୍ରା କମିଟିର ସମସ୍ତ କମକର୍ତାମାନେ ଉପସ୍ଥିତ ଥିଲେ । ନୂତନ ସଭାପତି ଉପସ୍ଥିତ ଥିବା ସମସ୍ତଙ୍କୁ ସର୍ବପ୍ରଥମେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ୧୯୭୩ ମସିହାରୁ ଆରମ୍ଭ ହୋଇଥିବା ଗଣିଆ ଲଙ୍କାପୋଡ଼ି ଯାତ୍ରା ଚଳିତ ବର୍ଷ ୫୩ ବର୍ଷରେ ପଦାର୍ପଣ କରିଥିବାରୁ ଗଣିଆ ଗ୍ରାମବାସୀଙ୍କ ତରଫରୁ ବଡ଼ ଧୁମଧାମରେ ପାଳନ କରିବା ପାଇଁ ସର୍ବ ସମ୍ମତିକ୍ରମେ ସଭାରେ ନିଷ୍ପତି ନିଆଯାଇଥିଲା । ତେବେ ଆସନ୍ତା ଏପ୍ରିଲ ୬ ତାରିଖରେ ଶ୍ରୀରାମ ନବମୀ ପଡୁଥିବାରୁ ସେହିଦିନଠାରୁ ୨୩ଦିନ ଧରି ରାମ ନାଟକ ପରିବେଷଣ କରାଯାଇ ରାବଣବଧ ଓ ଲଙ୍କାପୋଡ଼ି ଯାତ୍ରା ଅନୁଷ୍ଠିତ ହେବ । ଏପ୍ରିଲ ମାସ ୨୯ ତାରିଖରେ ଓଡ଼ିଶା ପ୍ରସିଦ୍ଧ ରାବଣ ପୋଡ଼ି ଉତ୍ସବ ବା ମୁଖ୍ୟ ଲଙ୍କାପୋଡ଼ି ଉତ୍ସବ ଅନୁଷ୍ଠିତ ହେବ । ୩୦ତାରିଖରେ ଶ୍ରୀରାମ ଅଭିଷେକ ହେବା ସହିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମେଲୋଡ଼ି ଅନୁଷ୍ଠିତ ହେବ । ୧ ତାରିଖରୁ ୩ତାରିଖ ପର୍ଯ୍ୟନ୍ତ ପ୍ରଥମଥର ପାଇଁ ଗଣିଆରେ ଗଣିଆ ମହୋତ୍ସବ ହେବାପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହୋଇଥିଲା । ଦଳବଳ ନିର୍ବିଶେଷରେ ସର୍ବସମ୍ମତିକ୍ରମେ ଗଣିଆରେ ଆଂଚଳିକସ୍ତରୀୟ ମହୋତ୍ସବ ହେବାପାଇଁ ନିଷ୍ପତି ନିଆଯାଇଥିଲା ।

## ବଢିଲା ଅରବିନ୍ଦ କେଜ୍ରିୱାଲଙ୍କ ଅଡୁଆ

**ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି):** ନିର୍ବାଚନ ପରାଜୟ ଦୁଃଖରୁ ବାହାରି ଥିବେ କି ନାହିଁ ଅରବିନ୍ଦ କେଜ୍ରିୱାଲଙ୍କୁ ଏକ ଝଟକା ଲାଗିଛି । 'ଶୀଶମହଲ'କୁ ନେଇ କେଜ୍ରିୱାଲଙ୍କ ଅଡୁଆ ବଢିଛି । ବିଜେପି କରିଥିବା ଅଭିଯୋଗ ଉପରେ ଆକ୍ସନ ନେଇଛନ୍ତି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ । 'ଶୀଶମହଲ'ର ତଦନ୍ତ ହେବ । ଅରବିନ୍ଦ କେଜ୍ରିୱାଲଙ୍କ ସରକାରୀ ବାସଭବନ ୬ ଫ୍ଲାଗଷ୍ଟାଫ ବଙ୍ଗଲୋ ନବୀକରଣର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ । ଦିଲ୍ଲୀ ଅମ୍ ଅଦମୀ ପାର୍ଟି ସୁପ୍ରିମୋ ତଥା ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଅଡୁଆ ବଢାଇଛି ତଥାକଥିତ 'ଶୀଶମହଲ' । ବିଜେପି କରିଥିବା 'ଶୀଶମହଲ' ଅଭିଯୋଗକୁ ନେଇ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ବିସ୍ତୃତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ନେଇ ଗତ ନଭେମ୍ବରରୁ ତଦନ୍ତ ଚାଲିଥିଲା । ପ୍ରାଥମିକ ରିପୋର୍ଟ ମିଳିବା ପରେ 'ଶୀଶମହଲ'ର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ସିପିଡବ୍ଲୁଡିକୁ ନିର୍ଦ୍ଦେଶ ଦେଇଛି ସିଭିସି । ୮ ଏକର ତଥା ୪୦ ହଜାର ବର୍ଗଫୁଟ ଜାଗାରେ ବିଳାସମୟ ବଙ୍ଗଲୋ ନିର୍ମାଣ ପାଇଁ ନିୟମ ଉଲ୍ଲଙ୍ଘନ ଅଭିଯୋଗ ହୋଇଥିଲା । ୨୦୧୫ରୁ ୨୦୨୪ ଯାଏ ଏହି ବଙ୍ଗଲୋରେ ରହୁଥିଲେ ଅରବିନ୍ଦ କେଜ୍ରିୱାଲ । ଗତବର୍ଷ ଅକ୍ଟୋବରରେ ପ୍ରକାଶିତ ପିଡବ୍ଲୁଡି ରିପୋର୍ଟକୁ ନେଇ ବିବାଦ ଉପୁଜିଥିଲା । ବିଜେନ୍ଦ୍ର ଗୁପ୍ତା ମୁଖ୍ୟମନ୍ତ୍ରୀ ଥିବା ସମୟରେ ଅରବିନ୍ଦ କେଜ୍ରିୱାଲ ରହୁଥିବା ବାସଭବନ ଅବୈଧରେ ନିର୍ମାଣ ହୋଇଥିବା ନେଇ ସିଭିସିରେ ଅଭିଯୋଗ କରିଥିଲେ । ବିଳାସମୟ ବଙ୍ଗଲୋ ନିର୍ମାଣ ନିୟମ ଉଲ୍ଲଙ୍ଘନ ହୋଇଛି ନା ନାହିଁ ତାର ପୁଙ୍ଖନାପୁଙ୍ଖ ତଦନ୍ତ ନେଇ ସିପିଡବ୍ଲୁଡିକୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ବିରାଟ ବଙ୍ଗଲୋ ସହିତ ୪ଟି ସରକାରୀ ସମ୍ପତ୍ତିର ସମିଶ୍ରଣକୁ ଅବୈଧ ଘୋଷଣା ଦାବି କରି ଗତ ୧୦ ତାରିଖରେ ଦିଲ୍ଲୀ ବିଜେପି ସଭାପତି ବିଜେନ୍ଦ୍ର ସଚ୍ଚିଦେବା ଉପରାଜ୍ୟପାଳଙ୍କୁ ଚିଠି ଲେଖିଥିଲେ । ବଙ୍ଗଲୋରେ ଷ୍ଟାଇଲିସ୍ ସାୱାର ଓ ବହୁ ଦାମୀ ଆସବାପତ୍ର ସରଞ୍ଜାମ ଲଗାଯାଇଥିବା ପିଡବ୍ଲୁଡି ରିପୋର୍ଟରେ ଦର୍ଶାଯାଇଥିଲା । ଦିଲ୍ଲୀ ବିଧାନସଭା ନିର୍ବାଚନୀ ପ୍ରଚାରରେ ଆପ୍ ଓ ଅରବିନ୍ଦ କେଜ୍ରିୱାଲକୁ ସମାଲୋଚନା କରିବା ସହ ସେହି ବଙ୍ଗଲୋକୁ 'ଶୀଶମହଲ' କହି କଟାକ୍ଷ କରିଥିଲା ।



## କୁମ୍ଭ ମେଳାର ଭକ୍ତ ସଂଖ୍ୟାକୁ ନେଇ ତେଜିଲା ରାଜନୀତି

**ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି):** ମହାକୁମ୍ଭମେଳାର ୩୪ତମ ଦିନରେ ମଧ୍ୟ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଛି । ପ୍ରୟାଗରାଜ ମହାକୁମ୍ଭରେ ଭକ୍ତଙ୍କ ସଂଖ୍ୟା ୫୧ କୋଟି ଅତିକ୍ରମ କରିଛି, ଶନିବାର (୧୫ ଫେବୃଆରୀ) ଅପରାହ୍ନ ସୁଦ୍ଧା ଏହା ୫୧ କୋଟି ଭକ୍ତଙ୍କ ସଂଖ୍ୟା ଅତିକ୍ରମ କରିସାରିଛି । ଏହି ସମୟରେ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମହାକୁମ୍ଭରେ ଭକ୍ତଙ୍କ ସଂଖ୍ୟାକୁ ନେଇ ଯୋଗୀ ସରକାରଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି । ଏସପି ମୁଖ୍ୟ ଅଖିଳେଶ ଯାଦବ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, ଆମେ ବିଶ୍ୱାସ କରୁଛୁ ଯେ ପ୍ରାୟ ୬୦ କୋଟି ଲୋକ ମହାକୁମ୍ଭରେ ସ୍ନାନ କରିଛନ୍ତି । ସରକାର କମ ସଂଖ୍ୟା ଦେଖାଉଛନ୍ତି କାରଣ ଆସନ୍ତାକାଲି ଯେତେବେଳେ ଅନ୍ତର୍ଜାତୀୟ ଗଣମାଧ୍ୟମ କିମ୍ବା ବିଶ୍ୱବିଦ୍ୟାଳୟ ଏହି ମେଳାର ପ୍ରଶାସନ ଏବଂ ପରିଚାଳନା ଅଧ୍ୟୟନ କରିବେ, ସେମାନେ ଜାଣିବେ ଯେ ଆସିଥିବା ଲୋକଙ୍କ ସଂଖ୍ୟା ଅନୁସାରେ ଉପଯୁକ୍ତ ପ୍ରଶାସନ ଏବଂ ପରିଚାଳନା କରାଯାଇ ନଥିଲା । ଯାହା ବିଜେପି ସରକାରଙ୍କ ବିଫଳତା । ତେଣୁ ମେଳା ବିଫଳ ହେବା ପରେ, ସେମାନେ ଜାଣିଶୁଣି କମ୍ ସଂଖ୍ୟା ଦେଖାଉଛନ୍ତି । ସେମାନେ ମଞ୍ଚରୁ ମେଳା ବିଷୟରେ କିଛି କହିପାରନ୍ତି, କିନ୍ତୁ ସେମାନଙ୍କ ହୃଦୟରେ ସେମାନେ ଏହା ମଧ୍ୟ ଜାଣନ୍ତି ଯେ ମେଳାର ବିଫଳତା ପଛରେ ସେମାନଙ୍କର ନିଜର ତ୍ରୁଟି ଥିଲା, ଯାହା ଯୋଗୁଁ ଦେଶ ଏବଂ ବିଶ୍ୱରେ ଉତ୍ତରପ୍ରଦେଶର ଛବିକୁ ବହୁତ ଆଘାତ ଲାଗିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଆହୁରି ଲେଖିଛନ୍ତି- ମେଳାର ଖରାପ ବ୍ୟବସ୍ଥା ଏବଂ କୋଡ଼ିଏ କିଲୋମିଟର ଚାଲିବାକୁ ବାଧ୍ୟ ହେବା ଯୋଗୁଁ ଲକ୍ଷ ଲକ୍ଷ ବୃଦ୍ଧ ଏଠାକୁ ଆସିପାରିଲେ ନାହିଁ । ଦରବୃଦ୍ଧି ଯୋଗୁଁ ଗରିବ ଲୋକମାନେ ଏଠାକୁ ପହଞ୍ଚି ପାରିଲେ ନାହିଁ ଏବଂ ପ୍ରୟାଗରାଜର ଲକ୍ଷ ଲକ୍ଷ ସ୍ଥାନୀୟ ବାସିନ୍ଦା ମଧ୍ୟ ଟ୍ରାଫିକ ଜାମ୍ ଏବଂ ଅତିଥିମାନଙ୍କ ଯୋଗୁଁ ସ୍ନାନ କରିପାରିଲେ ନାହିଁ । ତେଣୁ, ଆମର ଦାବି ହେଉଛି ଯେ ମେଳାରେ ବ୍ୟବସ୍ଥାକୁ ଆଉ କିଛି ଦିନ ପାଇଁ ବୃଦ୍ଧି କରାଯାଉ ଯାହା ଦ୍ୱାରା ସ୍ନାନରୁ ବଞ୍ଚିତ ବୃଦ୍ଧ, ଗରିବ କିମ୍ବା ପ୍ରୟାଗରାଜ ବାସିନ୍ଦାମାନେ ପୁଣ୍ୟ ଅର୍ଜନ କରିବାର ସୁଯୋଗ ପାଇପାରିବେ ।



ବାରବାଟୀ କ୍ରିକେଟ ଷ୍ଟାଡିୟମରେ ସେଲିବ୍ରିଟି କ୍ରିକେଟ୍ ଲିଗ୍ ମ୍ୟାଚରେ ଟସ୍ ପକାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

## ଏଫଆଇଏଚ୍ ହକି ପ୍ରୋଲିଗ୍: ଟିମ୍ ଇଣ୍ଡିଆ ନିରାଶ, ସଡନ୍ ଡେଥ୍‌ରେ ଜିତିଲା ଇଂଲଣ୍ଡ

ଭୁବନେଶ୍ୱର, ୧୬।୨: ଏଫଆଇଏଚ ହକି ପ୍ରୋଲିଗ ମ୍ୟାଚରେ ଭାରତକୁ ହରାଇଲା ଇଂଲଣ୍ଡ ଶେଷ ପର୍ଯ୍ୟନ୍ତ ମ୍ୟାଚ ହୋଇଥିଲା। ରୋମାଞ୍ଚକର ସଡନ୍ ଡେଥରେ ଭାରତକୁ ପରାସ୍ତ କରିଛି। ଇଂଲଣ୍ଡ ମ୍ୟାଚର ସମସ୍ତ କ୍ୱାଟରରେ ରୋମାଞ୍ଚକର ମ୍ୟାଚ ଦେଖିବାକୁ ମିଳିଥିବାବେଳେ ଶେଷ ସୁଦ୍ଧା ସ୍କୋର ୨-୨ ଗୋଲରେ ବରାବର ରହିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସୁଟ ଆଉଟରେ ମଧ୍ୟ ସ୍କୋର ସମାନ ରହିବା ପରେ ସଡନ ଡେଥରେ ବିଜୟ ହାସଲ କରିଛି। ଇଂଲଣ୍ଡ ମହିଳା ଦଳ ଭାରତୀୟ ଦଳ ସୁଟଆଉଟ ଅନେକ ସୁଯୋଗ ହାତଛଡ଼ା କରିଥିବା ବେଳେ ଆଗକୁ କମବ୍ୟାକ କରିବାକୁ ଆଶାବାଦୀ ରହିଛନ୍ତି।

### ୪୬ତମ ସର୍ବ ଭାରତୀୟ ବୃହତ ବନ୍ଦର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

# ପାରାଦୀପ ବନ୍ଦର ଚାମ୍ପିଅନ

ପାରାଦୀପ, ୧୬।୨: ପାରାଦୀପ ବନ୍ଦର ପ୍ରାଧିକରଣ ଓ ଅଖିଳ ଭାରତ ବୃହତ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ୪୬ତମ ସର୍ବ ଭାରତୀୟ ବୃହ ବନ୍ଦର ଫୁଟବଲ ପ୍ରତିଯୋଗିତାର ରବିବାର ଦିନ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ପାରାଦୀପ ବନ୍ଦର ଏବଂ ଭିଓ ଚିଦାମ୍ବରନାର ବନ୍ଦରକୁ ପେନାଲ୍ଟୀ ଶୁଟ ଆଉଟ୍ ବଳରେ ୫-୪ ଗୋଲ ବ୍ୟବଧାନରେ ପରାସ୍ତ କରି ଚମ୍ପିଅନ ହୋଇଛି।



ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଗୋଲ ଦେଇ ନପାରିବାରୁ ପେନାଲ୍ଟି ସୁଟ ଆଉଟ୍ କରାଯାଇଥିଲା।

ବନ୍ଦରର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି ଏନ୍ ସୋଣ୍ଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଯୋଗଦେଇ ବିଜୟୀ ଓ ରନରଅର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା, ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ, ସିଏମଇ ସୁଶିଲ ନାହାକ, ସିଆଇଏସଏଫ୍ କାମାଣ୍ଡାଣ୍ଟ ଅକ୍ଷତ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଖେଳାଳି ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଗୋପବନ୍ଧୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ସର୍ବପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଉଲ୍ଲେଖନୀୟ ଏହିକି ଯେ ଏହି ବର୍ଷ ବନ୍ଦର ସେବାରୁ ଅବସର ଗ୍ରହଣ କରୁଥିବା ବିଭିନ୍ନ ବନ୍ଦରର ଫୁଟବଲ ଖେଳାଳୀ ମାନଙ୍କୁ ପାରାଦୀପ ବନ୍ଦର ତରଫରୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ରଞ୍ଜନ ରଶ୍ମି ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଫୁଟବଲ କୋଚ ରବି ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମାର୍ଚ୍ଚ ୨୨ରୁ ଆଇପିଏଲ୍, ମେ ୨୫ରେ ଫାଇନାଲ୍

ନୂଆଦିଲ୍ଲୀ, ୧୬।୨: ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୮ତମ ସଂସ୍କରଣ ଅର୍ଥାତ ଆଇପିଏଲ୍ ୨୦୨୫ର କ୍ରୀଡ଼ାସୂଚୀ ଘୋଷଣା ହୋଇଛି। ଆଇପିଏଲ୍ ୨୦୨୫ର ପ୍ରଥମ ମ୍ୟାଚ୍‌ରେ ମୁହାଁମୁହିଁ ହେବେ। କୋଲକାତା ନାଇଟ୍ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏହି ଉଦଘାଟନୀ ମ୍ୟାଚ୍ ମାର୍ଚ୍ଚ ୨୨ରେ କୋଲକାତାର ଘରୋଇ ପଡ଼ିଆ ଇଡେନ ଗାର୍ଡେନ୍ସରେ ଖେଳାଯିବ। ଫାଇନାଲ୍ ମ୍ୟାଚ୍ ମେ ୨୫ରେ ଖେଳାଯିବ।



ଆଇପିଏଲ୍ ୨୦୨୫ ଦେଶର ୧୩ଟି ସହରରେ ୧୦ଟି ଦଳ ମଧ୍ୟରେ ଖେଳାଯିବ ଏଥର ସଂସ୍କରଣରେ ନକଆଉଟ୍ ଓ ପ୍ଲେଅଫ୍‌କୁ ମିଶାଇ ମୋଟ୍ ୭୪ଟି ମ୍ୟାଚ୍ ଖେଳାଯିବ। ମାର୍ଚ୍ଚ ୨୨ରୁ ମେ ୧୮ ତାରିଖ ପର୍ଯ୍ୟନ୍ତ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳା ଯାଉଥିବା ବେଳେ ଉଦଘାଟନୀ ମ୍ୟାଚ୍ ସହ କ୍ୱାଲିଫାୟର ୨ ଓ ଫାଇନାଲ୍ ମ୍ୟାଚ୍ ଇଡେନ ଗାର୍ଡେନ୍ସରେ ଖେଳାଯିବ। କ୍ୱାଲିଫାୟର-୧ ଓ ଏଲିମିନେଟର ମୁକାବିଲା ହାଇଦ୍ରାବାଦରେ ଆୟୋଜିତ ହେବ।

ଯେଉଁ ଦିନ ଦୁଇଟି ମ୍ୟାଚ୍ ଖେଳାଯିବ, ସେହି ଦିନ ପ୍ରଥମ ମ୍ୟାଚ୍ ଅପରାହ୍ନ ୩ଟା ୩୦ରେ ଏବଂ ଦ୍ୱିତୀୟ ମ୍ୟାଚ୍ ରାତି ୭ଟା ୩୦ରୁ ଆରମ୍ଭ ହେବ। ଏଥର ଆଇପିଏଲରେମୋଟ୍ ୧୨ଟି ଡବଲ ହେଡର ମୁକାବିଲା ଖେଳାଯିବ ସବୁ ଡବଲ ହେଡର ମ୍ୟାଚ୍ ଶନିବାର ଓ ରବିବାର ଖେଳାଯିବ ଯେଉଁ ୧୩ ସହରରେ ମ୍ୟାଚ୍ ଖେଳାଯିବ ଏଥିରେ ଲକ୍ଷ୍ନୌ, ମୁମ୍ବାଇ, ହାଇଦ୍ରାବାଦ, ଚେନ୍ନାଇ, ଅହମ୍ମଦାବାଦ, ବିଶାଖାପଟନମ, ଗୌହାଟୀ, ବେଙ୍ଗାଲୁରୁ, ନ୍ୟୁ ଚଣ୍ଡିଗଡ଼, ଜୟପୁର, ଦିଲ୍ଲୀ, କୋଲକାତା ଓ ଧର୍ମଶାଳା ସାମିଲ । ଆଇପିଏଲ ୨୦୨୫ର ଦ୍ୱିତୀୟ ମ୍ୟାଚ୍ ୨୩ ମାର୍ଚ୍ଚରେ ସନରାଇଜର୍ସ ହାଇଦ୍ରାବାଦ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯିବ। ଏହି ଦିନ ଦ୍ୱିତୀୟ ମ୍ୟାଚ୍‌ରେ ମୁହାଁମୁହିଁ ହେବେ ଆଇପିଏଲ୍ ଇତିହାସର ଦୁଇ ବଡ଼ ଟିମ୍ ଚେନ୍ନାଇ ସୁପର କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ସଂସ୍କରଣରେ ଚେନ୍ନାଇ ଓ ମୁମ୍ବାଇ ପରସ୍ପରକୁ ଦୁଇ ଥର ଭେଟିବେ। ପ୍ରତିବର୍ଷ ର ପ୍ରଥମ ମ୍ୟାଚ୍ ପୂର୍ବ ସିଜିନର ଫାଇନାଲ ଖେଳିଥିବା ଦୁଇ ଦଳ ମଧ୍ୟରେ ଖେଳାଯାଏ, କିନ୍ତୁ ଏଥର ଏହାର ବ୍ୟତିକ୍ରମ ଦେଖାଯାଉଛି। ୨୦୨୪ ଫାଇନାଲ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦ ମୁହାଁମୁହିଁ ହୋଇଥିଲେ। କିନ୍ତୁ ଆଇପିଏଲ ୨୦୨୫ର ପ୍ରଥମ ମ୍ୟାଚ୍ ଏବଂ ମଧ୍ୟରେ ଖେଳାଯିବ।



ଶ୍ରୀକ୍ଷେତ୍ର ପୁରୀରେ ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ରବିବାର ଆଗାମୀ ଇଣ୍ଡିଆନ୍ ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ୍ ର ଟ୍ରଫି ମହାପ୍ରଭୁ ଜଗନ୍ନାଥ ମନ୍ଦିରକୁ ନିଆଯାଇଥିଲା ।ସେଠାରେ ସେବାୟତମାନେ ଟ୍ରଫିକୁ ପୂଜାର୍ଚ୍ଚନା କରିଥିଲେ। ଟ୍ରଫି ଦେଖିବା ପାଇଁ ସେଠାରେ ବହୁ ସଂଖ୍ୟାରେ ଲୋକ ଜମା ହୋଇଥିଲେ।

# ୨୦ରୁ ଜାତୀୟ ସିନିୟର ପୁରୁଷ କବାଡି

ଭୁବନେଶ୍ୱର, ୧୬।୨: ଓଡିଶା କବାଡି ସଂଘ ଆନୁକୂଲ୍ୟରେ ତଥା ଓଡିଶା ସରକାରଙ୍କ କ୍ରୀଡା ବିଭାଗ ସହଯୋଗରେ ଫେବୃଆରୀ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ କଟକର ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଜାତୀୟ ସିନିୟର ପୁରୁଷ କବାଡି ପ୍ରତିଯୋଗିତା-୨୦୨୫ ଆୟୋଜିତ ହେବ। ଏନେଇ ଘୋଷଣା କରିଛନ୍ତି ଓଡିଶା କବାଡି ସଂଘର କର୍ମକର୍ତ୍ତାମାନେ ।

ଆଜି ବାରବାଟୀ କବାଡି କମ୍ପ୍ଲେକ୍ସରେ ଓଡିଶା କବାଡି ସଂଘର ସଭାପତି ଡ. ଶରତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରେସ୍ ବିଜ୍ଞପ୍ତିରେ ଅଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ, ସଂଘର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଅଜୟ ବେହେରା, ରୁଚି ମସଲାର ନିର୍ଦ୍ଦେଶିକା ରଶ୍ମି ସାହୁ, ଯୁଗ୍ମ ସଂମ୍ପାଦିକା ଜୟଶ୍ରୀ ସ୍ୱାଇଁ, ବିଶିଷ୍ଟ ଚଳଚିତ୍ର ଅଭିନେତା ତଥା ଚଳିତ ବର୍ଷ କବାଡିର ବ୍ରାଣ୍ଡ ଆମ୍ବାସଡର ଶ୍ରୀତମ୍ ଦାସ, ଅନ୍ତର୍ଜାତୀୟ କବାଡି ଖେଳାଳି ତଥା ଓଡିଶା କବାଡି ଦଳର ପ୍ରଶିକ୍ଷକ ଭୀମ ବରଦା, ଓଡିଶା ଅଲମ୍ପିକସଂଘର ସଂପାଦକ ଅଭିଜିତ ପାଲ, କବାଡି ସଂଘର ବରିଷ୍ଠ ସଭ୍ୟ ଜ୍ଞାନ ରଂଜନ ପରିଡା, ମହମ୍ମଦ ସହିଦ ଜବ୍ବାର, ପ୍ରଶାନ୍ତ ଜେନା ଏବଂ ଚଳିତ ବର୍ଷର ଇଭେଣ୍ଟ କମିଟିର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା, ସଦସ୍ୟ ସତ୍ୟବ୍ରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମଥର ପାଇଁ ଭାରତର ଆମେଚର କବାଡି ଫେଡେରେସନ ଦିଗ୍‌ଦର୍ଶନରେ ଓଡିଶାରେ ଏହି କବାଡି ମହାକୁମ୍ଭ ଆୟୋଜନ କରାଯାଉଥିବା ବେଳେ ୩୦ଟି ରାଜ୍ୟ ଓ ୪ ବିଭାଗୀୟ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ୪୫୦ରୁ ଊର୍ଦ୍ଧ୍ୱ ପ୍ରତିଭାବାନ କବାଡି ଖେଳାଳିମାନେ ଏହି ସିନିୟର୍ ପ୍ରତିଯୋଗିତାରେ ପ୍ରତିନିଧି କରୁଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ପ୍ରୋକବାଡି ଖେଳାଳି ମଧ୍ୟ ଅଂଶଗ୍ରହଣ କରିବେ

ଓଡିଶା ସରକାରଙ୍କ କ୍ରୀଡାବିଭାଗ ୭୧ତମ ଜାତୀୟ ସିନିୟର କବାଡି ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ସମସ୍ତ ପ୍ରକାର ସହଯୋଗ କରୁଥିବାବେଳେ ଏହି ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୂଚାରୁ ରୂପେ କରାଯାଉଛି ବୋଲି ପ୍ରକାଶ କରିଥିଲେ। ସଂଘର ସଭାପତି ଫେବୃୟାରୁ ୨୦ ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତହେବାକୁ ଥିବା ଏହି କବାଡି ମହାକୁମ୍ଭ ଦେଖିବା ପାଇଁ ଇଚ୍ଛୁକ ଦର୍ଶକ, କ୍ରୀଡାପ୍ରେମୀମାନେ ଇଣ୍ଡୋର ଷ୍ଟାଡିଅମ୍, ବାରବାଟୀ କବାଡି କମ୍ପଲେକ୍ସ, ଓଡିଶା କବାଡି ସଂଘ, ରୁଚି ପ୍ରୋଜିଟ ଆଉଟଲେଟ୍‌ଠାରେ ପାସ୍ ସଂଗ୍ରହ କରିପାରିବେ।

# ମ୍ୟାଚ୍ ପୂର୍ବରୁ ପାକିସ୍ତାନ ପାଇଁ ଖୁସି ଖବର

କରାଚୀ, ୧୬।୨: ପାକିସ୍ତାନ ଫାଷ୍ଟ ବୋଲର ହାରିସ ରୌଫ ଆଘାତଜନିତ ସମସ୍ୟାରୁ ମୁକ୍ତି ପାଇଛନ୍ତି। ତେଣୁ ସେ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ନ୍ୟୁଜିଲାଣ୍ଡ ବିପକ୍ଷ ଓପନିଂ ମ୍ୟାଚ୍‌ରେ ଖେଳିବା ନେଇ ବଡ଼ ସୂଚନା ମିଳିଛି। ଫଳରେ ଚାମ୍ପିୟନ୍ସ ଟ୍ରଫର ଓପନିଂ ମ୍ୟାଚ୍ ପୂର୍ବରୁ ପାକିସ୍ତାନ ପାଇଁ ଆସିଛି ଖୁସି ଖବର।



ଚଳିତ ତ୍ରିରାଷ୍ଟ୍ରୀୟ ସିରିଜରେ ହାରିସଙ୍କ ଛାତି ନିମ୍ନ ଭାଗ ମାଂସପେଶୀରେ ସମସ୍ୟା ଦେଖା ଦେଇଥିଲା। ହାରିସ ହେଉଛନ୍ତି ପାକିସ୍ତାନ ଅନ୍ୟତମ ପ୍ରମୁଖ ବୋଲର ମିଡଲ ଓଭରରେ ଉଇକେଟ ନେବାର ସାମର୍ଥ୍ୟ ତାଙ୍କ ନିକଟରେ ରହିଛି। ଆଘାତପ୍ରାପ୍ତ ଥିବା ସତ୍ତ୍ୱେ ଚୟନକର୍ତ୍ତାମାନେ ହାରିସଙ୍କୁ ଦଳରେ ସ୍ଥାନ ଦେଇଥିଲେ। କେବଳ ସେତିକି ନୁହେଁ ତାଙ୍କର ବିକଳ୍ପ ଭାବେ ଆକିଫ୍ ଜାଭେଦଙ୍କୁ ରଖିଥିଲେ। ହାରିସ ୪୬ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଖେଳି ୮୩ ଉଇକେଟ ଅକ୍ତିଆର କରିଛନ୍ତି। ଏହାଛଡ଼ା ୭୯ ଅନ୍ତର୍ଜାତୀୟ ଟି୨୦ରେ ସେ ୧୧୦ ଉଇକେଟ ହାସଲ କରିଛନ୍ତି।ସେ ନିଜକୁ ଜଣେ ହ୍ୱାଇଟ୍ ବଲ ସ୍ପେଶାଲିଷ୍ଟ ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ପାକିସ୍ତାନର ପୂର୍ବତନ ପେସ୍ ବୋଲର ମହମ୍ମଦ ଅମିର ଶନିବାର ଏକ ଟିଭି ଚ୍ୟାନେଲକୁ ତାଙ୍କର ଏକ ସାକ୍ଷାତକାରରେ ଚାମ୍ପିୟନ୍ସ ଟ୍ରଫି ଦୃଷ୍ଟିରୁ ହାରିସଙ୍କ ଫିଟ୍‌ନେସକୁ ନେଇ ଚିନ୍ତା ପ୍ରକଟ କରିଥିଲେ।ପେସ୍ ବୋଲର ଜଣକ ଯଦି ପାର୍ଶ୍ୱ ଯନ୍ତ୍ରଣାର ଶିକାର ହୋଇଥାନ୍ତି। ତେବେ ତାଙ୍କୁ ସୁସ୍ଥ ହେବା ଲାଗି ୫ରୁ ୬ ସପ୍ତାହ ସମୟ ଲାଗିବ ତ୍ରିରାଷ୍ଟ୍ରୀୟ ସିରିଜରେ ପାକିସ୍ତାନ ଶୁକ୍ରବାର ଫାଇନାଲ ସମେତ ନ୍ୟୁଜିଲାଣ୍ଡ ବିପକ୍ଷରେ ଦୁଇଥର ପରାଜିତ ହୋଇଛି। ଗତଥରେ ଚାମ୍ପିୟନ ଦଳ ହୋଇଥିବାରୁ ପାକିସ୍ତାନ। ଏହାର ଓପନିଂ ମ୍ୟାଚରେ ବିଜୟ ସହ ଅଭିଯାନ ଆରମ୍ଭ କରିବ।

# ମେଜର ଲିଗ୍ କ୍ରିକେଟ୍‌ରୁ ବାଦ୍ ପଡ଼ିଲେ ବହୁ ଷ୍ଟାର୍

ନୂଆଦିଲ୍ଲୀ, ୧୬।୨(ଏଜେନ୍ସି): ବର୍ତ୍ତମାନ ସମୟରେ କ୍ରିକେଟ ଜଗତରେ କେବଳ ଚାମ୍ପିଅନ୍ସ ଟ୍ରଫି ୨୦୨୫କୁ ନେଇ ଚର୍ଚ୍ଚା ହେଉଛି। ସାରା ବିଶ୍ୱର କ୍ରିକେଟ ପ୍ରେମୀ ଏହାକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି।ଏଥିରେ ଅନେକ ବଡ଼ ଖେଳାଳି ଖେଳିବାର ନଜର ଆସିବେ ହେଲେ। ଏବେ ଏହି ଟୁର୍ନାମେଣ୍ଟରେ ଖେଳୁଥିବା ଅନେକ ଖେଳାଳିଙ୍କୁ ଏକ ବଡ଼ ଝଟ୍‌କା ଲାଗିଛି। ମେଜର ଲିଗ୍ କ୍ରିକେଟ୍‌ର ପରବର୍ତ୍ତୀ ସିଜିନର ଡ୍ରାଫ୍ଟ ପୂର୍ବରୁ, ଫ୍ରାଞ୍ଚାଇଜ ଖେଳାଳିମାନଙ୍କୁ ରିଟେନ ଏବଂ ରିଲିଜ କରିଛି ମୁକ୍ତ ହେବାକୁ ଥିବା ଖେଳାଳିମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍, ପ୍ୟାଟ୍ କମିନ୍ସଙ୍କଠାରୁ ଆରମ୍ଭ କରି ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ଏବଂ ଡେଭିଡ ମିଲର୍ ପ୍ରମୁଖ ସାମିଲ ଅଛନ୍ତି।

ମେଜର୍ କ୍ରିକେଟ ଲିଗ ଏକ ଆମେରିକୀୟ ଲିଗ ଏପର୍ଯ୍ୟନ୍ତ ଏହାର ଦୁଇଟି ସିଜିନ ଖେଳାଯାଇଛି। ଚଳିତ ବର୍ଷ ତୃତୀୟ ସିଜିନ ଖେଳାଯିବ। ୧୯ ଫେବୃଆରୀରେ ଡ୍ରାଫ୍ଟ ଆୟୋଜିତ ହେବ। ହେଲେ ଏହା ପୂର୍ବରୁ ଦଳଗୁଡ଼ିକ ଖେଳାଳିମାନଙ୍କୁ ରିଟେନ ଏବଂ ରିଲିଜ କରିଛନ୍ତି। ଅନେକ ଷ୍ଟାର ଖେଳାଳିଙ୍କୁ ବାଦ୍ ଦିଆଯାଇଛି। ଡେଭିଡ ମିଲର, ଶାକିବ ଅଲ ହାସନ୍, ଆଡାମ ଜାମ୍ପା ଏବଂ ଜାସନ ରୟଙ୍କୁ ଏଲଏ ନାଇଟ ରାଇଡର୍ସରୁ ବାଦ ଦିଆଯାଇଛି। ଡାରିଲ ମିଚେଲ, ମିଚେଲ ସାଣ୍ଟନର, ମାଥିଶା ମାଥିରାନା ଏବଂ ନବୀନ-ଉଲ-ହକ ଟେକ୍ସାସ ସୁପର କିଙ୍ଗ୍ସର ଅଂଶ ନୁହଁନ୍ତି।

ସାନ ଫ୍ରାନ୍ସିସ୍କୋ ୟୁନିକର୍ଣ୍ଣସ ଦଳ ମ୍ୟାଟ ହେନରୀ, ଜୋଶ ଇଙ୍ଗଲିସ ଏବଂ ପ୍ୟାଟ୍ କମିନ୍ସଙ୍କୁ ବାଦ ଦେଇଛି। ଡିଫେଣ୍ଡିଂ ଚାମ୍ପିଅନ ୱାଶିଂଟନ ଫ୍ରିଡମ ଟ୍ରାଭିସ ହେଡଙ୍କୁ ବାଦ ଦେଇଛି। ସିଆଟେଲ ଅର୍କାସ ମାଇକେଲ ବ୍ରେସଲେ, ଓବେଡ ମ୍ୟାକକୟ, କ୍ରିଷ୍ଟନ ଡି କକ ଏବଂ ନାଣ୍ଡ୍ରେ ବର୍ଗରଙ୍କୁ ରିଲିଜ କରିଛନ୍ତି। ଏମଆଇ ନ୍ୟୁୟର୍କ ଦଳ ଏନରିକ ନୋର୍ଖିଆ, କାଗିସୋ ରାବାଡା, ଟିମ୍ ଡେଭିଡ୍ ଏବଂ ଡୋଲ୍ଡ ବ୍ରେଭିସ୍‌ଙ୍କୁ ବାଦ ଦେଇଛି।

ଏହି ଖେଳାଳିମାନଙ୍କୁ ୨୦୨୫ ପାଇଁ ରଖାଯାଇଥିଲା।

ସାନ ଫ୍ରାନ୍ସିସ୍କୋ ୟୁନିକର୍ନ: କାର୍ମି ଲେ ରକ୍ସ, ବ୍ରୋଡି କାଉଚ୍, ହାରିସ ରୌଫ, ଫିନ ଆଲେନ୍, ଜେକ ଫ୍ରେଜର-ମ୍ୟାକଗର୍କ, ମାଥ୍ୟୁ ସର୍ଟ, କୋରି ଆଣ୍ଡରସନ, ହାସନ ଖାନ, ଲିଆମ ପ୍ଲଙ୍କେଟ, କରିମା ଗୋର୍, ଜୁଆନୟ ଡ୍ରାଇସଡେଲ ଏବଂ ସଞ୍ଜୟ କୃଷ୍ଣମୂର୍ତ୍ତି।

ସିଆଟେଲ ଅରକାସ: ହେନରିକ କ୍ଲାସେନ, ରିଆନ ରିକେଲଟନ, ହରମିତ ସିଂହ, କାମେରୁନ ଗାନନ, ଆରନ ଜୋନ୍ସ, ଅଲି ଶେଖ ଏବଂ ଆୟନ ଦେଶାଇ।

ଟେକ୍ସାସ ସୁପର କିଙ୍ଗ୍ସ: ମହମ୍ମଦ ମୋହସିନ, ଜିଆ-ଉଲ-ହକ, ଜୋଶୁଆ ଟ୍ରମ୍ପ, କାଲଭିନ ସାଭେଜ, ମିଲିନ୍ଦ କୁମାର, ଡେଭନ କନୱ୍ୱେ, ନୁର ଅହମ୍ମଦ, ମାର୍କସ ଷ୍ଟୋଇନିସ, ସାଇତେଜା ମୁକ୍କାମାଲ୍ଲା ଏବଂ ଫାଫ ଡୁ ପ୍ଲେସିସ।

ଏଲଏ ନାଇଟ ରାଇଡର୍ସ: ଶାଡଲି ଭାନ ଶାଲକିକ, ମାଥ୍ୟୁ ଟ୍ରମ୍ପ, ଅଲି ଖାନ, କର୍ଣ୍ଣ ଡ୍ରାଏ, ସୈଫ ବଦର, ସ୍ପେନ୍ସର ଜନସନ, ଆଣ୍ଡ୍ରେ ରସେଲ, ସୁନୀଲ ନାରିନ, ଆଦିତ୍ୟ ଗଣେଶ, ଉନ୍ମୁକ୍ତ ଚାନ୍ଦ ଏବଂ ନୀତିଶ କୁମାର।

ଏମଆଇ ନ୍ୟୁୟର୍କ: ରସିଦ ଖାନ, ଟ୍ରେଣ୍ଟ ବୋଲ୍ଟ, ଏହସାନ ଆଦିଲ, ନୋସ୍ଥୁସ କେଞ୍ଜିଗେ, ନିକୋଲାସ ପୁରନ, ମୋନାଙ୍କ ପଟେଲ, ହିଥ ରିଚାର୍ଡସ, ରୁଶିଲ ଉଗରକର, ସନି ପଟେଲ ଏବଂ କିରନ ପୋଲାର୍ଡ।

ୱାଶିଂଟନ ଫ୍ରିଡମ: ସୌରଭ ନେତ୍ରଭାଲକର, ଲାହିରୁ ମିଲାନ୍ଥୁ, ୟାସିର ମହମ୍ମଦ, ମାର୍କୋ ଜେନସେନ, ଷ୍ଟିଭେନ ସ୍ମିଥ, ଜ୍ୟାକ ଏଡାର୍ଡସ, ଆଣ୍ଡ୍ରିସ ଗୌସ, ମୁଖତାର ଅହମ୍ମଦ, ଓବାସ ପିନାର, ଗ୍ଲେନ ମ୍ୟାକ୍ସଲେ, ଇଆନ ହଲାଣ୍ଡ, ଅମିଲା ଆପୋନ୍ସୋ, ଜଷ୍ଟିନ ଡିଲ, ଲକି ଫର୍ଗୁସନ ଏବଂ ରାଚିନ ରବିନ୍ଦ୍ର।

# ‘ମୁଁ ଗର୍ଭବତୀ ନାହିଁ, ମୋ ପାଇଁ ବାଦ ପଡ଼ିନାହାନ୍ତି ଷ୍ଟାର୍କ’

ନୂଆଦିଲ୍ଲୀ, ୧୬।୨(ଏଜେନ୍ସି): ଚାମ୍ପିଅନ୍ସ ଟ୍ରଫିରୁ ଅଷ୍ଟ୍ରେଲିୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ବାଦ ପଡ଼ିବାକୁ ନେଇ ଏକ ଭିନ୍ନ ପ୍ରକାରର ବିବାଦ ସୃଷ୍ଟି ହୋଇଛି। ଏହି ବିବାଦ ପରେ, ଷ୍ଟାର୍କଙ୍କ ପତ୍ନୀ ଆଲିସା ହିଲି, ଯିଏ ନିଜେ ଅଷ୍ଟ୍ରେଲିଆ ମହିଳା ଦଳର ଅଧିନାୟିକା, ତାଙ୍କୁ ସ୍ପଷ୍ଟୀକରଣ ପାଇଁ ଆଗକୁ ଆସିବାକୁ ପଡିଛି। ଆଲିସା ହିଲି କହିଛନ୍ତି ଯେ ତାଙ୍କ ସ୍ୱାମୀ ଷ୍ଟାର୍କଙ୍କ ଚାମ୍ପିଅନ୍ସ ଟ୍ରଫିରୁ ଓହରିଯିବାର କାରଣ ପରିବାର ସମ୍ବନ୍ଧୀୟ ନୁହେଁ ହିଲି ତାଙ୍କ ଗର୍ଭଧାରଣ ବିଷୟରେ ମଧ୍ୟ କହିଛନ୍ତି।



ମିଚେଲ ଷ୍ଟାର୍କ ସମ୍ପ୍ରତି ବର୍ଡର-ଗାଭାସ୍କର ଟ୍ରଫିର ସମସ୍ତ ୫ଟି ଟେଷ୍ଟ ମ୍ୟାଚ୍ ଏବଂ ଶ୍ରୀଲଙ୍କା ଗସ୍ତରେ ୨ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଏହା ପରେ, ସେ ୧୯ ଫେବୃଆରୀରୁ ଅନୁଷ୍ଠିତ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପାଇଁ ଦଳରୁ ଓହରିଗଲେ କ୍ରିକେଟ୍ ଅଷ୍ଟ୍ରେଲିଆ। ତାଙ୍କ ବାଦ ପଡିବା କାରଣକୁ ’ବ୍ୟକ୍ତିଗତ’ ବୋଲି ଦର୍ଶାଇଛି। ଏହା ଅନେକ ଆଲୋଚନାକୁ ଜନ୍ମ ଦେଉଛି । ଆଲିସା ହିଲି ଏକ ପୋଡକାଷ୍ଟରେ ହସି କହିଥିଲେ ଯେ ମୁଁ ଜାଣିନାହିଁ ମୁଁ ଏପର୍ଯ୍ୟନ୍ତ ତାଙ୍କ ସହ ଏ ବିଷୟରେ କଥା ହୋଇନାହିଁ ’ମୁଁ ଠିକ୍ ଅଛି’ ହେଡ୍ସ (ବ୍ରାଡ୍ ହାଡିନ୍) କହିଥିଲେ। ଯେ ମୁଁ ଗର୍ଭବତୀ ଥାଇପାରେ। କିନ୍ତୁ ମୁଁ ଗ୍ୟାରେଣ୍ଟି ଦେଉଛି ଯେ ଏହା ସତ୍ୟ ନୁହେଁ’ ୩୪ ବର୍ଷୀୟା ଆଲିସା ହିଲି ଅଷ୍ଟ୍ରେଲିଆର ଜଣେ କ୍ରିକେଟର ସେ ଅଷ୍ଟ୍ରେଲିଆ ପାଇଁ ୧୧୫ଟି ଦିନିକିଆ, ୧୬୨ଟି ଟି-୨୦ ଏବଂ ୧୦ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି।

ଚୟନ କମିଟି ଅଧ୍ୟକ୍ଷ ଜର୍ଜ ବେଲି କହିଛନ୍ତି ଯେ ଦଳରୁ ମିଚେଲ ଦୂରେଇ ରହିବା ନିରାଶାଜନକ, କିନ୍ତୁ ଏହା ଅନ୍ୟ ଖେଳାଳିମାନଙ୍କ ପାଇଁ ମଧ୍ୟ ଏକ ସୁଯୋଗ ଦଳ ଷ୍ଟାର୍କଙ୍କ ନିଷ୍ପତ୍ତିକୁ ସମ୍ମାନ ଦିଏ ଷ୍ଟିଭ୍ ସ୍ମିଥ୍ ଚାମ୍ପିଅନ୍ସ ଟ୍ରଫିରେ ଅଷ୍ଟ୍ରେଲିଆର ଅଧିନାୟକ ହେବେ। ଦଳରେ ସ୍ପେନ୍ସର ଜନସନ, ନାଥନ ଏଲିସ୍, ସାମ୍ ଆବୋଟ୍ ଭଳି ଯୁବ ବୋଲର ଅଛନ୍ତି ଅଲରାଉଣ୍ଡର ମାର୍କସ୍ ଷ୍ଟୋଇନିସ୍ ହଠାତ ଅବସର ନେବା ପରେ ଆରୋନ୍ ହାର୍ଡିଙ୍କୁ ଦଳରେ ସାମିଲ କରାଯାଇଛି।

## ବିଚାରପତି ଓ ଆଇନଜୀବୀଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ

ବାମନାଳ, ୧୬।୨(ଏଜେନ୍ସି): ପୁରୀ ଜିଲ୍ଲା ନିମାପଡ଼ା ବାରବାଟି ପଡ଼ିଆଠାରେ ରବିବାର ନିମାପଡ଼ା ବିଚାର ବିଭାଗ ଓ ଆଇନଜୀବୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି।ପ୍ରଥମେ ଆଇନଜୀବୀ ସଂଘର ବ୍ୟାଟିଙ୍ଗ କରି ୨୦ ଓଭରରେ ୧୧୮ ରନ୍ କରିଥିବାବେଳେ ତାର ଜବାବରେ ନିମାପଡ଼ା କୋର୍ଟ ବିଚାରପତି ବିଭାଗ ଟିମ୍ ୧୬ ଓଭରରେ ୧୨୨ ରନ୍ କରି ବିଜୟୀ ହୋଇଛି।

ଏହି ଅବସରରେ ଅତିରିକ୍ତ ଜିଲ୍ଲା ଜଜ୍ ସୌମେକ୍ ପାତ୍ର,ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସମ୍ପାଦକ ଅମିତ କୁମାର ବାରିକ ଅଂଶ ଗ୍ରହଣ କରିଥିବା ବେଳେ ଅତିଥିଭାବେ ସିଭିଲ ଜଜ୍ ଜୁନିଅର ଡିଭିଜନ ସୌମ୍ୟା ରାଓ, ଜେ ଏମ ଏଫ୍ ସି ସୌରଭ ସାଗର ପ୍ରଧାନ, ସବ-ଜଜ୍ ସଂଘମିତ୍ରା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ